
ଗଭୀର ଦେଖା ପରେ

ପ୍ରକାଶ ପରିଚାଳନା :—

**ଶ୍ରୀ ରଣଜିତ ସିଂହ, ବି. ଏ. (ଅନର୍ସ), ଡ଼. ଇଡ଼.**

ବାଲୁବଜାର, କଟକ-୨

ପ୍ରଥମ ପ୍ରକାଶ

୧୯୭୦—ଡିସେମ୍ବର

ସଂଖ୍ୟା—୧୦୦୦

ମୂଲ୍ୟ— ଟ୧.୫୦

**ଏକଟଙ୍କା ପଚାଶ ପଇସା ମାତ୍ର**

ମୁଦ୍ରକ :—

ଶ୍ରୀ ରାମଚନ୍ଦ୍ର ଷଡ଼ଙ୍ଗୀ

**ଆଶା ପ୍ରେସ୍**

କଟକ— ୨

ତିମାର ଜନ୍ୟା

ସୁବୁ, ଜଷ୍ଟୁ ଓ ଟନୁଙ୍କୁ ଦେଲି···

—ଲେଖକ—

# ଏହି ଲେଖକଙ୍କର ଅନ୍ୟ ସମସ୍ତ ରୋମାଞ୍ଚକାରୀ
# ଉପନ୍ୟାସ

| | | |
|---|---|---|
| ଦସ୍ୟୁ ମାନସିଂହ | | ଟ୧.୫୦ |
| ସୁନ୍ଦର ବନର ଦସ୍ୟୁ | | ଟ୧.୫୦ |
| ରଙ୍ଗକୋଠିର ରହସ୍ୟ | | ଟ୧.୫୦ |
| ମୌନି ପାହାଡ଼ର ବର୍ଣ୍ଣିକା | | ଟ୧.୫୦ |
| ହାଇଦ୍ରାବାଦର ଷଡ଼ଯନ୍ତ୍ର | | ଟ୧.୫୦ |
| ପାଷାଣପୁରୀର ଯକ୍ଷ | | ଟ୧.୭୫ |
| ଭଗ୍ନ ସ୍ତୁପର ଗୁପ୍ତକଥା | | ଟ୩.୦୦ |
| ବହ୍ନି ବଳୟ | | ଟ୧.୫୦ |
| ଉର୍ମିର ବନ୍ୟା | | ଟ୧.୫୦ |
| ପ୍ରେତାତ୍ମାର ପ୍ରତିହିଂସା | | ଟ ୧.୨୫ |
| କ୍ଷୁଧିତ ପ୍ରାନ୍ତର | ( ଯନ୍ତ୍ରସ୍ଥ ) | |
| କାପ୍ତାଷ୍ଟନର କାହାଣୀ | ( ,, ) | |
| ଭୌତିକ ପ୍ରାସାଦ | ( ,, ) | |

0/1753

## ଏକ

ପଣ୍ଡିତ ଧୂର୍ଜଟୀ ପ୍ରସାଦ ଶର୍ମା, ଜ୍ୟୋତିଷାର୍ଣ୍ଣବ, ଏଫ. ଏନ୍. ଏ. ଏସ୍ ।

ଉପରୋକ୍ତ ଲମ୍ବାବନ୍ଧ ନାମର ଯେ ଅଧିକାରୀ, ସେ କିନ୍ତୁ ଆଦୌ ସେପରି ଖ୍ୟାତି ସଞ୍ଚାରକ ବ୍ୟକ୍ତି ନୁହନ୍ତି । କଟକ ସହରର ବଣିଆ ସାହି ଗଳିରେ ଦୁଇ ବଖରିଆ ଖଣ୍ଡିଏ ଅତି ପୁରୁଣା ଓ ଭଙ୍ଗା ଖପରଘରେ ସେ ବାସ କରେ । ଘରଟିର ଭଙ୍ଗା ବାରଣ୍ଡା ଉପରେ ଗୋଟିଏ ବୁଢ଼ା ଷଣ୍ଢ ବାସ କରେ । ଦିନସାରା ସହରର ବିଭିନ୍ନ ଗଳି କନ୍ଦିରେ ଚରିବୁଲି ପ୍ରତିଦିନ ସଞ୍ଜବେଳେ ଷଣ୍ଢଟି ସେହି ସ୍ଥାନକୁ ଫେରିଆସେ । ରାତିସାରା ହଗି, ମୁତି ସ୍ଥାନଟିକୁ ସମ୍ପୂର୍ଣ୍ଣ ଗୋଟିଏ ଗୁହାଳରେ ପରିଣତ କରି ଅତି ପ୍ରତ୍ୟୁଷରୁ ସେ ପୁଣି ବାହାରି ଯାଏ । ଧୂର୍ଜଟୀ କେତେଥର ରାତିରେ ଷଣ୍ଢଟାକୁ ମାରି ଘଉଡ଼ାଇ ଦେବାକୁ ଚେଷ୍ଟା କରିଛି । କିନ୍ତୁ ଜନ୍ତୁଟାର ଉଗ୍ରମୂର୍ତ୍ତି ଦେଖି ଓ ପ୍ରଚଣ୍ଡ ଆପତ୍ତି ବାଚକ ଫଁ ଫ ଶବ୍ଦ ଶୁଣି, ଭୟରେ ସେ ଚେଷ୍ଟାରୁ କ୍ଷାନ୍ତ ହୋଇଛି ।

ଧୂର୍ଜଟିର ପେଷା ହେଉଛି ମଣିଷର ଭବିଷ୍ୟତ ଗଣନା କରିବା । ମଣିଷର କର, କପାଳ ବା କୋଷ୍ଠି—ଯେ କୌଣସି ଗୋଟିଏ ଦେଖି ଅନର୍ଗଳ ଭାବରେ ଭବିଷ୍ୟତର ଅଦୃଶ୍ୟ ଘଟଣା-

ବନ୍ଦୀ କହିଯାଇ ପାରେ । ଏ ଭଙ୍ଗା ଘରଟିରେ ସେ ଏକା ବାସ କରେ । ଦୁନିଆରେ କୌଣସି ପ୍ରାନ୍ତରେ ତା'ର ଆଉ କେହି ଆତ୍ମୀୟ ସ୍ୱଜନ ଅଛନ୍ତି କି ନାହିଁ ଏକଥା ଜାଣିବାକୁ କେହି କେବେ ଚେଷ୍ଟା କରିନାହିଁ । ଭଙ୍ଗା ଘରଟା ସାମ୍ନାରେ ବଗଡ଼ ଗୋଟାଏ ସାଇନ୍ ବୋର୍ଡ ଟଙ୍ଗା ହୋଇଛି । ଏଇ ଏଫ୍. ଏନ୍. ଏ. ଏସ୍. ଉପାଧିଟିର ପ୍ରକୃତ ଅର୍ଥ କେହି ଜାଣି ନ ଥିଲେ । କଥା ପ୍ରସଙ୍ଗରେ ଜ୍ୟୋତିଷାର୍ଣ୍ଣବ ନିଜେ ଦିନେ ତାହା ବୁଝାଇ ଦେଇଥିଲେ । ତାହାର ଅର୍ଥ ହେଉଛି "ଫେଲୋ ଅବ ନ୍ୟାସନାଲ ଏଷ୍ଟ୍ରୋଲଜିକାଲ ସୋସାଇଟି ।" ଏପରି ଏକ ଫେଲୋସିପ୍ ସେ କେଉଁଠାରୁ ଲାଭ କରିଥିଲା ସେ କଥା ଅବଶ୍ୟ ସେ କାହାକୁ କହିନାହିଁ ।

ଲକଲକିଆ ଧେଡ଼େଙ୍ଗା ଲୋକଟା । ଚେହେରା ଦେଖି ବୟସ ନିର୍ଣ୍ଣୟ କରିବା ସମ୍ଭବ ନୁହେଁ । ତା'ର ବୟସ ପଇଁଚାଳିଶଠାରୁ ପଞ୍ଚାବନ—ଯେ କୌଣସି ବର୍ଷ ହୋଇପାରେ । ମୁହଁରେ ଅଣବାଣ ଦାଢ଼ିଟି ଲାଗିରହିଥାଏ । ପରିଧାନରେ ଖଣ୍ଡିଏ ମଇଳା ଧୋତି ଏବଂ ଦେହରେ ଖଣ୍ଡିଏ ଅତୋଽଧିକ ମଇଳା ନାମାବଳୀ—ଏହାହିଁ ଧୂର୍ଜଟୀ ଶର୍ମାର ଚିରନ୍ତନ ରୂପ । ପ୍ରତିଦିନ ଅତି ପ୍ରତ୍ୟୁଷରେ ସ୍ନାନ ସମାପନ କରି ଓ ସାମନା ଗୁହା ଦୋକାନରୁ ଖଣ୍ଡିଏ ପାଉଁରୁଟି ଓ ବଡ଼ ଗିଲାସେ ଗୁହା ସେବନ କରି ଧୂର୍ଜଟୀ ତା'ର ଅପରିଚ୍ଛନ୍ନ ବାରଣ୍ଡା ଉପରେ ଖଣ୍ଡିଏ ମଶିଣା ପାରି ବସେ । ମୁଣ୍ଡରେ ଗୋଟିଏ ବଡ଼ ଚନ୍ଦନ ଟୋପା ମାରି ଗୋଟିଏ ରୁଦ୍ରାକ୍ଷ ମାଳା ଗଳାରେ ଝୁଲାଇ ଦିଏ । ତା' ପରେ ଦେହରେ ଖଣ୍ଡିଏ "ନାମାବଳୀ" ଘୋଡ଼ି ହୋଇ ସେ ଶୀକାର ଅପେକ୍ଷାରେ ବସିରହି ଗୋଟିକ ପରେ ଗୋଟିଏ ବିଡ଼ି ଧ୍ୱଂସ କରୁଥାଏ । ପାଖରେ ଗଦାଏ ବହି ଓ ଖଣ୍ଡିଏ ବଡ଼ ସିଲେଟ ଥାଏ । ବହି ଗୁଡ଼ିକ ହେଉଛି କେତେଗୁଡ଼ିଏ ପୁରୁଣା

ପାଞ୍ଜି, ଖଣ୍ଡିଏ "ହନୁମାନ ପ୍ରଶ୍ନ" ଓ ଆଉକେତେ ଖଣ୍ଡି ବିଭିନ୍ନ କବିରାଜ ଦୋକାନର ଔଷଧ ତାଲିକା । ବହି ଥାକଟିର କଳେବର ବଢ଼ାଇବା ପାଇଁ ଥାକ ତଳେ କେତେ ଖଣ୍ଡି ପୁରୁଣା ରେଲୱେର ଟାଇମ ଟେବୁଲ୍, ଉତ୍କଳ ପ୍ରସଙ୍ଗ ଓ ସୋଭିଏତ୍ ଦେଶ ମଧ୍ୟ ଥାଏ ।

ସାଧାରଣତଃ ଅଧିକ ବ୍ୟକ୍ତି ଧୂର୍ଜଟୀ ଶର୍ମା ନିକଟକୁ ସେମାନଙ୍କର ଭବିଷ୍ୟତ ଗଣନା କରିବାକୁ ଆସନ୍ତି ନାହିଁ । ଯଦି କୌଣସି ପଲ୍ଲୀ ଅଞ୍ଚଳର ଲୋକ ତା'ର ଏପରି ବିଚିତ୍ର ରୂପରେ ଆକୃଷ୍ଟ ହୋଇ ନିଜର ଭବିଷ୍ୟତ ଜାଣିବା ପାଇଁ ଚାଲି ଆସନ୍ତି ତେବେ ଧୂର୍ଜଟୀ ତା'ର ବିଶ୍ବାସ ଜନ୍ମାଇବା ପାଇଁ ବହୁବିଧ ପରୀକ୍ଷା କରିବାକୁ ଲାଗିଯାଏ । ତା'ର ଡାହାଣ ହାତ ପାପୁଲିରେ କଳା ବୋଲି ଖଣ୍ଡିଏ ଧଳା କାଗଜ ଉପରେ ତା'ର ଛାପା ଉଠାଏ । ତା' ପରେ ସେଇ ପାପୁଲିର ଛାପାକୁ ଖଣ୍ଡିଏ "ମେଗ୍ନିଫାଇଙ୍ଗ୍" ଗ୍ଲାସ ଭିତର ଦେଇ ବହୁକ୍ଷଣ ପର୍ଯ୍ୟନ୍ତ ପରୀକ୍ଷା କରୁ କରୁ ସ୍ଲେଟ୍ ଉପରେ କିଛି ଯୋଗ ବିୟୋଗର ଚିହ୍ନ ଦେଇ ବହୁ ଅଙ୍କ କଷେ । ତା' ପରେ ଗୋଟିଏ ନକ୍ଷତ୍ରର ନା' ଓ ଗୋଟିଏ ଫୁଲର ନା' ପଚାରେ । ପୁରୁଣା ପାଞ୍ଜିର ପୃଷ୍ଠା ଓଲଟାଇ କ'ଣ ଦେଖେ । ତା' ପରେ ଟିକିଏ ମୁରୁକି ହସି ଭବିଷ୍ୟତର ଘଟଣାବଳୀ ଅନର୍ଗଳ କହିଯାଏ । ସାଧାରଣତଃ ସେ ଗୁଡ଼ିକ ସବୁ ଭଲକଥା । କିଏ ସୁନିଶ୍ଚିତ ଭାବରେ ଧନଲାଭ କରିବ ତ କିଏ ନିଶ୍ଚୟ ପରୀକ୍ଷାରେ ପାସ୍ କରିବ ତ କେହି ମକଦ୍ଦମାରେ ଅବଶ୍ୟ ଜୟଲାଭ କରିବ । ସେ କିନ୍ତୁ ବାରମ୍ବାର ଚେତେଇ ଦେଉଥାଏ ଯେ ଏ ସୁଫଳ ଗୁଡ଼ିକ ଅଦୂର ଭବିଷ୍ୟତରେ ଘଟିପାରେ ବା କେତେକ ବର୍ଷପରେ ଘଟିପାରେ, ତାହା କୌଣସି ଜ୍ୟୋତିଷ କହିବା ସମ୍ଭବ ନୁହେଁ ।

ସେପରି ଯେ କହେ—ସେ ହେଉଛି ମହା ଭଣ୍ଡ । ମଣିଷ ଜୀବନରେ ଦେବଲୋକଙ୍କର ନିର୍ଦ୍ଦେଶମାନ ମର୍ତ୍ତ୍ୟ ଲୋକର କ୍ୟାଲେଣ୍ଡରରେ ଧରାଯାଏ ନାହିଁ ।

ଏହିପରି ସେ କଷ୍ଟକରି ରୋଜଗାର କରେ । ଆଜକୁ କେତେକ ବର୍ଷ ହେଲା ଏହାହିଁ ହେଉଛି ପଣ୍ଡିତ ଧୂର୍ଜଟୀ ଶର୍ମାର ଦୈନନ୍ଦିନ ଜୀବନ । ଅଧିକାଂଶ ପଥଚାରୀ ଲୋକଟିକୁ ଲକ୍ଷ୍ୟ କରନ୍ତି ନାହିଁ । ସମ୍ପୂର୍ଣ୍ଣ ଆତ୍ମୀୟ ସ୍ୱଜନହୀନ ହେଲେ ମଧ୍ୟ ଧୂର୍ଜଟୀ ପଣ୍ଡିତର ଅପରିଚ୍ଛନ୍ନ ଭଙ୍ଗା ଘରଟି ସମ୍ପୂର୍ଣ୍ଣ ନୀରବ ନୁହେଁ । ପଡ଼ନ୍ତର ଗୋଟିଏ ପୋଲତଳେ ଗୋଟିଏ ବୁଲା କୁକୁରୀ ଆଠଟି ଶାବକ ପ୍ରସବ କରିଥିଲା । ଧୂର୍ଜଟୀ ଦୟା ପରବଶ ହୋଇ ସେ ଆଠଟି-ଯାକ ଶ୍ୱାନ ଶାବକ ଓ ସେମାନଙ୍କର ଜନନୀକୁ ଆଣି ଘରେ ସ୍ଥାନ ଦେଇଛନ୍ତି । ଶ୍ୱାନ ଶିଶୁଗୁଡ଼ିକ ଏ ପର୍ଯ୍ୟନ୍ତ ନାବାଳକ । ଯଥେଷ୍ଟ ବୁଦ୍ଧି ହୋଇନାହିଁ । ସେମାନେ ଧୂର୍ଜଟୀର ଶୋଇବା ଘରେ ମଳମୂତ୍ର ତ୍ୟାଗ କରି ଦିନସାରା କଳରବ କରୁଥାନ୍ତି । ସେଥିରେ ଧୂର୍ଜଟୀର କୌଣସି ଅସୁବିଧା ହୁଏ ନାହିଁ । ଘର ଅଗଣାରେ ଖଣ୍ଡେ କାଠ ପଟା ପଡ଼ିଥିଲା । ସେଇଟିକୁ ତଳେ ପକାଇ ସେ ରାତିରେ ଶୟନ କରେ । ତା' ପରଦିନ ସକାଳେ ପଟାକୁ ଉଠାଇ କାନ୍ଥଟିକୁ ଡେରିଦିଏ ।

କେବଳ ପଶୁ ନୁହେଁ—ଧୂର୍ଜଟୀ ଗୋଟିଏ ପକ୍ଷୀ ମଧ୍ୟ ପୋଷିଛି । ଗୋଟିଏ ବଡ଼ ପଞ୍ଜୁରୀରେ ସେ ଗୋଟିଏ ଡାମରା କାଉ ପୋଷିଛି । ଥରେ ସେ ଅରମା ବଣ ପୁଷ୍ପ ତା'ର ଅଗଣା ମଝିରେ ବସି ଖରା ପୋହୁଥିଲା । କେମିତି କେଜାଣି, ଗୋଟାଏ ଯୁଦ୍ଧରତ ଡାମରା କାଉ ପ୍ରତିପକ୍ଷର ଆକ୍ରମଣରେ ପରାସ୍ତ ହୋଇ ତା'ର

ଅଦୂରରେ ଭୂପତିତ ହେଲା । ଧୂର୍ଜଟୀ ସେ କାଉଟାକୁ ଧରିପକାଇଲା । ତାପରେ ବଜାରରୁ ଗୋଟିଏ ବଡ଼ ପଞ୍ଜୁରୀ କିଣି ଆଣି ତାକୁ ରଖିଲା । ବହୁଦିନ ପର୍ଯ୍ୟନ୍ତ କାଉଟା ପଞ୍ଜୁରୀ ଭିତରେ ଅନବରତ ଫଡ଼୍ ଫଡ଼୍ ହେଉଥିଲା । ଏବେ ସେ ଶାନ୍ତ ହୋଇଛି । କେହି ପଚାରିଲେ ସେ କହେ—ମୁଁ ଏବେ କାକ ଚରିତ୍ର ଗବେଷଣା କରୁଛି ।

ଏହିପରି ଗୋଟାଏ ଅତି ନିସ୍ୱାଦ ଓ ଅଖ୍ୟାତ ଲୋକ ଯେ ରାତାରାତି ଏତେଦୂର ବିଖ୍ୟାତ ହୋଇ ଉଠିବ ଏ କଥା କେହି କଳ୍ପନା କରି ପାରି ନଥିଲେ । ହଠାତ୍ ଯେ ସେ କେବଳ ପୁଲିସ ମହଲର କେନ୍ଦ୍ର ବିନ୍ଦୁ ହୋଇପଡ଼ିଲା ସେତିକି ନୁହେଁ—ବହୁ ସାମ୍ବାଦିକ ଓ ପ୍ରେସ ଫଟୋଗ୍ରାଫରମାନେ ବଣିଆ ସାହିର ଏଇ ଭଙ୍ଗା ଘରଟିକୁ ଦିନରାତି ଧାଇଁବାକୁ ଲାଗିଲେ । କଥାଟି ହେଉଛି ଏହିପରି—

ସେଦିନ ରାତିରେ ଝିପି ଝିପି ହୋଇ ବର୍ଷାପଡ଼ୁଥିଲା । ବଣିଆ ସାହି ଗଳିର ଅନ୍ଧାରୁଆ ସଡ଼କଟି ସମ୍ପୂର୍ଣ୍ଣ ଜନହୀନ । ଧୂର୍ଜଟୀ ଶର୍ମା ପାଖ ବୁଢ଼ା ଦୋକାନରୁ ସଞ୍ଜ ପୂର୍ବରୁ କେତେଖଣ୍ଡି ପାଉଁରୁଟି କିଣି ଆଣିଥିଲା । ରାତି ଭୋଜନ ଶେଷରେ ସେ ବାରଣ୍ଡାରେ ପଟାଟି ପକାଇ ତା' ଉପରେ ବସିଥିଲା । କୁକୁରୀର ଦେହରୁ କେତେଗୁଡ଼ିଏ ଝିଙ୍କ ବାହୁସାର ଶ୍ୱାନଶିଶୁଗୁଡ଼ିକୁ କୋଳରେ ବସାଇ ଗେହ୍ଲା କରୁଥିଲା । ଘରଭିତରେ ଗୋଟିଏ ଢ଼ିବି ଜଳୁଛି । ବର୍ଷାରାତିରେ ଶୀତ ହେଉଛି । କୁକୁର ଛୁଆଗୁଡ଼ିକ କୋମଳ ଓ ଉଷୁମ । ଏଇ ଶୀତ ରାତିରେ ସେ ଛୁଆଗୁଡ଼ିକୁ କୋଳରେ ଶୁଆଇଲେ ଉଷୁମ ଲାଗିବ ।

ଘରଭିତରେ ମୂଷାଗୁଡ଼ାକ ବହୁତ ଗାଡ଼ କଲେଣି । ରାତିରେ ସେଗୁଡ଼ାକ ଘରସାରା ଦୌଡ଼ାଦୌଡ଼ି କରନ୍ତି । ନିଦରେ ଶୋଇଥିବା ବେଳେ ଧୂର୍ଜଟୀ ଉପରେ ମଧ୍ୟ ଚଢ଼ି ଯା'ନ୍ତି । କେତେଥର ସେ ଚମକି ଉଠି ପଡ଼ୁଛି । ମୂଷାମରା ଔଷଧ ଆଣି ଏଗୁଡ଼ାକୁ ଧ୍ୱଂସ କରିବାକୁ ହେବ । ରାତି କ୍ରମେ ଅଧିକ ହେଲା । ଧୂର୍ଜଟୀକୁ ନିଦ ମାଡ଼ିଲାଣି । ଆଉ ଖଣ୍ଡିଏ ବଡ଼ି ଖାଇସାରି ସେ ଡିବି ନିଭାଇ ଶୋଇବ ।

ହଠାତ୍ ଦୁଆର ଖୋଲିଗଲା । ଧୂର୍ଜଟୀ ଚାହିଁଦେଇ ଯାହା ଦେଖିଲା ସେଥିରେ ସେ ଅତିଶୟ ଆଶ୍ଚର୍ଯ୍ୟ ହେଲା । ଏପରି ଘଟଣା ସମ୍ପୂର୍ଣ୍ଣ ଅଭାବନୀୟ । ସେ ସ୍ୱପ୍ନ ଦେଖୁନାହିଁ ତ !!

ଗୋଟିଏ ଅତି ସୁନ୍ଦରୀ ଓ ଆଧୁନିକା ତରୁଣୀ ହଠାତ ଘରଭିତରକୁ ପଶି ଆସିଲା । ତା' ପରେ ଘରର କବାଟଟି ଭିତରୁ ବନ୍ଦକରି ସେ ଧୂର୍ଜଟୀ ନିକଟକୁ ଆସିଲା । ନାରୀର ରୂପ ବିଷୟରେ ଧୂର୍ଜଟୀ ତା' ଜୀବନରେ କେବେହେଲେ ଗବେଷଣା କରିନାହିଁ । କିନ୍ତୁ ନାରୀର ରୂପ ଯେ ଏତେ ଉଜ୍ଜ୍ୱଳ ଓ ପ୍ରୀତିମୟ ହୋଇପାରେ ସେ କଥା ଧୂର୍ଜଟୀ ଜାଣି ନଥିଲା । ତରୁଣୀଟିର ସର୍ବାଙ୍ଗରେ ରୂପ ଓ ଯୌବନ ଯେପରି ଉଛୁଳି ପଡ଼ୁଛି । କିନ୍ତୁ ମୁଖ ମଣ୍ଡଳରେ ଦାରୁଣ ଭୀତିର ଛାଇ । ଧୂର୍ଜଟୀ ନିର୍ବାକ ହୋଇ ଅନାଇ ରହିଲା । କୌଣସି ଭୂମିକା ନକରି ତରୁଣୀଟି ଭୀତ ବିହ୍ୱଳ କଣ୍ଠରେ କହିଲା—ମୁଁ ବଡ଼ ବିପଦରେ ପଡ଼ିଛି । ମୋତେ ସେମାନେ ମାରି ପକାଇବେ । ଆପଣ ଦୟାକରି ମୋତେ ବଞ୍ଚାନ୍ତୁ, ଜ୍ୟୋତିଷ ମହାଶୟ !

ଚଉରଶୀଟି ପ୍ରକୃତରେ କ'ଣ ଘଟୁଛି ଧୂର୍ଜଟୀ କିଛି ବୁଝି ପାରିଲା ନାହିଁ । ତା'କୁ ଟିକିଏ ବସିବାକୁ କହିବାପାଇଁ ମଧ୍ୟ ସେ ଘରେ ସ୍ଥାନ ନାହିଁ । କୁକୁର ଛୁଆଗୁଡ଼ିକ କୋଳ ଉପରେ ଓହ୍ଲାଇ ଦେଇ ସେ ଉଠି ଛିଡ଼ା ହେଲା । ବିମାତ କଣ୍ଠରେ କହିଲା— ମୁଁ ଆପଣଙ୍କୁ କିପରି ଭାବରେ ସାହାଯ୍ୟ କରିପାରେ ମେମ ସାହେବ ?

ଚଉରଶୀଟି ତା'ର ହାତବ୍ୟାଗ ଭିତରୁ ଦୁଇଖଣ୍ଡି ଦଶଟଙ୍କିଆ ନୋଟ କାଢ଼ି ଧୂର୍ଜଟୀ ହାତରେ ଦେଇଦେଇ କହିଲା—ମୁଁ ଏଇଠାରେ ଲୁଚି ରହିବି । ଏପରି ସ୍ଥାନରେ ମୁଁ ଅଛି ବୋଲି ସେମାନେ ସନ୍ଦେହ କରିବେନାହିଁ । ଗୋଟାଏ ମଟର କାରରେ ସେମାନେ ମୋତେ ଅନୁସରଣ କରୁଛନ୍ତି । ସେ ଗାଡ଼ିର ନମ୍ବର ମୁଁ ଏହି କାଗଜ ଖଣ୍ଡିକରେ ଲେଖିରଖିଛି । ଆପଣ ଅତି ଶୀଘ୍ର ଯାଇ ପୁଲିସକୁ ଜଣାନ୍ତୁ । ସେମାନେ ଆସି ମୋତେ ବଞ୍ଚାଇବେ । ଆପଣ ଯାନ୍ତୁ । ଆଉ ବିଳମ୍ବ କରନ୍ତୁ ନାହିଁ । ମୋତେ ବଞ୍ଚାଇଲେ ମୁଁ ଅନେକ ଟଙ୍କା ଆପଣଙ୍କୁ ଦେବି । ଆପଣ ଦୟାକରି ଶୀଘ୍ର ଯାନ୍ତୁ ।

ମନ୍ତ୍ର ମୁଗ୍ଧ ପରି ଧୂର୍ଜଟୀ ନୋଟ ଗୁଡ଼ିକ ଓ କାଗଜ ଖଣ୍ଡିକ ନେଇ ଅଣ୍ଟାରେ ଗୁଞ୍ଜିଲା । ତା'ପରେ ଦୁଆର ଖୋଲି ଧୀରେ ଧୀରେ ବାହାରି ଗଲା ।

ଏତେ ରାତିର ବର୍ଷାରାତିରେ ମଧ୍ୟ ଏସ. ପି. ମି: ରଞ୍ଜନ ଦାସ ନିଜ ଅଫିସରେ ବସି କେତେକ ମୁଖିଆ ଓ କରିତ୍ କର୍ମୀ ପୁଲିସ ଅଫିସରମାନଙ୍କ ସହିତ ଏକ ଜରୁରୀ ଆଲୋଚନାରେ ବ୍ୟସ୍ତ ଅଛନ୍ତି । ରାଜ୍ୟର ପୁଲିସ ବିଭାଗ ଏବେ ଏକ ବଡ଼

ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଗତ ଏକମାସ ଭିତରେ ସହରରେ କେତୋଟି ଅତି ନିର୍ମମ ହତ୍ୟାକାଣ୍ଡ ଓ ତା' ସଙ୍ଗେ ଅତି ରହସ୍ୟ ଜନକ ଚୋରି ହୋଇଯାଇଛି । ସବୁ ଚୋରି ଓ ହତ୍ୟାକାଣ୍ଡ ଗୁଡ଼ିକ ଏତେ ରହସ୍ୟଜନକ ଯେ, ପୁଲିସ ବା ଗୋଇନ୍ଦା ବିଭାଗ ସେ ଗୁଡ଼ିକର କୌଣସି ସୂତ୍ର ଆବିଷ୍କାର କରିପାରୁ ନାହାନ୍ତି । ବହୁ ମୂଲ୍ୟବାନ ହୀରା ଓ ଜହରତ ଚୋରି ହୋଇ ଗଲାଣି । ରାଜସ୍ଥାନର ଜଣେ ବଡ଼ ଜହୁରୀ ଶେଠ ଗୋପତ୍‌ଲାଲ କଟକ ଆସି ସିଟି ହୋଟେଲର ଗୋଟିଏ ଫ୍ଲାଟ୍‌ରେ ରହିଥିଲେ । ସିଟି ହୋଟେଲ ଗୋଟିଏ ଅତି ସୁରକ୍ଷିତ ଓ ବଡ଼ ହୋଟେଲ । ଶେଠ ଗୋପତ୍‌ଲାଲ ଭିତର ପଟୁ ଦୁଆର ଖୁବ ଭଲ ଭାବରେ ବନ୍ଦ କରି ରାତିରେ ଶୋଇଲେ । ସକାଳେ ହୋଟେଲର ବୟ ସକାଳର ଚାହା ଧରି କବାଟରେ କରାଘାତ କଲା । କିନ୍ତୁ ଦୁଆର ଖୋଲାରହିଛି ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲା । ଭିତରକୁ ପଶିଯାଇ ସେ ଭୟରେ ଚିତ୍କାର କରି ଉଠିଲା । ଶେଠଜୀଙ୍କର ରକ୍ତାକ୍ତ ଦେହ ଭୂଇଁରେ ଲୋଟୁଛି । ବଡ଼ ଖଣ୍ଡିଏ ଛୁରୀ ତାଙ୍କ ଛାତିରେ ଭୁଷା ହୋଇଛି । ଆଉ ପ୍ରାୟ ଦୁଇଲକ୍ଷ ଟଙ୍କା ମୂଲ୍ୟର ହୀରା ଅପହୃତ ହୋଇଛି ।

ଆଜି ଗୋଟିଏ ଘଟଣାରେ ବିଖ୍ୟାତ ଅଭିନେତ୍ରୀ କନକ ଲତା ଷ୍ଟୁଡ଼ିଓରୁ ଫେରୁଥିବା ବେଳେ ବାଟରେ ତାର ନିଜ ମଟର କାର୍ ଭିତରେ ତାଙ୍କୁ ହତ୍ୟା କରାହୋଇଛି । କନକଲତା ଗାଡ଼ିରେ ଏକା ଆସୁଥିଲା ଓ ସେ ନିଜେ ଗାଡ଼ି ଚଳାଉଥିଲା । ତାଙ୍କୁ ମଧ୍ୟ ସେହିପରି ଛାତିରେ ଛୁରୀ ଭୁଷି ହତ୍ୟାକରା ହୋଇଥିଲା । ଗୋଟିଏ ମୂଲ୍ୟବାନ ହୀରହାର ତା ବେକରୁ ଦୁର୍ବୃତ୍ତମାନେ ନେଇ

ଯାଇଥିଲେ । ଏହିପରି ଆହୁରି କେତୋଟି ଘଟଣା ଘଟିବା ପରେ ଅବଶେଷରେ ଯାହା ଘଟୁଛି ସେଥିରେ ପୁଲିସ ବିଭାଗ ସମ୍ପୂର୍ଣ୍ଣରୂପେ ବିଚଳିତ ହୋଇ ଉଠିଛନ୍ତି । ହେଡ୍ରେବାଦ୍‌ର ଜଣେ ସୁଲତାନ ସପରିବାରରେ ସର୍କାରୀ ଅତିଥି ଭାବରେ ଭାରତ ଗସ୍ତରେ ଆସିଥିଲେ । କଟକକୁ ଆସି ସେମାନେ ସର୍କାରୀ ଅତିଥି ଭବନରେ ଅବସ୍ଥାନ କରୁଥିଲେ । ସେହିଠାରେ ଗୋଟିଏ ସର୍କାରୀ ଭୋଜି ଆୟୋଜିତ ହୋଇଥିଲା । ସୁଲତାନ ନନ୍ଦିନୀ ସାୟୁରିବାନୁ ସେ ସଭାରେ ଉପସ୍ଥିତ ଥିଲେ । ଗୋଟିଏ ଅତି ମୂଲ୍ୟବାନ ଓ ଅଧୁନା ଦୁର୍ଲଭ ହୀରା ନେକ୍‌ଲେସ ତାଙ୍କ ଗଳାରେ ଶୋଭା ପାଉଥିଲା । ବହୁ ଉଚ୍ଚ ପୁଲିସ କର୍ମଚାରୀ ମଧ୍ୟ ସେ ସଭାରେ ଉପସ୍ଥିତ ଥିଲେ । ନାଚ ଓ ଗୀତ ମଝିରେ ହଠାତ୍ ବିଜୁଳିବତୀ ଲିଭିଗଲା । ମାତ୍ର ପାଞ୍ଚ ମିନିଟ । ତା' ପରେ ପୁଣି ଆଲୁଅ ଜଳି ଉଠିଲା । ସେଇ ଅଳ୍ପ ସମୟ ଭିତରେ ଏ ଦୁର୍ଘଟଣା ଘଟିଗଲା । ସାୟୁରିବାନୁ ଚୈତନ୍ୟ ହୀନ ହୋଇ କାର୍ପେଟ ଉପରେ ଲୋଟୁଛି । ତୀବ୍ର କ୍ଲୋରୋଫର୍ମର ଗନ୍ଧ । ତା ବେକରେ ଥିବା ଅତି ମୂଲ୍ୟବାନ ହୀରା ହାରଟି ଅଦୃଶ୍ୟ ହୋଇଛି । ଯଥାବିଧି ଚିକିତ୍ସା ପରେ ତରୁଣୀ ସାୟୁରିର ଜ୍ଞାନ ଫେରି ଆସିଲା । କିନ୍ତୁ ସେ ଏ ଦୁର୍ଘଟଣା ବିଷୟରେ କୌଣସି ଆଲୋକ ପାତ କରି ପାରିଲା ନାହିଁ । ଅନ୍ଧକାର ଭିତରେ କେହିଜଣେ ହଠାତ ତା' ନାକ ଉପରେ କ୍ଲୋରୋଫର୍ମ ଦିଆ ରୁମାଲ ଖଣ୍ଡିଏ ଚିପି ଧରିଲା । ସେ କୌଣସି ଚିତ୍କାର ମଧ୍ୟ କରି ପାରିଲା ନାହିଁ । ତା' ପରେ ତା'ର ଚୈତନ୍ୟ ଲୋପ ହେଲା । ଆଉ ସେ କିଛି ଜାଣି ପାରି ନାହିଁ ।

ଖଣ୍ଡିଏ କ୍ଲୋରୋଫର୍ମ ସିକ୍ତ ନେଳୀ ସିଲ୍‌କର ରୁମାଲ ପୁଲିସ ପାଇଲେ । ଆଉ କୌଣସି ସୂତ୍ର ନାହିଁ । ଘଟଣାକୁ କେନ୍ଦ୍ରକରି

ଚାରିଆଡ଼େ ହୁଲସ୍ଥୁଲ ପଡ଼ିଗଲା । ପୁଲିସର ଏହି ଲଜ୍ଜାକର ଅପାରଗତା ନେଇ ସମ୍ବାଦପତ୍ର ମାନ ଅତି କଟୁ ମନ୍ତବ୍ୟ କରୁଛନ୍ତି । କେବଳ ରାଜ୍ୟ ସର୍କାର ନୁହେଁ କେନ୍ଦ୍ର ଘରୋଇ ବିଭାଗ ମଧ୍ୟ ଏଥିରେ ଅତିଶୟ ବିଚଳିତ ହୋଇ ଉଠିଛନ୍ତି । ଜଣେ ଅତି ସମ୍ଭ୍ରାନ୍ତ ବିଦେଶୀ ଅତିଥିଙ୍କର ନିରାପତ୍ତା ଯେ ରକ୍ଷା କରିବା ସମ୍ଭବ ହୋଇନାହିଁ—ଏହା ଅତିଶୟ ସୁସ୍ପଷ୍ଟ ।

ଏସ୍. ପିଃ ସେଇ ବିଷୟ ନେଇ ଏ ଗୁପ୍ତ ସଭାରେ ଆଲୋଚନା କରୁଥିଲେ । ଏ ସଭାରେ କେତେକ ବଡ଼ ବଡ଼ ଅଫିସର ଥିଲେ । ପୁଲିସ ବିଜ୍ଞାନାଗାରର ଡିରେକ୍ଟର ଡକ୍ଟର ଅନାଥବନ୍ଧୁ ସିହ୍ନା ଥିଲେ । ସେ ଜଣେ ଅତି ଉଚ୍ଚ ଶିକ୍ଷିତ କର୍ମଚାରୀ । ସ୍କଟ୍‌ଲାଣ୍ଡ ଇୟାର୍ଡ, ଟୋକିଓ ଓ ନିଉୟର୍କରେ ସେ ପୁଲିସ ବିଜ୍ଞାନ ବିଷୟରେ ତାଲିମ ପାଇ ଫେରିଛନ୍ତି । ଏଇସବୁ ତଦନ୍ତରେ ସେ ମୂଳରୁ ସାହାଯ୍ୟ କରୁଛନ୍ତି । କିନ୍ତୁ କୌଣସି ସୂତ୍ର ପାଇ ପାରୁ ନାହାନ୍ତି ।

ତାଙ୍କ ଛଡ଼ା ଗୋଇନ୍ଦା ବିଭାଗର କର୍ତ୍ତା ମିଃ ରାଜେନ୍ଦ୍ର ମିଶ୍ର ଅଛନ୍ତି । ଆଉ ଅଛନ୍ତି ସର୍ବ ଭାରତୀୟ ଖ୍ୟାତି ସମ୍ପନ୍ନ ଅପରାଧ ତତ୍ତ୍ୱ-ବିତ୍ ଭବାନୀ ମହାପାତ୍ର । ରାଜେନ୍ଦ୍ର ମିଶ୍ର ଜଣେ ଅତି ଧୂରନ୍ଧର ଓ ବୁଦ୍ଧିମାନ ଅଫିସର । ଆଉ ଭବାନୀ ମହାପାତ୍ରଙ୍କର ଖ୍ୟାତି ଓ ପରିଚୟ ପାଠକ ପାଠିକାମାନଙ୍କ ନିକଟରେ ସମ୍ପୂର୍ଣ୍ଣ ପ୍ରୟୋଜନ । ଗତ ଯୁଦ୍ଧର ବିଜୟୀ ବୀର ଏଇ କରିତ୍‌କର୍ମା ରହସ୍ୟ ସନ୍ଧାନୀ ମଧ୍ୟ ଏ ରହସ୍ୟର କୌଣସି ସୂତ୍ର ଆବିଷ୍କାର କରି ପାରୁ ନାହାନ୍ତି । ଏଇ ଧୂର୍ତ୍ତ ଅପରାଧୀ କୌଣସି ସ୍ଥାନରେ ଅଙ୍ଗୁଳି ଚିହ୍ନଟିଏ ମଧ୍ୟ ଛାଡ଼ି ଯାଉନାହିଁ । ପୁଲିସ ବିଜ୍ଞାନାଗାରର ଅଧ୍ୟକ୍ଷ ଡକ୍ଟର ସିହ୍ନା

ଘଟଣା ସ୍ଥାନ ଗୁଡ଼ିକର ପ୍ରତି ଇଞ୍ଚ ମାଗନଫାଇଙ୍ଗ ଲେନ୍ସ ସାହାଯ୍ୟରେ ପରୀକ୍ଷା କରୁଛନ୍ତି । ଧୂଳି ଓ ମାଟି ନେଇ ମାଇ-କ୍ରୋସ୍କୋପ୍ ତଳେ ଘଣ୍ଟା ଘଣ୍ଟା ଧରି ପରୀକ୍ଷା କରିଛନ୍ତି । କିନ୍ତୁ କୌଣସି ସୂତ୍ର ଆବିଷ୍କାର କରି ପାରି ନାହାନ୍ତି । ଖାଲି ସେତିକି ନୁହେଁ, ଆହୁରି ଅଦ୍ଭୁତ କଥା ହେଉଛି—ପୁଲିସର ସବୁ ଗୁପ୍ତ ଆୟୋଜନ ଅତି ନିର୍ଭୁଲ ଭାବରେ ସେ ଆଗରୁ ଜାଣି ପାରୁଛି । ପରିଣାମରେ ପୁଲିସକୁ ପ୍ରତି ପଦକ୍ଷେପରେ ଅତିଶୟ ଅପ୍ରସ୍ତୁତ ହେବାକୁ ପଡ଼ୁଛି ।

ସୁଲତାନ ନନ୍ଦିନୀ ସାମ୍ପ୍ରତିବାନୁଙ୍କୁ ଅଜ୍ଞାତ ଆତତାୟୀ ଆକ୍ରମଣ କଲାବେଳେ ଘଟଣା ସ୍ଥଳରେ ଖଣ୍ଡିଏ କ୍ଲୋରଫର୍ମ ସିକ୍ତ ସିଲ୍କ୍ ରୁମାଲଟିକୁ ନିଜ ଲାବୋରେଟରୀରେ ଡକ୍ଟର ସିହ୍ନା କଡ଼ା ଭାବରେ ପରୀକ୍ଷା କରିଛନ୍ତି । ଖୁବ ନିର୍ଭରଯୋଗ୍ୟ ପ୍ରମାଣ ନ ପାଇଥିଲେ ମଧ୍ୟ ଗୋଟିଏ ଅଦ୍ଭୁତ ସାମଞ୍ଜସ୍ୟ ସେ ପାଇଛନ୍ତି । ଏକ ଅବିଶ୍ୱାସ୍ୟ ଘଟଣା । ସେ ପରୀକ୍ଷାର ରିପୋର୍ଟଟି ସେ ଅତିଶୟ ଗୁପ୍ତ ରଖିଛନ୍ତି । ଏ ସମ୍ବନ୍ଧରେ ସେ ତାହା ବାହାର କରି ନାହାନ୍ତି ।

କାନ୍ଥ ଘଣ୍ଟା ମଧ୍ୟରାତ୍ରି ଘୋଷଣା କଲା । ଗୋଇନ୍ଦା ବିଭାଗର କର୍ତ୍ତା ମିଃ ରାଜେନ୍ଦ୍ର ମିଶ୍ର ହଠାତ୍ ଉଠି ପଡ଼ିଲେ—"ମୁଁ ଯାଉଛି ମୋର ଟିକିଏ ଜରୁରୀ କାମ ଅଛି । ଖଣ୍ଡିଏ ମୋଟା 'ହାଭାନା' ଚୁରୁଟରେ ଅଗ୍ନି ସଂଯୋଗ କରି ସେ ବିଦାୟ ନେଲେ । ଏଇ ମୂଲ୍ୟବାନ୍ ଚୁରୁଟଟି ହେଉଛି ମିଶ୍ର ସାହେବଙ୍କର ଅତିପ୍ରିୟ ବ୍ୟସନ । ଅନିବାର୍ଯ୍ୟ ଭାବରେ ଏଇ ଚୁରୁଟଟି ତାଙ୍କ ମୁହଁରେ ଲାଗିଥାଏ ।

ମିଶ୍ର ସାହେବ ଚାଲିଗଲା ପରେ ଡକ୍ଟର ସିହ୍ନା ଏସ୍. ପି.ଙ୍କ ଚୌକି ନିକଟକୁ ନିଜର ଚୌକିଟି ନିବିଡ଼ କରି ଟାଣି ଆଣିଲେ । ଏସ୍. ପି. ପଚାରିଲେ—ରୁମାଲଟି ପରୀକ୍ଷା କରି କୌଣସି ପ୍ରୟୋଜନୀୟ ତଥ୍ୟ ପାଇଲେ ଡକ୍ଟର ସିହ୍ନା ?

ସାମାନ୍ୟ ଟିକିଏ ହସି ଡକ୍ଟର ସିନ୍ହା କହିଲେ—ମୁଁ ଯାହା ଆବିଷ୍କାର କରିପାରିଛି, ତାହା ଯେପରି ଅସମ୍ଭବ, ସେହିପରି ଅବିଶ୍ୱାସ୍ୟ । କିନ୍ତୁ ମି: ଦାସ ବିଜ୍ଞାନତ ମିଛ କହେ ନାହିଁ !

ଡକ୍ଟର ସିହ୍ନାଙ୍କର କଥା ଶୁଣି ଏସ୍. ପି. ଘୋର ନିରାଶାର ଅନ୍ଧକାର ଭିତରେ ଯେପରି ଟିକିଏ ଆଶାର ଆଲୋକ ରେଖା ଦେଖି ପାରିଲେ । ଉଦ୍‌ବିଗ୍ନ ହୋଇ କହିଲେ—କହନ୍ତୁ ଡକ୍ଟର ସିହ୍ନା । ଆପଣ କ'ଣ ଆବିଷ୍କାର କରିଛନ୍ତି ମୋତେ କହନ୍ତୁ । ଅପରାଧ ଶାସ୍ତ୍ରରେ "ଅବିଶ୍ୱାସ୍ୟ" କିଛି ନାହିଁ ।

ଟିକିଏ କୁଣ୍ଠିତ କଣ୍ଠରେ ଡକ୍ଟର ଦାସ କହିଲେ ବିଜ୍ଞାନରେ "ମ୍ୟୁଚୁଏଲ କଣ୍ଟାକ୍ଟ" ବୋଲି ଗୋଟିଏ କଥା ଅଛି । ତାହା ଆପଣ ମଧ୍ୟ ଜାଣନ୍ତି । ରୁମାଲଟିରେ "ହାଭାନା ଚୁରୁଟ୍"ର ଅତି ସୂକ୍ଷ୍ମ ଅଣୁ ମୁଁ ପାଇଛି । ଆଉ ଘଟଣା ସ୍ଥଳର ଯେଉଁ ଚୁରୁଟ୍‌ଟିର ଶେଷାଂଶ ଆସ୍‌ଟ୍ରେ ଭିତରୁ ସଂଗ୍ରହ କରା ହୋଇଥିଲା, ସେଥିରେ ସେ ରୁମାଲଟିର ଅତି କ୍ଷୁଦ୍ର ପରମାଣୁ ମିଳିଛି । ଆପଣଙ୍କର ମନେ ଥାଇପାରେ ଯେ ସେଦିନ ସେ ପାର୍ଟିରେ ଯେତେ ଲୋକ ଉପସ୍ଥିତ ଥିଲେ, ସେମାନଙ୍କ ମଧ୍ୟରେ କେବଳ ଆମର ମିଶ୍ର ସାହେବ ସେ ଚୁରୁଟ ବ୍ୟବହାର କରନ୍ତି । ଏବେ ଆପଣ ବୁଝି ପାରୁଥିବେ ଯେ ଏହା କେତେଦୂର ଅବିଶ୍ୱାସ୍ୟ ।

ଏତାକହି ଡକ୍ଟର ସିହ୍ନା ଜଉମୁଦ ଦଥା ଖଣ୍ଡିଏ ଲଫାପା ଏସ୍. ପି.ଙ୍କ ଟେବୁଲ ଉପରେ ରଖିଲେ । ଡକ୍ଟର ସିହ୍ନାଙ୍କ କଥା ଶୁଣି ଏସ୍. ପି. ଗମ୍ଭୀର ବଦନରେ ବସି ରହିଲେ । ତାଙ୍କ ମନରେ ବହୁଚିନ୍ତା ଉଦୟ ହେବାକୁ ଲାଗିଲା । ଏହା ଯଦି ସତ୍ୟ ହୁଏ ତେବେ ତାହା ଯେ ଅତିଶୟ ମାରାତ୍ମକ ଏଥିରେ ସନ୍ଦେହ ନାହିଁ । ଏ କଥା ସତ ଯେ ମି: ମିଶ୍ର ସେଦିନ ପାର୍ଟିରେ ଉପସ୍ଥିତ ଥିଲେ । ତାଙ୍କ ଛଡ଼ା ଆଉ କେହି ହାଭାନା ଚୁରୁଟ ପାନ କରୁ ନ ଥିଲେ । ପୁଣି ପୂର୍ବରୁ ସେ ଲକ୍ଷ୍ୟ କରିଛନ୍ତି ଯେ ପୁଲିସର ସବୁ ଯୋଜନା ଅଦ୍ଭୁତ ଉପାୟରେ ଅଜ୍ଞାତ ଆତତାୟୀ ଜାଣି ପାରି ସବୁ ଚେଷ୍ଟା ପଣ୍ଡ କରି ଦେଉଛି । ସେ ଗୁପ୍ତ ଯୋଜନାମାନ କେବଳ ମନ୍ତ୍ରୀ ଟେକ୍ରି ବିନା ଅନ୍ୟ କେହି ଜାଣି ପାରିବା ସମ୍ଭବ ନୁହେଁ । ତେବେ କ'ଣ—!!

ଏହି ସମୟରେ ଟେବୁଲ ଉପରେ ଥିବା ଟେଲିଫୋନଟା ବାଜି ଉଠିଲା । ଏସ୍. ପି. ରିସିଭର ଉଠାଇ ନେଇ କିଛିକ୍ଷଣ ପର୍ଯ୍ୟନ୍ତ କାହା ସହିତ କଥା କହିଲେ । ତା'ପରେ କହିଲେ— ହଁ ତାକୁ ଏଇ ସ୍ଥାନକୁ ନେଇ ଆସନ୍ତୁ । ମୁଁ ବର୍ତ୍ତମାନ ଅଫିସରେ ଅଛି । ତା'ପରେ ରିସିଭର ରଖିଦେଇ ଭବାନୀ ବାବୁଙ୍କ ଆଡ଼େ ଚାହିଁ କହିଲେ—ମଙ୍ଗଳାବାଗ ଥାନାର ଇନ୍‌ସପେକ୍ଟର ଅଫିସର ଫୋନ କରୁଥିଲେ । ବଣିଆ ସାହିରେ ବାସ କରୁଥିବା କେଉଁ ଏକ ଜ୍ୟୋତିଷ ଧୂର୍ଜଟୀ ଶର୍ମା ଥାନାରେ ଆସି ଜଣାଇଛି ଯେ ଗୋଟିଏ ସୁନ୍ଦରୀ ତରୁଣୀ ତା'ଘରେ ପଶିଯାଇ ଲୁଚିଛି । ତରୁଣୀଟି କହୁଛି ଯେ ତାର ଜୀବନ ବିପନ୍ନ । ସେ ଅତି ଶୀଘ୍ର ପୁଲିସ ସାହାଯ୍ୟ ଲୋଡ଼େ । ଥାନା ଅଫିସର ଲୋକଙ୍କର କ । ବିଶ୍ୱାସ କରୁନାହାନ୍ତି ।

ତାକୁ ଉନ୍ମାଦ ବୋଲି ସନ୍ଦେହ କରୁଛନ୍ତି । ଲୋକଟାକୁ ଏହି ସ୍ଥାନକୁ ନେଇ ଆସିବା ପାଇଁ ମୁଁ କହୁଛି । ରାତି ବହୁତ ହେଲାଣି । ଆପଣ ଏବେ ଯାଇ ପାରନ୍ତି ଡାକ୍ତର ସିହ୍ନା । ଆପଣ ପାଇଥିବା ପ୍ରମାଣଗୁଡ଼ିକୁ ମୁଁ ଭଲ ଭାବରେ ଚିନ୍ତା କରି ଦେଖିବି । ଭବାନୀ ବାବୁ, ଆପଣ ଦୟାକରି ଟିକିଏ ଅପେକ୍ଷା କରନ୍ତୁ । ଜ୍ୟୋତିଷ କଣ କହୁଛି ଶୁଣିବା ।

## ଦୁଇ

କିଛି ସମୟ ପରେ ଧୂର୍ଜଟି ଶର୍ମାଙ୍କୁ ସଙ୍ଗରେ ଧରି ମଙ୍ଗଳା-ବାଗ ଥାନାର ଇନ୍‌ସପେକ୍ଟର ପହଞ୍ଚିଲେ । ଜ୍ୟୋତିଷାର୍ଣ୍ଣବ ବର୍ଷା ପାଣିରେ ସମ୍ପୂର୍ଣ୍ଣ ରୂପେ ଭିଜିଯାଇ ଏକ ବିଚିତ୍ର ରୂପ ଧାରଣ କରିଛି । ତାକୁ ଦେଖି ଏତେବଡ଼ ଗୋଟିଏ ଗୁରୁ ଗମ୍ଭୀର ପରିବେଶରେ ମଧ୍ୟ ଏସ୍‌. ପି. ହସି ପକାଇଲେ । ଲିକ୍‌ଲିକିଆ ଦେହଟାକୁ ସାମନା ତରଫକୁ ଅର୍ଦ୍ଧନମିତ କରି ଓ ଦୁଇଟି ହାତକୁ ଯୋଡ଼ି ଧୂର୍ଜଟୀ ଗୋଟିଏ ନମସ୍କାର କଲା । ତା'ପରେ ହଠାତ୍ ଭବାନୀ ବାବୁଙ୍କୁ ଦେଖିପାରି ତାଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଯାଇ ପ୍ରଣାମ କଲା—ଆହା, ବଡ଼ବାବୁ ଏଇଠି ବସିଛନ୍ତି ! ମୁଁ ନଜର କରି ନାହିଁ ହଜୁର ।

ଭବାନୀ ବାବୁଙ୍କୁ ଈଷତ୍ ସ୍ମିତ ମୁଖରେ ଏସ୍‌. ପି. କହିଲେ—ଜ୍ୟୋତିଷ କ'ଣ ଆପଣଙ୍କର ପୂର୍ବ ପରିଚିତ ? ତା'ହେଲେ ତ ଆପଣ କହି ପାରିବେ ଏ ଲୋକଟି ଉନ୍ମାଦ କି ନୁହେଁ ।

ସାମାନ୍ୟ ହସି ଭବାନୀ ବାବୁ କହିଲେ—ନା ନା ଧୂର୍ଜଟୀ ଶର୍ମା ଆଦୌ ପାଗଳ ନୁହେଁ । କିନ୍ତୁ ସେ ତିନଥର ଜେଲ ଖଟି ଆସିଛି । ଉତ୍ତର ବାଲେଶ୍ୱର ଡକାଏତ ମାନଙ୍କ ସଙ୍ଗେ ତାର ସମ୍ପର୍କ ଥିଲା । କିନ୍ତୁ ପ୍ରାୟ ପାଞ୍ଚବର୍ଷ ପୂର୍ବେ ସେ ଜେଲରୁ ମୁକ୍ତି ପାଇ ଜ୍ୟୋତିଷ ବ୍ୟବସାୟ କରୁଛି । ଏଇ ଧୂର୍ଜଟୀ ଶର୍ମା ନାମଟି ସେ ଏବେ ଗ୍ରହଣ କରିଛି । ତା'ର ଆତ୍ମୀୟ ସ୍ୱଜନ କେହି ନାହାନ୍ତି । ବଣିଆ ସାହିରେ ଖଣ୍ଡିଏ ସାନ ଖୁଲ ଘର ଭଡ଼ାନେଇ ସେ ବର୍ତ୍ତମାନ ଏଇ ନୂତନ ବ୍ୟବସାୟଟି ଖୋଲିଛି । ମୋ'ର ବିଶ୍ୱାସ ଥିଲା ଯେ ପୂର୍ବପରି ଆଉ କୌଣସି ଅପକର୍ମରେ ସେ ବର୍ତ୍ତମାନ ଲିପ୍ତ ରହିନାହିଁ ।

ଆପଣଙ୍କ ବିଶ୍ୱାସ ସମ୍ପୂର୍ଣ୍ଣ ଠିକ୍ ବଡ଼ବାବୁ । ସେ ସବୁ ଖରାପ କାମ ମୁଁ ଏବେ ପୁରା ଛାଡ଼ି ଦେଇଛି । ମୁଁ କଟକ ଚଣ୍ଡୀଙ୍କ ରାଣ ପକାଇ କହୁଛି ହଜୁର, ମୁଁ ଆଉ······

ସାମାନ୍ୟ ହସି ଏସ୍. ପି. କହିଲେ—ଆଚ୍ଛା ତୁମ କଥା ମୁଁ ପୂର୍ଣ୍ଣ ଭାବରେ ବିଶ୍ୱାସ କରୁଛି । ଆଉ ତୁମର କୌଣସି ରାଣ ପକାଇବାର ପ୍ରୟୋଜନ ନାହିଁ । ଏବେ ତୁମେ କ'ଣ କହିବାକୁ ଆସିଥିଲ, କହ ।

—ମୁଁ ତ ହଜୁର ଇନସ୍‌ପେକ୍ଟର ସାହେବଙ୍କୁ ସବୁ କହିଛି । ହେଲେ ସେ ମୋ କଥା ବିଶ୍ୱାସ କରୁ ନାହାନ୍ତି । କହୁଛନ୍ତି ଗୋଟାଏ ପାଗଳ । ମୁଁ କହିଲି—ତେବେ ମୋତେ ପୁଲିସ ସାହେବଙ୍କ ପାଖକୁ ନେଇ ଚାଲନ୍ତୁ । ସେ ଜାଣି ପାରିବେ ମୁଁ ପାଗଳ କି ଭଲ ଲୋକ । ହେଲେ—ଯୋଗକୁ ବି ବଡ଼ବାବୁ ଆପଣଙ୍କ ପାଖେ ବସିଛନ୍ତି । ସେତ ମୋତେ ପିଲାଟି ଦିନୁ ଚିହ୍ନନ୍ତି ।

ଦେଖୁନାହାନ୍ତି, ମୋ ବିଷୟରେ ଯେଉଁ କଥାମାନ ମୁଁ ନିଜେ ଭୁଲି ଯାଇଥିଲି ସେ କିମିତି ଠିକ ଠିକ କହିଗଲେ ।

ଏସ୍. ପି. ସାମାନ୍ୟ ବିରକ୍ତ ଭରା କଣ୍ଠରେ କହିଲେ—ସେ ସବୁ ଗୌରଚନ୍ଦ୍ରିକା କରିବା ପ୍ରୟୋଜନ ନାହିଁ । ତୁମେ କ'ଣ କହିବାକୁ ଆସିଥିଲ ସଂକ୍ଷେପରେ ତାହାହିଁ କୁହ ।

କିଛିକାଳ ନୀରବ ରହି ଧୂର୍ଜଟୀ କହିଲା—ହଜୁର ରାତିରେ ମୁଁ ମୋର ପଶୁପକ୍ଷୀମାନଙ୍କୁ ଖୁଆଇ ସାରି ମୋ ବିଛଣା ଉପରେ ବସିଥିଲି । ମୋ ଦାଣ୍ଡ କବାଟଟା ଆଉଜାଇ ଦେଇଥିଲି । ହଠାତ୍ ଜଣେ ମେମ୍ ସାହେବ ବିକଳରେ ମୋ ଘର ଭିତରକୁ ପଶି ଆସି ଭିତରୁ ଦୁଆର କିଳି ଦେଲେ । ମୁଁ ଏ ଘଟଣା ଦେଖି ଚମକି ଉଠିଲି । ମେମ୍ ସାହେବ ମୋତେ କହିଲେ—ପଣ୍ଡିତ ମହାଶୟ, ମୁଁ ବଡ଼ ବିପଦରେ ପଡ଼ିଛି । ମୋତେ ସେମାନେ ମାରି ପକାଇବେ । ଆପଣ ଯାଇ ଅତି ଶୀଘ୍ର ପୁଲିସକୁ ଡାକି ଆଣନ୍ତୁ । ମୁଁ ଏଇଠାରେ ଲୁଚିଛି । ପୁଲିସ ଆସି ମୋତେ ବଞ୍ଚାଇବେ । ଏହାକହି ତାଙ୍କ ହାତ ବ୍ୟାଗ ଭିତରେ କାଗଜ ପେନସିଲ୍ କାଢ଼ି କ'ଣ ଲେଖିଲେ । ମୋତେ କହିଲେ ଯେଉଁ ମଟର ଗାଡ଼ିରେ ସେମାନେ ମୋ ପିଛା ଧରୁଛନ୍ତି ସେ ଗାଡିର ନମ୍ବର ମୁଁ ଲେଖିଦେଲି । ପୁଲିସକୁ ଦେବେ ।

ଏହାକହିହାତ ମୁଠାରେ ମୋଡ଼ିମାଡ଼ି ଧରିଥିବା ଖଣ୍ଡିଏ ସାନ କାଗଜ ଏସ୍. ପି.ଙ୍କ ହାତକୁ ବଢ଼ାଇ ଦେଲା । ଏସ. ପି. ତାକୁ ଖଣ୍ଡି ନେଇ ମେଲାଇ ଦେଖିଲେ । ବର୍ଷା ପାଣିରେ କାଗଜ ଖଣ୍ଡିକ ସମ୍ପୂର୍ଣ୍ଣରୂପେ ସିକ୍ତ ହୋଇ ଯାଇଛି । କପିଙ୍ଗ୍

ପେନ୍‌ସିଲରେ କଣ ଟିକଏ ଲେଖା ହୋଇଥିଲା । କିନ୍ତୁ ପାଣି ପଡ଼ି ତାହା ସମ୍ପୂର୍ଣ୍ଣରୂପେ ଲିଭି ଯାଇଛି । ସାମାନ୍ୟ ଟିକଏ ବାଇଗେଣି ରଙ୍ଗ ଛଡ଼ା କାଗଜ ଖଣ୍ଡିକ ଉପରେ ଆଉ କିଛି ନାହିଁ ।

ଏସ୍ ପି. ହତାଶ କଣ୍ଠରେ କହିଲେ—ନବୋଧଟା କାଗଜ ଖଣ୍ଡିକ ସମ୍ପୂର୍ଣ୍ଣ ରୂପେ ଭିଜାଇ ନଷ୍ଟକରି ପକାଇଛି । ଏହା କହି କାଗଜର ଟୁକୁରା ଖଣ୍ଡିକ ଭବାନୀବାବୁଙ୍କ ହାତକୁ ବଢ଼ାଇ ଦେଲେ ।

ଭବାନୀବାବୁ ପକେଟରୁ ମାଗ୍ନିଫାଇଙ୍ଗ ଲେନ୍‌ସ୍ କାଢ଼ି କାଗଜ ଖଣ୍ଡିକ ଭଲକରି ପରୀକ୍ଷା କଲେ । ଖଣ୍ଡିଏ କ୍ଷୁଦ୍ର "ସ୍ଲିପ୍ ପ୍ୟାଡ୍‌ର" କାଗଜ । ସାମାନ୍ୟ ଆକାଶୀ ରଙ୍ଗର ଟିସୁ କାଗଜ । କିନ୍ତୁ ବର୍ଷା ପାଣିରେ କାଗଜ ଖଣ୍ଡିକ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି । କୌଣସି ଅକ୍ଷର ଉଦ୍ଧାର କରିବା ସମ୍ଭବ ନୁହେଁ । ଭବାନୀବାବୁ ନିରାଶ ହୋଇ କାଗଜ ଖଣ୍ଡିକ ଟେବୁଲ ଉପରେ ରଖିଦେଲେ । ନା—କାଗଜ ଖଣ୍ଡିକର କୌଣସି ମୂଲ୍ୟନାହିଁ ।

କ୍ରମେ ରାତି ଗୋଟାଏ ବାଜିଲା । ସାନ ଗୋଟିଏ ପୁଲିସ ଫଉଜକୁ ସଙ୍ଗରେ ଧରି ଓ କେତୋଟି ଶକ୍ତିଶାଳୀ ସର୍ଚ୍ଚ ଲାଇଟ ନେଇ ଏସ୍. ପି. ବଣିଆସାହିକୁ ଗଲେ । ଭବାନୀବାବୁ ମଧ୍ୟ ଗଲେ । ଜ୍ୟୋତିଷ ଧୂର୍ଜଟୀ ଶର୍ମାଙ୍କୁ ମଧ୍ୟ ସଙ୍ଗରେ ନେଇଗଲେ ।

କିନ୍ତୁ ବଣିଆ ସାହିରେ ଧୂର୍ଜଟୀ ଶର୍ମାର ଘର ନିକଟକୁ ଆସି ସେ ଆଶ୍ଚର୍ଯ୍ୟ ହୋଇଗଲେ । ପୁଲିସ ଗାଡ଼ିର ହେଡ୍‌ଲାଇଟର ଆଲୁଅରେ ସେ ଦେଖିଲେ ଯେ ଧୂର୍ଜଟୀର ଘର ସାମନାରେ ଖଣ୍ଡିଏ

ନେଳୀ ରଙ୍ଗର ଆମ୍ବାସଡର ଗାଡ଼ି ରହିଛି । ସେ ଆଶ୍ଚର୍ଯ୍ୟ ହୋଇଗଲେ । ଏ ଗାଡ଼ିଟି ତାଙ୍କର ଅଚିହ୍ନା ନୁହେଁ । ଏଇଟି ଗୋଇନ୍ଦା ବିଭାଗ ଏସ୍: ପି· ଗଜେନ୍ଦ୍ର ମିଶ୍ରଙ୍କର ଗାଡ଼ି । ସେ କେତେବେଳେ ବା କାହିଁକି ଏଠାକୁ ଆସିଛନ୍ତି !!

ଘର ବାହାରେ ପୁଲିସ ଗାଡ଼ି ରହିବାର ଶବ୍ଦ ଶୁଣି ମିଶ୍ର ସାହେବ ଘରଭିତରୁ ବାହାରି ଆସିଲେ । ତାଙ୍କ ହାତରେ ଗୋଟିଏ ଶକ୍ତିଶାଳୀ ଟର୍ଚ୍ଚ । ଏସ୍· ପି· ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନକଲେ—ଆପଣ ଏଠାକୁ କିପରି ଆସିଲେ ମି: ମିଶ୍ର !

ଏସ୍· ପି· ଙ୍କୁ ଓ ତାଙ୍କ ସହିତ ଏକ ପୁଲିସ ଫଉଜକୁ ଦେଖି ମିଶ୍ର ସାହେବ ହଠାତ କିପରି ଟିକିଏ ଅପ୍ରସ୍ତୁତ ହେବାପରି ମନେହେଲା । କିନ୍ତୁ କ୍ଷଣକ ଭିତରେ ନିଜକୁ ସଂଯତ କରିନେଇ ସେ କହିଲେ—ନା, ନା, ସମ୍ବାଦଟା ସମ୍ପୂର୍ଣ୍ଣ ଭିତ୍ତିହୀନ । କେହି ବୋଧହୁଏ ମୋ ସହିତ କୌତୁକ କରିଛି !

ଏସ୍. ପି. କିଛି ବୁଝି ନପାରି ଜିଜ୍ଞାସୁ ଦୃଷ୍ଟିରେ ମିଶ୍ର ସାହେବଙ୍କୁ ଚାହିଁଲେ । ଘର ଭିତରଟା ସମ୍ପୂର୍ଣ୍ଣ ଅନ୍ଧକାର । ଧୂର୍ଜଟି ଜାଳିଥିବା ଡିବିଟି କୌଣସି କାରଣରୁ ଲିଭି ଯାଇଛି । ବେଟେରୀ ଦେହରେ ସଂଯୋଗ କରି ପୁଲିସ କର୍ମଚାରୀମାନେ ଦୁଇଟା ସର୍ଚ୍ଚ ଲାଇଟ ଜଳାଇ ଦେଲେ । ଉଜ୍ଜ୍ୱଳ ଆଲୁଅରେ ଘରଟା ଉଦ୍ଭାସିତ ହୋଇ ଉଠିଲା । ମିଶ୍ର ସାହେବ କହିଲେ—ମୁଁ ଶୋଇବାକୁ ଯିବାର ଠିକ୍ ପୂର୍ବରୁ କିଏ ଜଣେ ଅଜ୍ଞାତ ବ୍ୟକ୍ତି ମୋତେ ଟେଲିଫୋନ କଲା । ଜଣାଇଲା ଯେ ଏଇ ଘରଭିତରେ ଗୋଟିଏ ତରୁଣୀକୁ ଖୁନକରା ହୋଇଛି । ମୁଁ ସାଙ୍ଗେ ସାଙ୍ଗେ ଚାଲି ଆସିଲି ।

କିନ୍ତୁ ଦେଖିଲୁ ଯେ ସମ୍ବାଦଟି ସମ୍ପୂର୍ଣ୍ଣ ମିଥ୍ୟା । ଘର ଭିତରେ କେହି ନାହାନ୍ତି ।

ପୁଲିସ ଦଳ ଘରଭିତରେ ପଶିଲେ । ପ୍ରକୃତରେ ଘରଭିତରେ କୌଣସି ଲୋକନାହାଁ । ଭବାନୀ ବାବୁ ଗୋଟିଏ ଟର୍ଚ୍ଚ ଲାଇଟ ନେଇ ଅଗଣା ଭିତରକୁ ପଶିଲେ । ଆଣ୍ଠିଏ ଉଚ୍ଚରେ ଘାସ ଉଠିଛି । କିନ୍ତୁ ଭବାନୀ ବାବୁଙ୍କୁ ଅଧିକ କ୍ଷଣ ଖୋଜିବାକୁ ହେଲନାହିଁ । ଅଗଣା ମଝିରେ ଗୋଟିଏ ସୁନ୍ଦରୀ ତରୁଣୀର ମୃତଦେହ ପଡ଼ିଛି । ତା ଛାତିରେ ଖଣ୍ଡିଏ ବଡ଼ ଛୁରୀ ଆମୂଳ ବିଦ୍ଧ ହୋଇଛି । ନିକଟରେ ତା'ର ହାତ ବ୍ୟାଗ୍ଟି ପଡ଼ିଛି ।

ଏସ୍. ପି.ବହୁକ୍ଷଣ ପର୍ଯ୍ୟନ୍ତ ଏକଦୃଷ୍ଟିରେ ଏଇ ଅପୂର୍ବ ରୂପସୀ ଯୁବତୀର ମୃତ ଦେହକୁ ଅନାଇ ରହିଲେ । ଅନ୍ତର ତାଙ୍କର ଭାରାକ୍ରାନ୍ତ ହୋଇଉଠିଲା । ଯଥା ସମୟରେ ପୁଲିସ ସମ୍ବାଦ ପାଇଥିଲେ ମଧ୍ୟ ତରୁଣୀଟିକୁ ସେମାନେ ରକ୍ଷାକରି ପାରିଲେ ନାହିଁ । ଏଠାରୁ ବଳି ପୁଲିସର ଲଜ୍ଜାକର ଅପାରଗତା ଆଉ କ'ଣ ହୋଇ ପାରେ ! ମୃତ ଦେହକୁ ଚିହ୍ନିବା ପାଇଁ କାହାରି ପକ୍ଷରେ କଷ୍ଟ ହେଲନାହିଁ । ଭାରତ ବିଖ୍ୟାତ ରୂପସୀ ନର୍ତ୍ତକୀ ଅଳକା ନନ୍ଦାକୁ ନ ଚିହ୍ନନ୍ତି, ଏପରି ବ୍ୟକ୍ତି ଏ ସହରରେ ନାହାନ୍ତି । ରାଜେନ୍ଦ୍ର ମିଶ୍ର ମଧ୍ୟ ଅଶ୍ରୁପୂର୍ଣ୍ଣ ହୋଇଗଲେ । ଧୂର୍ଜଟୀ ଶର୍ମା ଭୂଇଁରେ ବସିପଡ଼ି ଉଚ୍ଚ ଶବ୍ଦରେ କାନ୍ଦିବାକୁ ଲାଗିଲା ।

ଭବାନୀ ବାବୁ ଉଜ୍ଜ୍ୱଳ ଆଲୋକରେ ମୃତ ଦେହଟିକୁ ପରୀକ୍ଷା କରିବାକୁ ଲାଗିପଡ଼ିଲେ । ରକ୍ତାକ୍ତ ଛୁରୀଟିକୁ ଲେନ୍ସ ସାହାଯ୍ୟରେ

ପରୀକ୍ଷା କଲେ । ନା, କୌଣସି ଅଙ୍ଗୁଳି ଚିହ୍ନ ନାହିଁ । ଆତତାୟୀ ପୂର୍ବପରି ଗ୍ଲୋଭ୍ ପିନ୍ଧି ଛୁରୀ ବ୍ୟବହାର କରୁଛି ।

ନର୍ତ୍ତକୀ ଅଳକାର ହାତ ବ୍ୟାଗ୍‌ଟି ନିକଟରେ ପଡ଼ିଥିଲା । ଭବାନୀ ବାବୁ ସେଇଟିକୁ ଉଠାଇ ନେଇ ଦେଖିଲେ । କୌଣସି ପ୍ରୟୋଜନୀୟ ଦ୍ରବ୍ୟ ନାହିଁ । କିନ୍ତୁ ସେ ଜାଣି ପାରିଲେ ଯେ ପୂର୍ବରୁ ମଧ୍ୟ କେହି ସେ ବ୍ୟାଗ୍‌ଟି ଖୋଲି ସବୁ ଓଲଟ, ପାଲଟ କରି ଦେଖିଛି । ଅନ୍ୟାନ୍ୟ ସାମଗ୍ରୀ ଭିତରେ ଭବାନୀ ବାବୁ ଖଣ୍ଡିଏ "ସ୍ଲିପ୍ ପ୍ୟାଡ୍" ପାଇଲେ । ଯେଉଁ ପ୍ୟାଡର ଖଣ୍ଡିଏ କାଗଜ ଉପରେ ଅଳକା ମଟରକାର ନମ୍ବରଟି ଲେଖି ଧୂର୍ଜଟୀକୁ ଦେଇଥିଲା । ପରେ ଭଲକରି ପରୀକ୍ଷା କରି ଦେଖିବା ପାଇଁ ଭବାନୀ ବାବୁ ସେ ପ୍ୟାଡ଼ଟି ନିଜ ପକେଟରେ ରଖିଦେଲେ ।

ଏସ୍: ପି: ଙ୍କର ନିର୍ଦ୍ଦେଶ ପାଇ କିଛିକ୍ଷଣ ପରେ ଖଣ୍ଡିଏ ଜିପ୍‌ରେ ପୁଲିସ କୁକୁର ସାରଲକ୍‌କୁ ସଙ୍ଗରେ ନେଇ ଦୁଇଜଣ ପୁଲିସ ଅଫିସର ପହଞ୍ଚିଲେ । ପୁଲିସ ଡାକ୍ତର ଆସିଲେ । ତା' ପରେ ଆସି ପହଞ୍ଚିଲେ ପୁଲିସ ବିଜ୍ଞାନାଗାରର ଅଧ୍ୟକ୍ଷ ଡକ୍ଟର ଅନାଥବନ୍ଧୁ ସିହ୍ନା ଓ ଅନ୍ୟାନ୍ୟ ବିଶେଷଜ୍ଞମାନେ । ପୂର୍ଣ୍ଣ ବେଗରେ ତଦନ୍ତ ଆରମ୍ଭ ହୋଇଗଲା ।

ଆହୁରି କେତୋଟା ପେଟ୍ରୋମାକ୍‌ସ ଲାଇଟ ମଧ୍ୟ ଜଳାଇ ଦିଆହେଲା । ସବୁଆଡ଼ ଦିବାଲୋକ ପରି ଉଜ୍ଜ୍ୱଳ ହୋଇ ଉଠିଲା । ଘର ଭିତରେ କୌଣସି ରକ୍ତ ଚିହ୍ନ ନାହିଁ । ଅଗଣା ମଝିରେ ଅଳକାକୁ ହତ୍ୟା କରା ହୋଇଛି । ବୋଧହୁଏ ସେ ପଳାଇ ଯିବାକୁ ଚେଷ୍ଟା କରୁଥିଲା ; କିନ୍ତୁ ପାରିନାହିଁ ।

ଡାକ୍ତର ମୃତ ଦେହକୁ ପରୀକ୍ଷା କରି କହିଲେ ଯେ ରାତି ବାରଟା ଠାରୁ ଗୋଟାକ ଭିତରେ ଏ କାଣ୍ଡ ଘଟିଛି । ଏସ୍: ପି: ମନେ ମନେ ହିସାବ କରି ଦେଖିଲେ—ଠିକ ବାରଟା ବେଳେ ଗଜେନ୍ଦ୍ର ମିଶ୍ର ତାଙ୍କ ଅଫିସ ଘରୁ ବାହାରି ଆସିଲେ। ମୁଖ ମଣ୍ଡଳ ତାଙ୍କର ଅଦ୍ଭୁତ ଭାବରେ ଗମ୍ଭୀର ହୋଇ ଉଠିଲା।

ପୁଲିସ ବ୍ଲଡ୍ ହାଉଣ୍ଡ ସାରଲକ୍ ଅତି ସୁଶିକ୍ଷିତ କୁକୁର । ଏସ୍. ପି. ଙ୍କ ନିର୍ଦ୍ଦେଶରେ ଜଣେ କର୍ମଚାରୀ ସାରଲକ୍‌କୁ ଆଣି ମୃତ ଦେହକୁ ଶୁଙ୍ଘାଇଲେ । କୁକୁରଟା କିଛିକ୍ଷଣ ପର୍ଯ୍ୟନ୍ତ ରକ୍ତର ଘ୍ରାଣ ନେଲା । ତା' ପରେ କିଛି କ୍ଷଣପର୍ଯ୍ୟନ୍ତ ଅଗଣାସାରା ବୁଲିବାକୁ ଲାଗିଲା । ହଠାତ୍ ଜନ୍ତୁଟା ଯାଇ ଧୂର୍ଜଟୀ ନିକଟରେ ପହଞ୍ଚିଲା । ଦୁଇଟି ପାଦକୁ ତା ଉପରେ ରଖି ତା' ଅଣ୍ଟାପାଖ ଲୁଗାକୁ କାମୁଡ଼ିଲା । ଜନ୍ତୁଟାର ବିରାଟ ହାଁ ଓ ଲୋଳ ଜିହ୍ୱା ଦେଖି ଧୂର୍ଜଟୀ ଭୟରେ ଆଖି ବୁଜିଦେଲା । ତା' ପରେ କ'ଣ ହେବ କେଜାଣି ଆଖି ଦୁଇଟି ସେହିପରି ମୁଦ୍ରିତ ରଖି ନିଜ ଅଣ୍ଟାରୁ କାଢ଼ି ଦୁଇଖଣ୍ଡି ଦଶଟଙ୍କିଆ ନୋଟ ଅଗଣାକୁ ଫିଙ୍ଗି ଦେଲା ।

ଭବାନୀବାବୁ ସବୁକଥା ବୁଝି ପାରିଲେ । ତଳେ ବସିଯାଇ ଧୂର୍ଜଟୀର କାନପାଖରେ ନମ୍ର କଣ୍ଠରେ ପଚାରିଲେ—ଏ ନୋଟ ଦୁଇଖଣ୍ଡି କ'ଣ ଅଳକା ତୁମକୁ ବକ୍‌ସିସ୍ ଦେଇଥିଲା ?

ଆଖି ନ ଖୋଲି ଧୂର୍ଜଟୀ ମୁଣ୍ଡ ଟୁଙ୍ଗାରି ଜଣାଇଲା ଯେ ଭବାନୀ ବାବୁ ଠିକ ଅନୁମାନ କରୁଛନ୍ତି ।

ତା' ପରେ କୁକୁରଟା ଘରଭିତରେ ପଶିଲା । ଧୂର୍ଜଟୀର ପୋଷା କୁକୁରୀ ଓ ତା'ର ଶାବକ ଦଳକୁ ଭ୍ରୂକ୍ଷେପ ନକରି ସେ ଖାଲି

ଘରଗୁଡ଼ାକ ଘୂରି ବୁଲିଲା । ତା' ପରେ ଗୋଟାଏ ମୂଷା ଗାତ ପାଖକୁ ଯାଇ ସାରଲକ୍ ତା'ର ସାମନା ଗୋଡ଼ରେ ମାଟି ଖୋଳିବାକୁ ଲାଗିଲା । ଭବାନୀ ବାବୁଙ୍କ ନିର୍ଦ୍ଦେଶରେ ହାବିଲଦାର ଗଣେଶସିଂ ଖଣ୍ଡିଏ ସାବଲ ସଂଗ୍ରହ କରି ସ୍ଥାନଟାକୁ ଖୋଳି ପକାଇଲା । କିନ୍ତୁ କ୍ଷଣ ପରେ ସେଇ ମୂଷା ଗାତ ଭିତରୁ ଯାହା ବାହାରିଲା ତାହା ଯେପରି ଅଭାବନୀୟ ସେହିପରି ପରମାଶ୍ଚର୍ଯ୍ୟ । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଦେଖିଲେ ଯେ ସୁଲତାନ ନନ୍ଦିନୀ ସାଯୁରୀ ବାନୁ କଣ୍ଠରୁ ଅପହୃତ ବହୁମୂଲ୍ୟ ହୀରା ହାରଟି ସେଇ ମୂଷା ଗାତଭିତରେ ଲୁଚି ରହିଛି । ଉଜ୍ଜ୍ୱଳ ଆଲୋକରେ ଧଳାରଙ୍ଗର ବଡ଼ ବଡ଼ ହୀରା ଗୁଡ଼ାକ ଝଲସି ଉଠିଲା । ଏସ୍. ପି: ଆନନ୍ଦରେ ଚିତ୍କାର କରି ଉଠିଲେ । କିନ୍ତୁ କେଉଁ ଇନ୍ଦ୍ରଜାଲ ବଳରେ ସେ ଅମୂଲ୍ୟ ଧନ ସାଯୁରୀବାନୁ କଣ୍ଠରୁ ଆସି ଏଇ ମର୍କଟ ପ୍ରତିମ ଧୂର୍ଜଟୀ ଶର୍ମାର କୁଡ଼ିଆ ଭିତରେ ସ୍ଥାନ ପାଇଲା, ସେ ରହସ୍ୟ ତାଙ୍କର ବୋଧଗମ୍ୟ ହେଲା ନାହିଁ ।

ତା' ପରେ ନବୀନ ଉତ୍ସାହରେ ପୁଲିସ ଦଳ ସାରାଘର, ବାରଣ୍ଡା ଓ ଅଗଣା ଖୋଳିବାକୁ ଲାଗିଲେ । ମୂଷା ଗୁଡ଼ାକ ଗାତରୁ ବାହାରି ପଳାଇବାକୁ ଲାଗିଲେ । କିନ୍ତୁ ପୁଲିସ ଦଳ ଆଉ କୌଣସି ଅପହୃତ ହୀରା ବା ଜହରତ ପାଇଲେ ନାହିଁ ।

କ୍ରମେ ରାତି ପାହି ଆସିଲା । ସଦା ଜାଗ୍ରତ ପ୍ରେସ ରିପୋର୍ଟର ଓ ଫଟୋଗ୍ରାଫରମାନେ ଆସି ଉପସ୍ଥିତ ହେଲେ । କେବଳ ମୃତ ଦେହର ନୁହେଁ, ସମଗ୍ର ଘରଟିର ଓ ସାର୍ଲକ୍‌ର ମଧ୍ୟ ବହୁ ଆଲୋକ ଚିତ୍ର ଉଠେଇଲେ । ବହୁ ପ୍ରଶ୍ନରେ ଏସ୍.ପି.ଙ୍କୁ ବିବ୍ରତ କରିବାକୁ ଲାଗିଲେ । ହୀରା ମାଳଟିର ଫଟ ମଧ୍ୟ ଉଠାଇଲେ ।

ଡକ୍ଟର ସିହ୍ନା ଓ ତାଙ୍କର ଅନୁଚରମାନେ ସ୍ଥାନଟିକୁ ଅତି ଯତ୍ନରେ ପରୀକ୍ଷା କଲେ । କେତେ ସ୍ଥାନର ମାଟି, ଗୋଡ଼ି ଓ ଘାସ-ମାନ ବିଭିନ୍ନ ପୁଡ଼ିଆରେ ବାନ୍ଧି ଲାବୋରାଟୋରୀରେ ପରୀକ୍ଷା କରିବା ପାଇଁ ନେଲେ ।

ସକାଳ ହୋଇଗଲା । ସବୁ କାମ ଛାଡ଼ିଦେଇ ପୁଲିସ ଦଳ ବାହାରିଲେ । କିନ୍ତୁ ଧୂର୍ଜଟୀ ଆଉ ଦେଖାଗଲା ନାହିଁ । ଏସ.ପି. କହିଲେ — ବୋଧହୁଏ ଭୟରେ ସେ କେଉଁଠାରେ ଲୁଚିଥିବ । ତାକୁ ଖୋଜି ବାହାର କର ଓ ସଙ୍ଗରେ ଥାନାକୁ ନେଇଯାଅ । ସେଇଠାରେ ତାକୁ ଏ ତଦନ୍ତ ସମ୍ପର୍କରେ ପ୍ରଶ୍ନ କରିବାକୁ ହେବ । କିନ୍ତୁ ପୁଲିସ କର୍ମଚାରୀମାନଙ୍କର ସବୁ ଚେଷ୍ଟା ବ୍ୟର୍ଥ ହେଲା । ଧୂର୍ଜଟୀକୁ କେହି ଖୋଜି ପାଇଲେ ନାହିଁ । ଲୋକଟା ଯେପରି ପବନରେ ମିଶିଗଲା !!

ଏପରି ଘଟଣା ଦେଖି ଏସ. ପି. ଚିନ୍ତିତ ହେଲେ । ଦୃଢ଼ କଣ୍ଠରେ ଥାନା ଅଫିସରଙ୍କୁ ଆଦେଶ ଦେଲେ—ଧୂର୍ଜଟୀକୁ ଖୋଜି ବାହାର କରିବାକୁ ହେବ । ଏ ରହସ୍ୟର ସେଇ ହେଉଛି କେନ୍ଦ୍ର ବିନ୍ଦୁ । ପୁଲିସ ନଜରରୁ ସେ ଏପରି ରହସ୍ୟ ଜନକ ଭାବରେ ଅଦୃଶ୍ୟ ହୋଇଯିବା ଅତିଶୟ ସନ୍ଦେହ ଜନକ ।

ସହରର ବିଭିନ୍ନ ସ୍ଥାନରେ ଆଉ କେତୋଟି ତଦନ୍ତ ଶେଷ କରି ବିଖ୍ୟାତ ରହସ୍ୟ ସନ୍ଧାନୀ ଭବାନୀ ମହାପାତ୍ର ମଧ୍ୟାହ୍ନ ବେଳକୁ ନିଜ ବସାକୁ ଫେରିଲେ । ରାତିସାରା ସେ ଅନିଦ୍ର । କିନ୍ତୁ ଜୀବନରେ କେବେହେଲେ ସେ ଶାରୀରିକ କ୍ଲାନ୍ତିରେ ଅବସାଦଗ୍ରସ୍ତ ହୋଇ ଯାଇ ନାହାନ୍ତି । ଇସପାତ୍ ଠାରୁ ମଧ୍ୟ ଶକ୍ତ ଉପାଦାନରେ ତାଙ୍କର

ଦେହ ଓ ମନ ଗଢ଼ା । ନିତ୍ୟକର୍ମ ଶେଷକରି ଭବାନୀ ବାବୁ ନିଜର ବୈଠକ ଖାନାରେ ଯାଇ ବସିଲେ । ପୂର୍ବ ରାତ୍ରିରେ ଅଳକାର ହାତବ୍ୟାଗ ଭିତରୁ ପାଇଥିବା "ସ୍ଲିପ ପ୍ୟାଡ଼" ଖଣ୍ଡିକ କାଢି ଟେବୁଲ ଲାମ୍ପର ଉଜ୍ଜ୍ୱଳ ଆଲୋକ ତଳେ ତାକୁ ପରୀକ୍ଷା କରିବାକୁ ଲାଗିଲେ । ମଟର କାରର ନମ୍ବରଟି ଅଳକା ଖଣ୍ଡିଏ ସ୍ଲିପ୍ ଉପରେ ଲେଖିଥିଲା । ଠିକ୍ ସେ ସ୍ଲିପର ତଳ କାଗଜ ଖଣ୍ଡିକ ଭବାନୀବାବୁ ଲେନ୍ସ ତଳେ ପରୀକ୍ଷା କଲେ । ପେନ୍‌ସିଲର ଚିହ୍ନ ପତଳା କାଗଜ ଉପରେ ରେଖାପାତ କରିଛି । ଭବାନୀ ବାବୁ ତାହା ପଢ଼ି ପାରିଲେ ସେ ଜାଣି ପାରିଲେ ଯେ ସ୍ଲିପଟିରେ ଲେଖାଥିଲା "ଓ. ଆର. ଇଉ ୧୨୭୪ ।"

ଭବାନୀ ବାବୁଙ୍କ କପୋଳ ରେଖା କୁଞ୍ଚିତ ହୋଇ ଉଠିଲା । ଗଭୀର ଧ୍ୟାନମଗ୍ନ ହୋଇ ସେ ବସି ରହିଲେ । ଏ ମଟରକାରଟିକୁ ସେ ଜାଣନ୍ତି । ତାର ମାଲିକକୁ ମଧ୍ୟ ଭଲ ଭାବରେ ଜାଣନ୍ତି । କିନ୍ତୁ ଏହା କ'ଣ ସମ୍ଭବ ! ଅଳକାର ଆତତାୟୀମାନେ ସେଇ ଗାଡ଼ିଟି କିପରି ଓ କାହିଁକି ବ୍ୟବହାର କରୁଥିଲେ ସେ ଯେପରି ଏକ ବିରାଟ ରହସ୍ୟ ।

ଭବାନୀ ବାବୁ ଅବିବାହିତ । ପୁରାତନ ଭୃତ୍ୟ ରଘୁନାଥ ତାଙ୍କ ନିଃସଙ୍ଗ ଜୀବନରେ ଏକମାତ୍ର ସାଥୀ । ରଘୁନାଥ ତାର ଏଇ ଅଦ୍ଭୁତ ପ୍ରକୃତିର ପ୍ରଭୁଟିକୁ ଭଲ ଭାବରେ ଜାଣେ । ତାଙ୍କର ଏଇ ଧ୍ୟାନ ଗମ୍ଭୀର ରୂପଟି ସହିତ ସେ ଭଲ ଭାବରେ ପରିଚିତ । ଘଣ୍ଟା ଘଣ୍ଟା ଧରି ସେ ଏହିପରି ଧ୍ୟାନମଗ୍ନ ହୋଇ ବସି ଥାନ୍ତି । ସେତେବେଳେ ତାଙ୍କର ଭୋକ ଶୋଷ ନ ଥାଏ । କାହାରି ସହିତ ସାକ୍ଷାତ ମଧ୍ୟ କରନ୍ତି ନାହିଁ ।

ଅପରାହ୍ନ ପ୍ରାୟ ତିନଟା ବେଳକୁ ତାଙ୍କର ଧ୍ୟାନ ଭଗ୍ନହେଲା । ରଘୁ କପେ ଚାହା ଆଣି ଟେବୁଲ ଉପରେ ରଖିଦେଇ ଜଣାଇଲା ଯେ ଜଣେ ଭଦ୍ରଲୋକ ତଳମହଲାରେ ଅପେକ୍ଷା କରିଛନ୍ତି । ଭବାନୀବାବୁ କାନ୍ଥ ଘଡ଼ିକୁ ଚାହିଁ ଦେଖିଲେ । ତା'ପରେ କହିଲେ ତାଙ୍କୁ ଭିତରକୁ ନେଇଆ ରଘୁ ।

କିଛିକ୍ଷଣ ପରେ ଜଣେ ମଧ୍ୟ ବୟସ୍କ ଭଦ୍ରଲୋକ ଘରଭିତରେ ପଶିଲେ । ତାଙ୍କୁ ଚୌକି ଉପରେ ବସିବାକୁ ଇଙ୍ଗିତ କରି ଭବାନୀବାବୁ କହିଲେ—ଆପଣ ଆସିବେ ବୋଲି ମୁଁ ଜାଣିଥିଲି । କିନ୍ତୁ ଏତେ ଶୀଘ୍ର ଆସି ପହଞ୍ଚିବେ ବୋଲି ମୁଁ ଭାବି ନଥିଲି ମି.ମୂର୍ତ୍ତି । ଅଳକାର ନିଷ୍ଟୟ ଖୁବ ବଡ଼ ପଲିସି ଥିଲା ?

ଜୀବନ ବୀମା କମ୍ପାନୀର ଏରିଆ ସୁପରଭାଇଜର ମିଃ ରାମମୂର୍ତ୍ତି ଭବାନୀବାବୁଙ୍କ କଥା ଶୁଣି, ଆଶ୍ଚର୍ଯ୍ୟ ହୋଇଗଲେ । କହିଲେ—ଆପଣ କ'ଣ ମୋତେ ଚିହ୍ନନ୍ତି ! ମୁଁ ତ ଏଠାରେ ରହେନାହିଁ । ପୁରୀ ହେଉଛି ମୋର ହେଡ଼ କ୍ୱାଟର୍ସ । ମୁଁ ଆଦୌ ବୁଝିପାରୁନାହିଁ ଯେ ଆପଣ ମୋତେ ଚିହ୍ନିଲେ କିପରି— ଆଜି ମୁଁ ଯେ ଅଳକା ଦେବୀଙ୍କର ଇନ୍‌ସୁରେନ୍‌ସ ପଲିସି ବିଷୟରେ ଏଠାକୁ ଆସିଛି, ତାହା ଆପଣ ଜାଣିଲେ କିପରି !!

ସାମାନ୍ୟ ଟିକିଏ ରହସ୍ୟମୟ ହସ ହସି ଭବାନୀବାବୁ କହିଲେ—ନା, ନା, ମିଃ ରାମମୂର୍ତ୍ତି ଆପଣ ଏପରି ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ । ଏହା ଆଦୌ ଇନ୍ଦ୍ରଜାଲ ନୁହେଁ । ଏହାହିଁ ମୋର ପେଷା । ସୁତରାଂ ଆମର ଆଖି ଓ ମନ ଏ ସବୁ ବିଷୟରେ ଅଭିଜ୍ଞ ସଚେତନ ଆପଣଙ୍କ ପୋର୍ଟ ଫୋଲିଓ

ବ୍ୟାଗ ଭେତରରେ ଆପଣଙ୍କ ନାଁ ଲେଖା କାର୍ଡ ଲାଗିଛି । ତା' ଛଡ଼ା ଗତରାତିରେ ଅଳକାର ହାତ ବ୍ୟାଗ୍ ଭିତରେ ଆପଣଙ୍କ କମ୍ପାନର ମୁଁ ଖଣ୍ଡିଏ ମନି ରସିଦ୍ ଦେଖିଥିଲି । ମୋର ମନେ ହେଉଛି, ମାତ୍ର ଗତ କାଲି ଅଳକା ତା'ର ଗୋଟିଏ ପ୍ରିମିୟମ ଦେଇ ରସିଦ ନେଇଥିଲା ।

ଆପଣ ଠିକ୍ କହୁଛନ୍ତି ସାର । ଅଳକା ଦେବୀ ଦୁଇଲକ୍ଷ ଟଙ୍କାର ଗୋଟିଏ ପଲିସି କରିଥିଲେ । ଏଥି ପୂର୍ବରୁ ମାତ୍ର ଗୋଟିଏ ପ୍ରିମିୟମ ଦେଇଛନ୍ତି । ଗତକାଲି ତାଙ୍କର ଦ୍ୱିତୀୟ ପ୍ରିମିୟମ ଦାଖଲ କରିବାର ଶେଷ ତାରିଖ । ଅପରାହ୍ନ ଦୁଇଟା ବେଳେ ସେ ତାଙ୍କର ପ୍ରିମିୟମ ଦାଖଲ କଲେ । ଯେପରିକି ସେ ଜାଣି ପାରିଥିଲେ ଯେ ସେ ମରିବାକୁ ଯାଉଛନ୍ତି । ଆହୁରି ବିଚିତ୍ର କଥା ହେଉଛି—ଅଳକା ଦେବୀଙ୍କର ମୃତ୍ୟୁର ଚବିଶ ଘଣ୍ଟା ନ ପୂରୁଣୁ ତାଙ୍କର ଉତ୍ତରାଧିକାରୀ ଟଙ୍କାଟା ଅତିଶୀଘ୍ର ଦେଇଦେବା ପାଇଁ ଆଜି ସକାଳ ଦଶଟା ବେଳେ ଆମକୁ ଓକିଲ ନୋଟିସ ଦେଇଛନ୍ତି । ଆପଣତ ଜାଣନ୍ତି ସାର, କାଳବିଳମ୍ବ ନକରି ପାର୍ଟିର ଦାବି ବା ଦେୟ ଫଇସଲା କରିବା ଆମର ଘୋଷିତ ନୀତି । ସେଥିଯୋଗୁ ମୁଁ ଆପଣଙ୍କୁ ଟିକିଏ ବିରକ୍ତ କରିବାକୁ ବାଧ୍ୟ ହେଲି । ଅଳକା ଦେବୀଙ୍କର ଖଣ୍ଡିଏ ଡେଥ ସାର୍ଟିଫିକେଟ ଆମର ପ୍ରୟୋଜନ । ସେ ଖଣ୍ଡି ନ ପାଇଲେ ଆମେ ସେଟ୍‌ଲ୍‌ମେଣ୍ଟ କରି ପାରୁନାହିଁ ।

ସବୁ ଶୁଣି ସାର ଭବାନୀବାବୁ ବହୁକ୍ଷଣ ନୀରବରେ ବସି ରହିଲେ । ତା'ପରେ ରାମମୂର୍ତ୍ତିଙ୍କୁ ସ୍ଥିର ଦୃଷ୍ଟିରେ ଚାହିଁ କହିଲେ—ପ୍ରିମିୟମର ଟଙ୍କାଟା କ'ଣ ଅଳକା ଦେବୀ ନିଜେ

ଯାଇ ଆପଣଙ୍କ ଅଫିସରେ ଦାଖଲ କରିଥିଲେ ନା' ଅନ୍ୟ କେହି ତାଙ୍କ ପାଇଁ ଦାଖଲ କରିବାକୁ ଯାଇଥିଲେ ?

ମୁଁ ଏହିକ୍ଷଣି ବୁଝି ନେଇ କହୁଛି ସାର୍ । ଏହା କହି ମି. ରାମମୂର୍ତ୍ତି ଭବାନୀ ବାବୁଙ୍କ ଟେଲିଫୋନ ଉଠାଇ ତାଙ୍କ ଅଫିସ ସଂଯୋଗ ସ୍ଥାପନ କଲେ । କିଛିକ୍ଷଣ ନିମ୍ନ ସ୍ୱରରେ କଥାବାର୍ତ୍ତା ହୋଇସାରି କହିଲେ ନାଇଁ ସାର୍ ଅଳକା ଦେବୀ ନିଜେ ଯାଇ ନାହାନ୍ତି । ଆଉ ଜଣେ ଅଚିହ୍ନା ଭଦ୍ରଲୋକ ଯାଇଥିଲେ । ତାଙ୍କର ନାମ ବା ଠିକଣା ଜଣାନାହିଁ । ଟଙ୍କାଟା କାହା ପାଇଁ ଦାଖଲ କରାହେଲା, ତାହାହିଁ କେବଳ ଆମ ରେକର୍ଡରେ ରଖାହୁଏ । କିଏ ନେଇ ଦାଖଲ କଲା, ତାହା ଜାଣି ରଖିବା ଆମର ନିୟମନୁହେଁ । ଆମର ସିନିୟର କ୍ୟାସିୟାର ଦାମୋଦର ବାବୁ ଟଙ୍କାଟା ଗ୍ରହଣ କରି ରସିଦ ଦେଇଛନ୍ତି ।

ଭବାନୀବାବୁ ନୀରବରେ ସବୁ ଶୁଣିଲେ । ତା'ପରେ ପୁଣି ପଚାରିଲେ—ଅଳକା ଦେବୀ କାହାକୁ ତାଙ୍କର ଉତ୍ତରାଧିକାରୀ କରି ଯାଇଛନ୍ତି ? ମୁଁ ତ ଜାଣେ ଯେ ତାଙ୍କର ବିଧବା ମା' ଗୋଟିଏ ସାନ ଭଉଣୀ ଓ ଗୋଟିଏ ସାନ ଭାଇଅଛି । ସେଇ ଭାଇ ଭଉଣୀମାନେ ତ ତାଙ୍କ ସମ୍ପତ୍ତିର ଉତ୍ତରାଧିକାରୀ ହେବା ସ୍ୱାଭାବିକ !

ଓଠାଙ୍ଗର ଟିକିଏ ହସ ଚୁପି ରାମ ମୂର୍ତ୍ତି କହିଲେ—ଏ ଜଗତରେ ଏପରି ବହୁ ଲୋକ ଅଛନ୍ତି ଯେଉଁମାନଙ୍କର କାର୍ଯ୍ୟଧାରା ସମ୍ପୂର୍ଣ୍ଣ ଅସ୍ୱାଭାବିକ ସାର୍ । ଅଳକା ଦେବୀ ସେଇମାନଙ୍କ ଭିତରୁ ବୋଧହୁଏ ଜଣେ ଥିଲେ । ନିଜ ଭାଇ ଭଉଣୀଙ୍କୁ ତାଙ୍କ ସମ୍ପତ୍ତିର

ଉତ୍ତରାଧିକାରୀ ନକରି ସେ ସମ୍ପୂର୍ଣ୍ଣ ଜଣେ ଭିନ୍ନ ବ୍ୟକ୍ତିକୁ କରି ଯାଇଛନ୍ତି । ତାଙ୍କର ଉତ୍ତରାଧିକାରୀ ହେଉଛନ୍ତି ଜଣେ ଯୁବତୀ ଲେଡ଼ି ଡାକ୍ତର । ଡାକ୍ତର ସଙ୍ଘମିତ୍ରା ଦାସ । ଖୁବ୍ କମ ଦିନ ହେଲା ସେ ଡାକ୍ତରୀ ପାସ କରିଛନ୍ତି । ଏଇ ସହରର ତେଲେଙ୍ଗା ବଜାରରେ ଖଣ୍ଡିଏ ସାନ ଭଡ଼ା ଘରେ ସେ ଏକା ରହି ପ୍ରାଇଭେଟ୍ ପ୍ରାକଟିସ କରନ୍ତି । ସେଇ ସଙ୍ଘମିତ୍ରା ଦାସ ବର୍ତ୍ତମାନ ଟଙ୍କାଟା ଦାବି କରିଛନ୍ତି ।

ଭବାନୀ ବାବୁ ସବୁ ଶୁଣିଲେ । ତାପରେ କହିଲେ—ଦେଖନ୍ତୁ ମି. ରାମମୂର୍ତ୍ତି, ଅଳକା ଦେବୀଙ୍କୁ ଯେ ହତ୍ୟା କରା ହୋଇଛି ଏଥିରେ କୌଣସି ସନ୍ଦେହ ନାହିଁ । କିନ୍ତୁ ଶବବ୍ୟବଚ୍ଛେଦ ରିପୋର୍ଟ ମଧ୍ୟ ମୁଁ ଏ ପର୍ଯ୍ୟନ୍ତ ପାଇ ନାହିଁ । ଦୁଇଦିନ ପରେ ମୁଁ ଅଳକା ଦେବୀଙ୍କର ଡେଥ୍ ସାର୍ଟିଫିକେଟ୍ ଦେବାକୁ ସକ୍ଷମ ହେବି ।

ମି: ରାମମୂର୍ତ୍ତି ଧନ୍ୟବାଦ ଜଣାଇ ବିଦାୟ ନେଲେ ।

# ତିନି

ପୁଲିସ ମାଲଖାନା ଭିତରେ ରଖା ହୋଇଥିବା ଅଳଙ୍କାର ହାତ ବ୍ୟାଗଟି ଭିତର ଇନ୍ସୁରେନ୍ସ କମ୍ପାନିର ରସିଦଟିକୁ ଭବାନୀ ବାବୁ ନେଇ ଆସି ତାଙ୍କର ନିଜସ୍ୱ ଲାବୋରେଟୋରୀ ଭିତରେ ପଶିଲେ । ଗୁରୁଭାଙ୍ଗ ହୋଇ ମସୃଣ କାଗଜ ଖଣ୍ଡିକ ରଖା ହୋଇଛି । ଲେବୋରେଟରୀର ଉଜ୍ଜ୍ୱଳ ଆଲୋକରେ ଶକ୍ତିଶାଳୀ ଲେନ୍ସ ତଳେ ବହୁକ୍ଷଣ ପର୍ଯ୍ୟନ୍ତ ସେ କାଗଜ ଖଣ୍ଡିକ ଭବାନୀ ବାବୁ ପରୀକ୍ଷା କଲେ । ତାଙ୍କର ମୁଖ ଉଜ୍ଜ୍ୱଳ ହୋଇ ଉଠିଲା । ସେ ଯାହା ଆଶାକରୁଥିଲେ ତାହାହିଁ ଅଛି । ମସୃଣ କାଗଜଟି ଉପରେ କେତୋଟି ଅତି ଅସ୍ପଷ୍ଟ ଅଙ୍ଗୁଳି ଚିହ୍ନ ରହିଛି । "ଗ୍ରେ ପାଉଡର" ଦେଇ ଅତି ଯତ୍ନରେ ଭବାନୀ ବାବୁ ସେ ଅସ୍ପଷ୍ଟ ଛାପ ଗୁଡ଼ିକ ଡେଭେଲପ କଲେ । ଧୀରେ ଧୀରେ ସେଗୁଡ଼ିକ ସ୍ପଷ୍ଟ ହୋଇ ଉଠିଲା । ତା'ପରେ ଗୋଟିଏ ଅତି ଶକ୍ତିଶାଳୀ ଜାପାନୀ କ୍ୟାମେରା ବାହାର କରି ସେ ସେହି ଅଙ୍ଗୁଳି ଚିହ୍ନ ଗୁଡ଼ିକର ଫଟ ଉଠାଇଲେ । ଫିଲ୍ମଟି ତା'ପରେ ଡେଭେଲପ କରି ସେ ପୁଣି ବିଜୁଳି ଆଲୁଅ ଜଳାଇ ଫିଲମ୍‌ଟିକୁ ମେଲାଇ ଦେଖିଲେ । ମନ ତାଙ୍କର ଖୁସି ହୋଇ ଉଠିଲା । ଗୋଟିଏ ଅଙ୍ଗୁଳି ଚିହ୍ନ ଅତି ପରିଷ୍କାର ଉଠିଛି । ମେଗ୍ନିଫାଇଙ୍ଗ ଗ୍ଲାସ ତଳେ ଯାହା ଅସ୍ପଷ୍ଟ ଦେଖା ଯାଉଥିଲା ଶକ୍ତିଶାଳୀ କାମେରାର ଲେନସ୍‌ରେ ତାହା ଅତି ସୁସ୍ପଷ୍ଟ ହୋଇ ଉଠିଛି । ନେଗେଟିଭଟିରୁ ଦୁଇଖଣ୍ଡି ବଡ଼ ଛବି ପ୍ରସ୍ତୁତ କରି ମୃତ ଅଳକାର ଟିପ ଚିହ୍ନ ସହିତ ତାହା ମିଳାଇଲେ । ସେ ମନେ ମନେ ଖୁସି ହୋଇ ଉଠିଲେ । ଅଳକାର ଟିପ ଚିହ୍ନ ସହିତ ତାହା ମିଳିଲା

ନାହିଁ । ଆଉ ଗୋଟିଏ ମାତ୍ର ସନ୍ଦେହ ଅଛି । ଇନସୁରେନ୍ସ କମ୍ପାନୀର ସିନିଅର କ୍ୟାସିୟାର ଦାମୋଦର ବାବୁ ଏହା ପ୍ରସ୍ତୁତ କରିଥିଲେ । ରସିଦରେ ଥିବା ଅଙ୍ଗୁଳି ଚିହ୍ନଟି ତାଙ୍କର ମଧ୍ୟ ହୋଇପାରେ । ଦାମୋଦର ବାବୁଙ୍କର ନମୁନା ଅଙ୍ଗୁଳି ଚିହ୍ନ ଆଣିବା ପାଇଁ ଭବାନୀ ବାବୁ ତାଙ୍କର ବିଶ୍ୱସ୍ତ କର୍ମଚାରୀ ୟୁସୁଫକୁ ପଠାଇଛନ୍ତି । ଅଳ୍ପକାଳ ପରେ ୟୁସୁଫ ଫେରି ଆସିବ । ତା'ପରେ ସେ ଜାଣି ପାରିବେ ଯେ ସେ ପୂର୍ବପରି ଘୋର ଅନ୍ଧକାର ଭିତରେ ଘୂରି ବୁଲୁଛନ୍ତି କି ଟିକିଏ ଆଲୋକ ପାଇଛନ୍ତି ।

ଅଙ୍ଗୁଳି ଚିହ୍ନର ଫଟୋଗ୍ରାଫ ଗୁଡ଼ିକ ଯତ୍ନ ସହକାରେ ଖଣ୍ଡିଏ ଲଫାପା ଭିତରେ ପୁରାଇ ସେ ନିଜର ବୈଠକ ଖାନାକୁ ଆସିଲେ । ସେତେବେଳକୁ ରାତି ହୋଇ ଗଲାଣି । ରଘୁ ଟେବୁଲ ଉପରେ ଚାହା କପେ ରଖି ଦେଇଗଲା । ଚାହା ଖାଇ ଖାଇ ସେ ପୁଣି କେତେ କ'ଣ ଚିନ୍ତା କରିବାକୁ ଲାଗିଲେ । ଏହି ସମୟରେ ୟୁସୁଫ ଘର ଭିତରେ ପଶିଲା । ସୁନ୍ଦରକାନ୍ତି ବଳିଷ୍ଠ ଯୁବକ । ଭବାନୀ ବାବୁଙ୍କର ଅତି ପ୍ରିୟ ଓ ବିଶ୍ୱାସୀ ।—ଦାମୋଦର ବାବୁଙ୍କର ନମୁନା ଅଙ୍ଗୁଳି ଛାପ (Specimen print) ସଂଗ୍ରହ କରିଛ ୟୁସୁଫ ?

ହସ ହସ ମୁହଁରେ ୟୁସୁଫ କହିଲା—ହଁ ସାର୍ କେବଳ ଦାମୋଦର ସାହୁଙ୍କର ନୁହେଁ—ଅଫିସର ହେଡ୍‌କ୍ଲର୍କ ସୁରେନ୍ଦ୍ର ବାବୁଙ୍କର ମଧ୍ୟ ଗୋଟାଏ ସେଟ୍ ଆଣିଛି । ଦାମୋଦର ବାବୁ ରସିଦଟି ପ୍ରସ୍ତୁତ କରି ସୁରେନ୍ଦ୍ର ବାବୁଙ୍କୁ ଦସ୍ତଖତ କରିବା ପାଇଁ ଦେଇଥିଲେ । ସେ ସେଥିରେ ଦସ୍ତଖତ କରିଥିଲେ !

ଭବାନୀ ବାବୁ ଖୁସି ହୋଇ କହିଲେ—ଖୁବ ଭଲ କାମ କରିଛ । ଏବେ ତୁମେ ମୋ ଲାବୋରେଟରୀ ଭିତରକୁ ଯାଅ । ସେଇ ଦୁଇ ସେଟ୍ ଟିପ ଏଇ ଫଟୋ ପ୍ରିଣ୍ଟ ସହିତ ମିଳାଇ ଦିଅ । ନିର୍ଭୁଲ ଭାବରେ ମିଳାଇବ । ଏହା କହି ଭବାନୀ ବାବୁ ଲଫାପା ଖଣ୍ଡିକ ଯୁଗଳଙ୍କ ହାତକୁ ବଢ଼ାଇ ଦେଲେ । ଯୁଗଳ ଚାଲିଗଲା ।

କିଛିକ୍ଷଣ ପରେ ଟେବୁଲ୍ ଫୋନ୍‌ଟା ବାଜି ଉଠିଲା । ଭବାନୀ ବାବୁ ରିସିଭର କାନରେ ଲଗାଇ ଶୁଣିଲେ । ଏସ୍. ପି. କହୁଛନ୍ତି । ଆଜି କୌଣସି ନୂଆ ସୂତ୍ର ଆବିଷ୍କାର କରି ପାରିଲେ କି ଭବାନୀ ବାବୁ ? ଏ ବିପଦ ବେଳେ ଆପଣଙ୍କର ବୁଦ୍ଧି ଓ ଶକ୍ତି ଉପରେ ମୁଁ ଭରସା ରଖି ବସିଛି । ଆଜି ଧନସାର ଡକ୍ଟର ସିହ୍ନା ତାଙ୍କର ନିଜସ୍ୱ ଲାବୋରେଟରୀରେ ଜବତ୍ ହୋଇଥିବା ହୀରା ହାରଟିକୁ ପରୀକ୍ଷା କରି କିଛି ସମୟ ପୂର୍ବରୁ ତାହା ମୋତେ ଫେରାଇ ଦେଇ ଗଲେ ! କିଛି ପାଇଲେ ନାହିଁ । ଧନସାର ଅଭୁକ୍ତ ରହି ସେ ପରିଶ୍ରମ କରିଛନ୍ତି । କିନ୍ତୁ ସମ୍ପୂର୍ଣ୍ଣ ହତାଶ ହୋଇଛନ୍ତି ।

ଭବାନୀ ବାବୁ କହିଲେ—ନାଇ ମି. ଦାସ, ମୁଁ ଏ ପର୍ଯ୍ୟନ୍ତ କୌଣସି ମୂଲ୍ୟବାନ ସୂତ୍ର ଆବିଷ୍କାର କରି ପାରିନାହିଁ । ମୋର ତଦନ୍ତ ପଦ୍ଧତି ଆପଣ ଜାଣନ୍ତି । ମୁଁ ପ୍ରଥମେ ଗଭୀର ପାଣିରେ ଚରେଇ କରେ ଓ ତା'ପରେ ଯାଇ ଜାଲ ପକାଏ । ତା'ପରେ ଯେତେବେଳେ ମୁଁ ଜାଣିପାରେ ଯେ ମାଛ ଜାଲ ଭିତରେ ପଶିଛି, ସେତେବେଳେ ଯାଇ ମୁଁ ଜାଲ ଟାଣେ । ଏ ପର୍ଯ୍ୟନ୍ତ କୌଣସି ସୂତ୍ର ନ ପାଇଥିଲେ ସୁଦ୍ଧା ମୋର ଦୃଢ଼ ବିଶ୍ୱାସ ଯେ ଖୁବ୍ ଅଳ୍ପ-କାଳ ଭିତରେ ଆମେ କୃତକାର୍ଯ୍ୟ ହେବା । ଆପଣ ଧୈର୍ଯ୍ୟ ଧରନ୍ତୁ ।

ତା'ପରେ ଏସ୍. ପି. କହିଲେ—ହଁ ଆଉ ଗୋଟିଏ କଥା । ଧୂର୍ଜଟୀ ଶର୍ମାର ଅନ୍ତର୍ଦ୍ଧାନ ବିଷୟରେ ଆଇ. ଜି. ଅତିଶୟ ଅସନ୍ତୁଷ୍ଟ ହୋଇଛନ୍ତି । କେତେକ ସମ୍ବାଦପତ୍ର ମଧ୍ୟ ପୁଲିସର ଅପାରଗତା ନେଇ ଅତି କଟୁ ମନ୍ତବ୍ୟ କରୁଛନ୍ତି । ଆଇ. ଜି. କହୁଛନ୍ତି ଧୂର୍ଜଟୀ ଗୋଟିଏ ପୁରୁଣା ଡକାଏତ । ସେ ନିଜେ ଯେ ଏ ହତ୍ୟାକାଣ୍ଡ କରିନାହିଁ ତାହା ବା କିଏ କହିବ । ତା'ରି ଘର ଭିତରୁ ମୃତ ଦେହଟି ବାହାରିଲା । ପୁଣି ତା'ରି ଘରର ମାଟି ତଳୁ ହେବି ହୀରା ମାଳଟି ବାହାରିଲା । ଏପରି କ୍ଷେତ୍ରରେ କେବଳ ପ୍ରମାଣରେ ତାକୁ ନିର୍ଦ୍ଦୋଷ ବୋଲି ଭାବିବା ଠିକ୍ ନୁହେଁ । ତା'ଛଡ଼ା ତା'ର ଏପରି ଭାବରେ ଅନ୍ତର୍ଦ୍ଧାନ ହୋଇଯିବା ଦ୍ୱାରା ସେ ଯେ ଦୋଷୀ ଏ ପ୍ରମାଣ ଅଧିକ ଦୃଢ଼ ହେଉଛି । ଆଇ. ଜି. ଏ ବିଷୟରେ ମିଶ୍ର ସାହେବଙ୍କ-ଠାରୁ ରିପୋର୍ଟ ପାଇ ଅତିଶୟ ଅସନ୍ତୁଷ୍ଟ ହୋଇଛନ୍ତି । ଆଜି ଦିନସାରା ପୁଲିସ ଏ ସହରର ସବୁ ଗଳି କନ୍ଦି ଖୋଜିଛନ୍ତି । କିନ୍ତୁ ତା'ର କୌଣସି ସନ୍ଧାନ ପାଇ ନାହାନ୍ତି ।

ଭବାନୀ ବାବୁ କହିଲେ—ଧୂର୍ଜଟୀ କେଉଁଆଡ଼େ ପଳାଇ ଯାଇ ପାରିବ ନାହିଁ । ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି ଯେ ମୁଁ ନିଜେ ତାକୁ ଧରି ଆଣି ହାଜର କରାଇବି । ସେ ଯଦି ଦୋଷୀ ବୋଲି ପ୍ରମାଣିତ ହୁଏ, ତେବେ ସେ ନିଶ୍ଚୟ ଦଣ୍ଡ ଭୋଗ କରିବ ।

ଭବାନୀ ବାବୁଙ୍କ କଥା ଶୁଣି ଏସ୍. ପି. ଆଶ୍ୱସ୍ତ ହେଲେ । ତା ପରେ କହିଲେ—ଆପଣ ପୁଣି ଆନନ୍ଦିତ ହେବେ ଯେ ଯେକୌଣସି ଭାବରେ ହେଉ ପଛେ, ସୁଲତାନ ନନ୍ଦିନୀ ସାୟୁରାବାନୁର ଅପହୃତ ହୀରା ହାରଟି ଯେ ଆମେ ଉଦ୍ଧାର କରି ପାରିଛୁ, ସେ ସମ୍ବାଦ ପାଇ ଦିଲ୍ଲୀର କର୍ତ୍ତାମାନେ ମଧ୍ୟ ଖୁସି ହୋଇଛନ୍ତି । ସୁଲତାନ

ସପରିବାରରେ ଶିକାର କରିବା ପାଇଁ ରାମପୁର ବଙ୍ଗଳାକୁ ଯାଇ-ଛନ୍ତି । ତାଙ୍କ ନିକଟକୁ ଏ ସମ୍ବାଦ ପଠାଇ ଦିଆ ହୋଇଛି । ସେ ଆଜି ରାତିରେ କଟକ ଫେରି ଆସୁଛନ୍ତି । ଆସନ୍ତା କାଲି ଏ ବହୁମୂଲ୍ୟ ହାରଟି ଆଇ. ଜି. ନିଜେ ନେଇ ସୁଲତାନ ନନ୍ଦିନୀକୁ ଦେବେ । ଆଚ୍ଛା, ରଖିଲି । ଶୁଭରାତ୍ରି । ଏସ୍. ପି: ଫୋନ ଛାଡ଼ି ଦେଲେ ।

କିଛିକ୍ଷଣ ପରେ ପୁଣି ଟେଲିଫୋନ ବାଜି ଉଠିଲା । ଭବାନୀ ବାବୁ ରିସିଭର ଉଠାଇ ନେଲେ । ଏଥର ଗୋଇନ୍ଦା ବିଭାଗ ଏସ୍. ପି. ମିଶ୍ର ସାହେବ କଥା କହୁଛନ୍ତି । ତାଙ୍କର ସ୍ୱଭାବ ସୁଲଭ ଉଦ୍ଧତ କଣ୍ଠରେ ସେ କହିଲେ—ଭବାନୀ ବାବୁ, ଅଳକାକୁ ଯେ ଖୁନ୍ କରାହୋଇଛି, ଏଥିରେ କଣ ଏ ପର୍ଯ୍ୟନ୍ତ ଆପଣଙ୍କର କୌଣସି ସନ୍ଦେହ ଅଛି ।

ଏପରି ପ୍ରଶ୍ନରେ ଭବାନୀ ବାବୁ ମନେ ମନେ ବିରକ୍ତ ହେଲେ । କହିଲେ—ନା, ନା, ସେଥିରେ ସନ୍ଦେହ କରିବାର କୌଣସି କାରଣ ନାହିଁ । ମୋତେ ଏତେଦୂର ନିର୍ବୋଧ ମନେ କରିବା ମଧ୍ୟ ଉଚିତ ନୁହେଁ ।

—ନା, ନା, ମୁଁ ଆପଣଙ୍କୁ ଅତିଶୟ ବୁଦ୍ଧିମାନ ବୋଲି ଜାଣେ । କିନ୍ତୁ ମୁଁ ଜାଣିବାକୁ ଚାହେଁ ଯେ ମି: ରାମମୂର୍ତ୍ତିଙ୍କୁ ଆପଣ ଅଳକାର ଡେଥ୍ ସାର୍ଟିଫିକେଟ୍‌ଟା ନ ଦେଲେ କାହିଁକି ?

ଲୋକଟାର କଣ୍ଠସ୍ୱର ଓ କହିବା ଭଙ୍ଗିରେ ଭବାନୀ ବାବୁ ଅତିଶୟ ବିରକ୍ତ ହେଲେ । ଗୁରୁ ଗମ୍ଭୀର କଣ୍ଠରେ ସେ କହିଲେ—ଦେଖନ୍ତୁ ମି. ମିଶ୍ର, ମୁଁ ବର୍ତ୍ତମାନ ଏଇ କେସ୍‌ଟି ତଦନ୍ତ କରୁଛି ।

ଆପଣ ନିଶ୍ଚୟ ଜାଣନ୍ତି ଯେ ତଦନ୍ତ କରୁଥିବା ବେଳେ ତଦନ୍ତକାରୀ ପୁଲିସ କର୍ମଚାରୀଙ୍କୁ ଆଇନ କେତେଗୁଡ଼ିଏ ବିଶେଷ କ୍ଷମତା ଦିଏ । ତା' ମଧ୍ୟରେ ଯେ କୌଣସି ବ୍ୟକ୍ତିର—ଏପରିକି ସେ ବ୍ୟକ୍ତି ଆପଣଙ୍କ ପରି ଜଣେ ଉଚ୍ଚ ପୁଲିସ କର୍ମଚାରୀ ହୋଇଥିଲେ ମଧ୍ୟ, ଜମାନବନ୍ଦି ନେବାର କ୍ଷମତା ଅନ୍ୟତମ । ସେହି କ୍ଷମତା ବଳରେ ମୁଁ ଆପଣଙ୍କୁ ପଚାରୁଛି । ମୁଁ ଡେ଼ଥ ସାର୍ଟିଫିକେଟ୍ ଦେଲି ନାହିଁ ବୋଲି ମି. ରାମମୂର୍ତ୍ତି ଆପଣଙ୍କ ନିକଟରେ ଅଭିଯୋଗ କରୁଛନ୍ତି— ଜମ୍ବା ଲେଡ଼ି ଡାକ୍ତର ସଂଘମିତ୍ରା ଦେବୀ ଏପରି ଅଭିଯୋଗ କରିଛନ୍ତି ।

ଭବାନୀବାବୁଙ୍କର ଏପରି ଗମ୍ଭୀର ଓ ଦୃଢ଼ ପ୍ରଶ୍ନରେ ମିଶ୍ର ସାହେବ ଦବିଗଲେ । ଭବାନୀ ବାବୁଙ୍କୁ ସେ ଭଲକରି ଚିହ୍ନନ୍ତି । ସାରା ଭାରତବର୍ଷରେ ତାଙ୍କର ସୁନାମ ରହିଛି । ମନ୍ତ୍ରୀମାନେ ମଧ୍ୟ ତାଙ୍କୁ ସମ୍ମାନ କରନ୍ତି । ଅପେକ୍ଷାକୃତ କୋମଳ କଣ୍ଠରେ ମିଶ୍ର ସାହେବ କହିଲେ କ୍ଷମା କରିବେ ଭବାନୀବାବୁ, ମୁଁ କୌଣସି ଉଦ୍ଦେଶ୍ୟ ରଖି ଏକଥା ପଚାରି ନାହିଁ । ସଂଘମିତ୍ରା ମୋର ପରିଚିତ । ସେ ଧନୀ ନୁହେଁ । ଅଳକା ଯେ ତାର ଜୀବନବୀମା ପଲିସିରେ ତାକୁ ଉତ୍ତରାଧିକାରୀ କରିଯାଇଛି ସେ କଥା ସେ ଜାଣି ପାଞ୍ଚ ଟଙ୍କାଟା ପାଇବାପାଇଁ କାହିଁକି ବ୍ୟଗ୍ର ହୋଇ ଉଠିଛି । ସେଇ ଟଙ୍କାରେ ସେ ଗୋଟାଏ କ୍ଲିନିକ କରି ସ୍ୱାଧୀନ ଭାବରେ ଡାକ୍ତରୀ ବ୍ୟବସାୟ କରିବ । ସେଥି ଯୋଗୁ ମୁଁ ଆପଣଙ୍କୁ ଏ କଥା ପଚାରୁଥିଲି । ଆଉ କୌଣସି ଉଦ୍ଦେଶ୍ୟ ନାହିଁ ।

ଅପେକ୍ଷାକୃତ କୋମଳ କଣ୍ଠରେ ଏଥର ଭବାନୀବାବୁ କହିଲେ, ମି: ରାମମୂର୍ତ୍ତି ମୋ ନିକଟକୁ ଯେତେବେଳେ ଆସିଥିଲେ ସେତେ

ବେଳେ ମୁ ପୋଷ୍ଟମର୍ଟମ ରିପୋର୍ଟଟି ମଧ୍ୟ ପାଇ ନଥିଲି । ସେଥି ଯୋଗୁ ଡେଥ୍ ସାର୍ଟିଫିକେଟ ଦେଇ ପାରିଲି ନାହିଁ । ମୋର ଅନ୍ୟ କିଛି ଉଦ୍ଦେଶ୍ୟ ନଥିଲା । ଏବେ ଯେ କୌଣସି ସମୟରେ ମୁଁ ଦେଇ ଦେବାକୁ ପ୍ରସ୍ତୁତ ଅଛି ।

ମିଶ୍ର ସାହେବ ଫୋନ ଛାଡିଦେଲେ । ଭବାନୀ ବାବୁ ନୀରବରେ ବସିରହି ବହୁକଥା ଚିନ୍ତା କରିବାକୁ ଲାଗିଲେ । ମୂଳରୁ ଏ ପର୍ଯ୍ୟନ୍ତ ମିଶ୍ର ସାହେବଙ୍କର ଭୂମିକା ବଡ଼ ରହସ୍ୟ ଜନକ । କେଉଁଠାରେ ଯେ ଏହାର ଶେଷ ସେ କଥା କିଏ କହିବ । ଏଇ ଇନ୍ସୁରେନ୍ସ ରହସ୍ୟଟିକୁ ତାଙ୍କୁ ପ୍ରଥମେ ଉଦ୍‌ଘାଟନ କରିବାକୁ ପଡ଼ିବ ।

ଘର୍ମାକ୍ତ କଳେବରରେ ସୁରୂପ ଆସି ପହଞ୍ଚିଲା । ଦୁଃଖିତ କଣ୍ଠରେ କହିଲା ନାହିଁ ସାର୍, ମିଳିଲା ନାହିଁ । ମୁଁ ବହୁ ଯତ୍ନରେ ପରୀକ୍ଷା କରିଛି । ଟିପ ଚିହ୍ନର ଫଟୋଗ୍ରାଫଟି ସହିତ ମୁଁ ଆଣିଥିବା ଟିପ ଚିହ୍ନ ମିଳିଲା ନାହିଁ ।

ଭବାନୀବାବୁ ଖୁସି ହୋଇ ଉଠିଲେ । ଟିପ ଚିହ୍ନ ଗୁଡ଼ିକ ଫଟୋ ସହିତ ନ ମିଳିବା ଯେ ଏ ରହସ୍ୟର ସବୁଠାରୁ ବଡ଼ ସୂତ୍ର । ଏ କଥା ସୁରୂପ ଜାଣି ନ ଥିଲା । ବର୍ତ୍ତମାନ ଇନସୁରେନ୍ସ ରସିଦ ଉପରେ ଯେଉଁ ଅଙ୍ଗୁଳି ଛାପଟି ଅଛି ସେଇଟି ଯେ ହତ୍ୟାକାରୀର, ଏଥିରେ କୌଣସି ସନ୍ଦେହ ନାହିଁ । ଏତେଦିନ ପରେ ଗୋଟିଏ ଅତି ଅକାଟ୍ୟ ପ୍ରମାଣ ସେ ପାଇଛନ୍ତି । ଏବେ ତାଙ୍କୁ ନିପୁଣ ହସ୍ତରେ ଜାଲଟି ପ୍ରସାରିତ କରିବାକୁ ହେବ । ତା' ପରେ ଯଥା ସମୟରେ ସେ ଜାଲ ଟାଣିବେ ।

ଭବାମୀବାବୁ କାନ୍ଥ. ଘଣ୍ଟାକୁ ଚାହିଁଲେ । ରାତି ପ୍ରାୟ ନ'ଟା ହେଲାଣି । ଜଟିଆର ଆସିବାପାଇଁ ଆହୁରି ବିଳମ୍ବ ଅଛି । ପୁରାତନ ଭୃତ୍ୟ ରଘୁନାଥ ଆଉ ଦୁଇକପ୍ ଚାହା ଦେଇଗଲା । ସୁସ୍ଥ ଅତିଶୟ କ୍ଲାନ୍ତ ହୋଇଥିଲା । ପରମ ତୃପ୍ତିରେ ଚାହା ପାନ କରିବାକୁ ଲାଗିଲା ।

ଏହି ସମୟରେ ପୁଲିସ ବନ୍ଦୀନାଗାରର ଅଧ୍ୟକ୍ଷ ଡକ୍ଟର ସିହ୍ନା ଆସି ପହଞ୍ଚିଲେ । ଗୋଟିଏ ଅମାୟିକ ହସ ହସି କହିଲେ—ନମସ୍କାର ଭବାମୀବାବୁ, ଆଜ ଦିନସାରା ମୁଁ ଏତେ କ୍ଲାନ୍ତ ଯେ ଟିକିଏ ମୁକ୍ତ ପବନରେ ବୁଲିବା ପ୍ରୟୋଜନ ହେଲା । ଏଇବାଟେ ଯାଉ ଯାଉ ଭାବିଲି ଥରେ ଆପଣଙ୍କ ସଙ୍ଗେ ଦେଖା କରିଯାଏ । ଆପଣଙ୍କ ପରି ବହୁଦର୍ଶୀ ବ୍ୟକ୍ତିଙ୍କ ସହିତ କଥାବାର୍ତ୍ତା କଲେ ମୁଁ ଅତିଶୟ ଆନନ୍ଦ ଲାଭ କରେ ।

ଭବାମୀବାବୁ ସ୍ମିତ ମୁଖରେ ଡକ୍ଟର ସିହ୍ନାଙ୍କୁ ବସିବାକୁ ଅନୁରୋଧ କଲେ । କହିଲେ—ଚାହା ନା କଫି କ'ଣ ଆଣିବାକୁ କହିବି ?

ପ୍ରଚଣ୍ଡ ଆପତ୍ତି କରି ଡକ୍ଟର ସିହ୍ନା କହିଲେ—ନା ନା ଭବାମୀ ବାବୁ । ଚାହା ବା କଫିର ପ୍ରୟୋଜନ ନାହିଁ । ବରଂ ଗିଲାସେ ଥଣ୍ଡା ପାଣି ଆଣିବାକୁ କହନ୍ତୁ । ଦିନ ସାରା ମୁଁ ଆଜି ମୋ ଲେବୋରେଟୋରୀ ଭିତରେ ବନ୍ଦ ହୋଇଛି । ହୀରା ହାରଟାକୁ ମୁଁ ବହୁ ଭାବରେ ପରୀକ୍ଷା କଲି । କିନ୍ତୁ କିଛି ପାଇଲି ନାହିଁ । ଏପରିକି ସାମାନ୍ୟ ଟିକିଏ ଅଙ୍ଗୁଳି ଚିହ୍ନ ମଧ୍ୟ ନାହିଁ । କିନ୍ତୁ ଗୋଟିଏ ଜିନିଷ ଦେଖି ମୁଁ ମୁଗ୍ଧ ହେଲି । ହୀରାଗୁଡ଼ିକ ଅତିଶୟ

ଖାଣ୍ଟି ଓ ମୂଲ୍ୟବାନ । ସେପରି ହୀରା ବର୍ତ୍ତମାନ ଆଉ ଦେଖିବାକୁ ମିଳେନାହିଁ । ଆପଣ ହୁଏତ ଜାଣନ୍ତି ନାହିଁ ମୁଁ ଜୀବନରେ ହୀରା ବିଷୟରେ ବହୁ ଗବେଷଣା କରିଛି । କେବଳ ମଧ୍ୟ-ପ୍ରାଚ୍ୟର କେତେକ ରାଜବଂଶର ଗନ୍ତାଘର ଛଡ଼ା ପୃଥିବୀର ଆଉ କୌଣସି ଦେଶରେ ଏପରି ମୂଲ୍ୟବାନ ହୀରା ଦେଖିବାକୁ ମିଳେ ନାହିଁ । "ସନ୍ନିବଲ" "ବ୍ଲୁ ନାଇଟ୍" "ପିକକ୍" "କୋହିନୁର" ପ୍ରଭୃତି ପୃଥିବୀର ଅତି ବିଖ୍ୟାତ ହୀରା ଖଣ୍ଡ ପରି ଏ ନେକ୍‌ଲେସ୍‌ର ହୀରା ଗୁଡ଼ିକ ମୂଲ୍ୟବାନ ଓ ଦୁର୍ଲଭ ।

ତା'ପରେ ବହୁ ଦେଶର ବହୁ କଥା ପଡ଼ିଲା । ଡକ୍ଟର ସିହ୍ନା ପ୍ରକୃତରେ ଜଣେ ବହୁଦର୍ଶୀ ବ୍ୟକ୍ତି । ଭବାନୀ ବାବୁଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନବୋଧ ମଧ୍ୟ ଅତିଶୟ ପ୍ରଗାଢ଼ । ରଘୁ ଗୋଟିଏ କାଚ ଗିଲାସରେ ପାଣି ଆଣି ଦେଲା । ଡକ୍ଟର ସିହ୍ନା ଥଣ୍ଡା ପାଣି ପିଇ ତୃପ୍ତ ହେଲେ । ଆଉ କିଛି କ୍ଷଣ ଗଳ୍ପକଲେ । ସମୟ ପାଇଲେ ପରେ ଆସିବେ ବୋଲି କହି ସେ ଆସନ ତ୍ୟାଗ କଲେ । ଗଲା ବେଳକୁ କହିଲେ—ଏ କେସ ଗୁଡ଼ିକରେ ଅପରାଧୀକୁ ଆପଣ ଯେ ନିଶ୍ଚୟ ଧରି ପାରିବେ ଏଥିରେ ମୋ'ର ତିଳେ ସୁଦ୍ଧା ସନ୍ଦେହ ନାହିଁ । ଆପଣଙ୍କର ସୁନାମ ମୁଁ ଏ ଦେଶକୁ ଆସିବା ପୂର୍ବରୁ ମଧ୍ୟ ଶୁଣିଛି । ମୁଁ କିନ୍ତୁ ଯାହା ସନ୍ଦେହ କରୁଛି ତାହା ମିଥ୍ୟା ହେଉ, ଏହାହିଁ ମୋର କାମନା ।

ଡକ୍ଟର ସିହ୍ନା ବିଦାୟ ନେଲେ । ୟୁସୁଫ ମଧ୍ୟ ଚାଲିଗଲା । ନିର୍ଜନ ଘର ଭିତରେ ଭବାନୀ ବାବୁ ପୁଣି ଧ୍ୟାନମଗ୍ନ ହୋଇ ବସି ରହିଲେ । ସଞ୍ଜବେଳୁ ଆକାଶରେ ମେଘ ଜମୁଥିଲା । ହଠାତ୍ ବର୍ଷା ପଡ଼ିବାକୁ

ଲାଗିଲା । ଭବାନୀ ବାବୁ ଉଠିଯାଇ ଘରର ଝରକା ଗୁଡ଼ାକ ବନ୍ଦ କରିଦେଲେ । ଫେରି ଆସି ପୁଣି ନିଜ ଚୌକିରେ ବସୁ ବସୁ କାନ୍ଥ ଘଡ଼ିରେ ଏଗାରଟା ବାଜିଲା । ଆଉ ଠିକ୍ ସେତିକିବେଳେ ଗୋଟିଏ କୃଷ୍ଣକାୟ ବଳବାନ ବ୍ୟକ୍ତି ନିଃଶବ୍ଦ ପଦକ୍ଷେପରେ ଘର ଭିତରେ ପ୍ରବେଶ କଲା ଓ ଟେବୁଲ ତଳେ ଗଳିଯାଇ ଭବାନୀ ବାବୁଙ୍କ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଯାଇ ତାଙ୍କର ପଦଧୂଳି ନେଇ ଜିଭରେ ଓ ମୁଣ୍ଡରେ ଲଗାଇଲା । ତାପରେ ଭବାନୀ ବାବୁଙ୍କ ଗୋଡ଼ ନିକଟରେ ହନୁମାନ ପରି ବସି କହିଲା ଜଟିଆ ଆସିଗଲା ହଜୁର !

.

ଭବାନୀ ବାବୁ ତାକୁ ଚାହିଁ ସାମାନ୍ୟ ହସିଲେ । ଜଟିଆ ସାମଲ ଜଣେ ଅତି କ୍ଷିପ୍ର ବଳବାନ ଓ ଦୁଃସାହସୀ ଦସ୍ୟୁ । ତିନିମହଲା କୋଠା ଉପରେ ପାଣିପାଇପ ଧରି ସେ ଅନାୟାସରେ ଚଢ଼ିଯାଇ ପାରେ । ଝରକାର ମୋଟା ଲୁହା ରେଲିଂ ସେ ଅଦ୍ଭୁତ ଉପାୟରେ ବଙ୍କାଇ ଦେଇପାରେ । ଏ ବିଶାଳ ସହରରେ ସେ ପାତାଳ ପୁରୀ Under groundର ନେତା । ଏ ନଗରରେ ଏପରି କେହି ନାମଜାଦା ଅପରାଧୀ ନାହିଁ ଯାହାକୁ କି ଜଟିଆ ନ ଚିହ୍ନେ । କିନ୍ତୁ ଭବାନୀ ବାବୁଙ୍କ ଶକ୍ତି ଓ ବୁଦ୍ଧି ନିକଟରେ ସେ ନିଜକୁ ଅତିଶୟ କ୍ଷୁଦ୍ର ମନେକରେ । ଏହି ଅତି ଧୂର୍ତ୍ତ ଦସ୍ୟୁଟି ଭବାନୀ ବାବୁଙ୍କୁ ଅତିଶୟ ବିଶ୍ୱାସ ଓ ସମ୍ମାନ କରେ । ବହୁ ବଡ଼ ବଡ଼ ଅପରାଧୀଙ୍କୁ ଧରିବା ପାଇଁ ସେ ବହୁଥର ଭବାନୀ ବାବୁଙ୍କୁ ସାହାଯ୍ୟ କରିଛି । ବହୁ ଅର୍ଥ ମଧ୍ୟ ଲାଭ କରିଛି । ଜଟିଆକୁ ଚାହିଁ ଭବାନୀ ବାବୁ କହିଲେ- କିଛି କରି ପାରିଲୁ ଜଟାଧାରୀ ?

ଟିକଏ ବେପରୱା ହସ ହସି କଟିଆ କହିଲା—ହଜୁରଙ୍କ କାମ କଟାଧାୱା ଯଦି ନ କରି ପାରିବ ତେବେ ସେ ବଡ଼ ବୁରୁଜରୁ ଡେଇଁ ନ ପଡ଼ି ପୂର୍ତ୍ତି ବଞ୍ଚିରହିବ କାହିଁକି ? ଏ ସବୁ ଆମ ଲାଇନ ନୁହେଁ ବଡ଼ ବାବୁ । କୋଟ ପେଣ୍ଟ ପିନ୍ଧା ଚଢ଼ୁଆ ଏ ସବୁ କାମ ଧରିଛନ୍ତି । ଆମ ମକବୁଲେ ଗୁଣ୍ଡାଟା ବି ତାଙ୍କ ସଙ୍ଗେ ଜୁଟି ଯାଇଛି । ଆଜି ସଞ୍ଜବେଳେ ତାକୁ ମାଲପାଣି ପିଆଇ ତା'ର ମୁହଁରୁ କଥାଟା ବାହାର କରିନେଲି । ଟଙ୍କା ଦଶଟା ଆଜି ମୋ ପାକିଟରୁ ବାଜି ଯାଇଛି ।

କଟିଆର ଇଙ୍ଗିତ ଭବାନୀ ବାବୁ ବୁଝି ପାରିଲେ । ମନିବ୍ୟାଗରୁ ଦୁଇଖଣ୍ଡି ଦଶଟଙ୍କିଆ ନୋଟ କାଢ଼ି ତା ସାମନାରେ ଧରିଲେ । ନୋଟ ଦୁଇଖଣ୍ଡିକୁ ଝାମ୍ପି ନେଇ ସେ ପକେଟରେ ରଖି ଦେଲା ତାପରେ ଅମ୍ଳାନ ହସ ହସି କହିଲା—ହଜୁରଙ୍କ ସଙ୍ଗେ କାମକଲେ ମଜା ଅଛି । ଗରିବଙ୍କର ପେଟ ପାଟଣା କଥା ଆପଣଙ୍କ ପରି ଆଉ କେହି ବୁଝି ପାରିବେ ନାହିଁ । ଆପଣ ଯଦି ଆମ ଲାଇନରେ ଥାନ୍ତେ ବଡ଼ବାବୁ ତେବେ ବର୍ଷ ପାଞ୍ଚଟା ଭିତରେ ଆପଣ ଗୁଲ୍ ବନିଯାନ୍ତେ ।

ତା ପରେ ବହୁକ୍ଷଣ ପର୍ଯ୍ୟନ୍ତ କଟିଆ ସହିତ ଭବାନୀବାବୁ କେତେ କ'ଣ ଗୁପ୍ତ ଆଲୋଚନା କଲେ । ସବୁ ଶୁଣିସାରି କଟିଆ କହିଲା—କିଛି ପରୱା ନାହିଁ ହଜୁର ! ଏ କାମ କଟାଧାୱା ହାତକୁ ନେଲା । ସେ ଗ୍ରହଣଖଣ୍ଡୀ ଡାକ୍ତରାଣୀଟାକୁ ବି ମୁଁ ଚିହ୍ନେ । ହେଲେ ହଜୁର ଏ ସବୁ କାମରେ ଖର୍ଚ୍ଚ ବାର୍ଚ୍ଚ ଟିକଏ ବେଶୀ ହୁଏ, ଆଉ ପାଞ୍ଚଜଣଙ୍କୁ ବି କାମରେ ଲଗାଇବାକୁ ହେବ । ଆପଣତ ସବୁ ଜାଣନ୍ତି

ମକବୁଲଟାକୁ ମୁଁ ରେକର୍ଡରେ ଲଦ ଆଜ ରାତିରେ ଏଠାକୁ ନେଇ ଆସିବ । କେହି ଜାଣିବେ ନାହିଁ । ହେଲେ ହଜୁର ମୁଁ କହୁଥିଲି— ଆଜି ସେ ଭେଜା କାରବାର ନ କରି ଖଣ୍ଡିଏ ବାଘମୁଣ୍ଡିଆ ଫାଶି ଗୁଳନ୍ତୁ ।

ମନିବ୍ୟାଗ୍ ଖୋଲି ଭବାନୀବାବୁ ଗୋଟାଏ ନୋଟ ଜଟିଆ ହାତକୁ ବଢାଇ ଦେଲେ, ପରମ ଭକ୍ତିରେ ନୋଟ ବଡ଼ାଟି ମୁଣ୍ଡରେ ଛୁଆଇଁ ଜଟିଆ ପକେଟରେ ରଖିଲା । ତା'ପରେ କହିଲା—ଜଟିଆ ଏବେ ଗଲାଣି ହଜୁର । ଦୁଆର ଖୋଲା ରଖିଥିବେ ।

ଜଟିଆ ଗୁଲିଗଲା । ଭବାନୀବାବୁ ସେହିଠାରେ ବସିରହିଲେ । ମନେ ମନେ ବହୁ ଯୋଜନା ସେ କରିବାକୁ ଲାଗିଲେ । ବାହାରେ ବର୍ଷା ପବନ ବଢିବାକୁ ଲାଗିଲା । କପରି ଶୀତ ଲାଗୁଛି, ଦୁଇଦିନ ହେଲା ତାଙ୍କର ଆହାର ନାହିଁ କି ନିଦ୍ରା ନାହିଁ । କିନ୍ତୁ ସେ କ୍ଲାନ୍ତ ଅନୁଭବ କଲେ ନାହିଁ । ତାଙ୍କର ସ୍ନାୟୁ ଓ ପେଶୀ ଇସ୍ପାତ ଠାରୁ ମଧ ଶକ୍ତ । ମନବଳ ମଧ ତାଙ୍କର ଅସୀମ ।

ରାତି ଗୋଟାଏ ବାଜିଲା । ତାର କିଛି ସମୟ ପରେ ବର୍ଷା ପାଣିରେ ଜୁଡ଼ୁବୁଡ଼ୁ ହୋଇ ଜଟିଆ ଦୁଆର ଠେଲି ଘରଭିତରେ ପଶିଲା । ତା' କାନ୍ଧରେ ପ୍ରକାଣ୍ଡ ଗୋଟାଏ ଗଣ୍ଠିରି । —ମକବୁଲ ଗୁଣ୍ଡାଟାକୁ ନେଇ ଆସିଛି ବଡ ବାବୁ । ପୁରା ବେହୋଶ ହୋଇ ମୀନା କସବୀ ପିଣ୍ଡାରେ ପଡ଼ିଥିଲା । ଏହା କହି ଗଣ୍ଠିରିଟିକୁ ସେ ତଳେ ରଖିଦେଲା । ଭବାନୀ ବାବୁ ସେଥିପାଇଁ ପ୍ରସ୍ତୁତ ଥିଲେ । ଚୈତନ୍ୟ ହୀନ ମକବୁଲକୁ ପାଖ ଘରକୁ ଠେଲି ନେଲେ । ତା' ପରେ ଜଟିଆକୁ ବିଦାୟ ଦେଇ ଘର ଦୁଆରକୁ ଭିତରୁ ବନ୍ଦ କରିଦେଲେ ।

ନିର୍ଜନ ଘର ଭିତରେ ଏକା ବସି ଭବାନୀ ବାବୁ ମକ୍‌ବୁଲ୍‌କୁ ଚିକିତ୍ସା କରିବାକୁ ଲାଗିଲେ । ଏ ଲୋକଟିକୁ ଭବାନୀବାବୁ ଭଲ ଭାବେ ଜାଣନ୍ତି । ଅତି ଦୁର୍ଦ୍ଧର୍ଷ ଗୁଣ୍ଡା । କଥା କଥାକେ ଛୁରୀ ଚଳେଇବା ପାଇଁ ଅଭ୍ୟସ୍ତ । କେତୋଟି ମାମଲାରେ ସେ ବର୍ତ୍ତମାନ ଫେରାର ଅଛି । ଭବାନୀ ବାବୁ ତାର ସନ୍ଧାନ ପାଉ ନଥିଲେ । ଏତେଦିନ ପରେ ତାକୁ ସେ ପାଇଛନ୍ତି ।

ବହୁକ୍ଷଣ ପରେ ଧୀରେ ଧୀରେ ତାର ଜ୍ଞାନ ଫେରିଲା । ହାତରେ ହାତକଡ଼ା ପିନ୍ଧା ହୋଇଛି । ପ୍ରଥମେ ସେ କିଛି ବୁଝି ପାରିଲା ନାହିଁ । ତା'ପରେ ହଠାତ୍ ତା' ସାମ୍‌ନାରେ ଭବାନୀବାବୁଙ୍କୁ ଦେଖି ତାର ସବୁ ନିଶା କ୍ଷଣକ ଭିତରେ କଟିଗଲା । ସାମନାରେ ଉତ୍‌ପେଣ ସାପ ଦେଖିଲା ପରି ସେ ଚମକି ଉଠିଲା । ରହସ୍ୟମୟ ଢଙ୍ଗରେ ହସ ହସି ଭବାନୀବାବୁ କହିଲେ—ତୁମ୍ଭମାନଙ୍କର ସବୁ ଲୀଳା ଶେଷ ହୋଇଛି ମକ୍‌ବୁଲ୍ । ସବୁ କଥା ମୁଁ ଜାଣି ସାରିଛି । ମାତାଲ ଅବସ୍ଥାରେ ତୁମେ ନିଜେ ମଧ୍ୟ ମୋତେ ସବୁ କହିଛ । ଫାଶୀ ମଞ୍ଚରେ ଝୁଲି ମରିବାକୁ ଇଚ୍ଛା ନ ଥିଲେ ସବୁ କଥା ସତ କହ । କ'ଣ କହିବ ? ତା' ହେଲେ ମୁଁ ତୁମକୁ ରାଜସାକ୍ଷୀ କରି କ୍ଷମା ଦେବି ।

ଭୟ ବିହ୍ୱଳ କଣ୍ଠରେ ମକବୁଲ କହିଲା—କିନ୍ତୁ ମୁଁ ବା ଆଉ କେହି ତାଙ୍କୁ କେବେହେଲେ ଦେଖି ନାହୁଁ । ମୁଁ ଯେତିକି ଜାଣିଛି ଆଉ ଯାହା କରିଛି, ସବୁ କହିବି । ମୋତେ ବଞ୍ଚାନ୍ତୁ । ଫାଶୀ ଦଉଡ଼ାରେ ଝୁଲି ମରିବାକୁ ମୋର ଆଦୌ ଇଚ୍ଛା ନାହିଁ ।

# ଗୃର

ସବୁକାମ ଶେଷକରି ଓ ମକବୁଲର ଜମାନବନ୍ଦୀକୁ ଟେପ୍ ରେକର୍ଡ଼ିଂ କରିସାରି ଶେଷ ରାତିକୁ ଭବାନୀ ବାବୁ ବିଛଣା ଧରିଲେ । ପ୍ରଚଣ୍ଡ କ୍ଳାନ୍ତି ଯୋଗୁ ଅତି ବିଳମ୍ବରେ ସେ ଗଭୀର ନିଦ୍ରାରେ ଶୋଇଗଲେ । ତାଙ୍କ ଭାଷାରେ କହିବାକୁ ହେଲେ ସେ ବର୍ତ୍ତମାନ ଜାଲ ପକାଇଛନ୍ତି । କିନ୍ତୁ ତାକୁ ଆହୁରି ବିସ୍ତାରିତ କରିବାକୁ ହେବ । ଅତି ଗୋପନରେ ଆହୁରି ବ୍ୟାପକ ତଦନ୍ତ କରିବାକୁ ହେବ । ଆଉ ସେ ତଦନ୍ତରେ ଯେତେଦୂର ସମ୍ଭବ ଖୁବ୍ କ୍ୱଚିତ ପୁଲିସର ସାହାଯ୍ୟ ନେବାକୁ ହେବ ।

ଗୋଟିଏ ସ୍ୱପ୍ନହୀନ ଗଭୀର ନିଦ୍ରା ପରେ ଟେଲିଫୋନର ନିରବଚ୍ଛିନ୍ନ ଓ କର୍କଶ ସ୍ୱରରେ ତାଙ୍କର ନିଦ ଭାଙ୍ଗିଗଲା । କାନ୍ଥ ଘଡ଼ିକୁ ଚାହିଁ ଦେଖିଲେ—ନ'ଟା ବାଜି ଗଲାଣି । ଧଡ଼ପଡ଼ କରି ବିଛଣାରୁ ଉଠିପଡ଼ି ସେ ରିସିଭରଟା ଉଠାଇ ନେଲେ । ଏସ୍. ପି. ଫୋନ ଧରିଛନ୍ତି । କଣ୍ଠସ୍ୱର ତାଙ୍କର ଅତିଶୟ ଉତ୍ତେଜିତ ଓ ବିବ୍ରତ । ଭବାନୀ ବାବୁ ସର୍ବନାଶ ଘଟିଛି ! ମୋର ମାନସମ୍ମାନ ସବୁ ଧୂଳିସାତ ହୋଇଯାଇଛି ! ଦୟାକରି ଆପଣ ଥରେ ଶୀଘ୍ର ଏଠାକୁ ଆସନ୍ତୁ । ଆଇ. ଜି. ବର୍ତ୍ତମାନ ଏଠାକୁ ଆସୁଛନ୍ତି ।

ଭବାନୀ ବାବୁ କିଛି ବୁଝି ପାରିଲେ ନାହିଁ । କହିଲେ—କିନ୍ତୁ କ'ଣ ହୋଇଛି ମିଃ ଦାସ ! ଆପଣ ଏପରି ବିବ୍ରତ ହୋଇ ପଡ଼ିଛନ୍ତି କାହିଁକି ?

ଅତି କରୁଣ କଣ୍ଠରେ ଏସ୍. ପି. କହିଲେ-ସାଯୁରିବାନୁର ହୀରା ହାରଟି କାଲି ରାତିରେ ମୁଁ ମୋ ନିଜ ଲୁହା ସିନ୍ଦୁକରେ ରଖିଥିଲି । ଆଇ. ଜି. ସାହେବ କହୁଥିବା ସତ୍ତ୍ୱେ ନିରାପତ୍ତା ଦୃଷ୍ଟିରୁ ମୁଁ ତାହା ପୁଲିସ ମାଲଖାନାରେ ରଖିଲି ନାହିଁ । ଆଜି ସକାଳ ସାତଟା ବେଳେ ମୁଁ ସଶସ୍ତ୍ର ପୁଲିସ ହେପାଜତ୍‌ରେ ହୀରା ହାର ଥିବା ବାକ୍‌ସଟି ଯଥୋଚିତ ସିଲ୍ କରି ଆଇ. ଜିଙ୍କ ନିକଟକୁ ପଠାଇ ଦେଲି । ଆଜି ସକାଳ ଆଠଟା ବେଳେ ଅତିଥି ଭବନରେ ଆଇ. ଜି. ନିଜେ ସେ ହାରଟି ସାଯୁରିବାନୁଙ୍କୁ ଫେରାଇ ଦେବାର କଥା । ଘଟଣାଟିକୁ ସେ ସାନ ଗୋଟିଏ ଉତ୍ସବର ରୂପ ଦେବା ଉଦ୍ଦେଶ୍ୟରେ ସଙ୍ଗରେ କେତେଜଣ ପ୍ରେସ ରିପୋର୍ଟର ଓ ଫଟୋଗ୍ରାଫର ନେଇ ଯାଇଥିଲେ । ଆଇ: ଜି. ଙ୍କ ହାତରୁ ସାଯୁରିବାନୁ ହାରଟି ଗ୍ରହଣ କରିବା ସମୟରେ ଫଟୋ ଉଠିଥାନ୍ତା । ଆଉ ସାରା ପୃଥିବୀରେ ସେ ଚିତ୍ର ସମ୍ବାଦପତ୍ରମାନଙ୍କରେ ବାହାରି ଥାନ୍ତା । ଓଡ଼ିଶା ପୋଲିସର ଗୌରବମୟ କୃତିତ୍ୱ ସାରା ବିଶ୍ୱରେ ପ୍ରଚାର ଲାଭ କରିଥାନ୍ତା ।

ଏସ୍. ପି. ନୀରବ ହେଲେ । ଭବାନୀ ବାବୁ ପଚାରିଲେ—କିନ୍ତୁ କ'ଣ ପୁଣି ହେଲା ! ଅବଶେଷରେ କ'ଣ ଫଟୋ କାମେରାରେ କୌଣସି ବିଭ୍ରାଟ ଦେଖା ଗଲା ?

ଏଥର ପ୍ରାୟ କାନ୍ଦିବା ଭଳି କଣ୍ଠରେ ଏସ୍. ପି: କହିଲେ—ନା ସେଥିରେ କୌଣସି ବିଭ୍ରାଟ ଦେଖାଯାଇ ନାହିଁ । ଶିକ୍ଷିତ ଫଟୋଗ୍ରାଫରମାନେ ଫଟୋ ଉଠାଇଲେ । ଅତିଶୟ ଖୁସି ହୋଇ ସାଯୁରିବାନୁ ଆଇ. ଜିଙ୍କ ହାତରୁ ହାରଟି ଗ୍ରହଣ କରି ନିଜ ଗଳାରେ ଝୁଲାଇ ଦେଲା । ତା' ପରେ କ'ଣ ଜାଣିପାରି କେଜାଣି

ହାରଟି ବେକରୁ କାଢ଼ି ପକାଇ ଆଇ. ଜି.ଙ୍କ ହାତକୁ ଫେଙ୍ଗାଇ ଦେଇ ଦେଇ ମୁହଁ ଶୁଖାଇ କହିଲା—ଏଇଟି ମୋ'ର ନୁହେଁ । ଏଥିରେ ହୀରା ନାହିଁ । ସବୁଗୁଡ଼ିକ ମୂଲ୍ୟହୀନ କାଚ । ମୋ'ର ହାରର ଗୋଟିଏ ମୂଲ୍ୟହୀନ ଇମିଟେସନ ।

ଏପରି ଅଦ୍ଭୁତ କଥା ଶୁଣି ଭବାନୀ ବାବୁ ଏକାବେଳେ ସ୍ତମ୍ଭିତ ହୋଇଗଲେ । ସେ କିଛି ବୁଝିପାରିଲେ ନାହିଁ । ଏସ୍. ପି: ଏଥର ବ୍ୟାକୁଳ କଣ୍ଠରେ କହିଲେ—ମୋର ମାନ, ସମ୍ମାନ ଆପଣ ବଞ୍ଚାନ୍ତୁ ଭବାନୀ ବାବୁ । ଆପଣ ଶକ୍ତିମାନ । ଆପଣଙ୍କ ଛଡ଼ା ମୋର ବର୍ତ୍ତମାନ ଆଉ କୌଣସି ଭରସା ନାହିଁ । ମୋର ମନେ ହେଉଛି ଯେ ଏହା ମିଶ୍ର ସାହେବଙ୍କର ଚକ୍ରାନ୍ତ । ସେଇ ବୋଧହୁଏ ଏ ଷଡ଼ଯନ୍ତ୍ରର ପୁରୋଧା । ଆଉ କିଛିକ୍ଷଣପରେ ଆଇ. ଜି. ଓ ଜିଲ୍ଲା ମାଜିଷ୍ଟ୍ରେଟ ଏଠାକୁ ଆସିବେ । ଆପଣ ଦୟାକରି ଅତିଶୀଘ୍ର ଆସନ୍ତୁ । ମୁଁ ଡ଼କ୍ଟର ସିହ୍ନାଙ୍କୁ ମଧ୍ୟ ଅନୁରୋଧ କରିଛି । ସେ ଶୀଘ୍ର ଆସିବେ ବୋଲି କହିଛନ୍ତି ।

ଭବାନୀ ବାବୁ କହିଲେ—ଆପଣ ଆଦୌ ଚିନ୍ତିତ ହୁଅନ୍ତୁ ନାହିଁ ମି. ଦାସ । ମୁଁ ଏହିକ୍ଷଣି ଯାଉଛି । ମୋତେ ଆପଣ ବିଶ୍ୱାସ କରନ୍ତୁ । ଏ ରହସ୍ୟର ସମାଧାନ ମୁଁ ନିଶ୍ଚୟ କରିବି ।

ରିସିଭର ରଖି ଦେଇ ଭବାନୀ ବାବୁ ନୀରବରେ ବସି ରହିଲେ । ସେ ଅତି ଦ୍ରୁତ ଚିନ୍ତା କରିବାକୁ ଲାଗିଲେ । ମନେ ମନେ ସେ ଏକ ଶପଥ ଉଚ୍ଚାରଣ କଲେ ।—ମିଶ୍ର ସାହେବ ହୁଅନ୍ତୁ ବା ଆଇ. ଜି. ସାହେବ ନିଜେ ହୁଅନ୍ତୁ, ଭବାନୀ ବାବୁ କାହାକୁ ଛାଡ଼ିବେ ନାହିଁ । ପ୍ରକୃତ ଅପରାଧୀକୁ ସେ ନିଶ୍ଚୟ ଆଇନ ହାତରେ ସମର୍ପି ଦେବେ ।

ଏସ୍. ପି:ଙ୍କ ଘରେ ଭବାନୀ ବାବୁ ପହଞ୍ଚିବା ସଙ୍ଗେ ସଙ୍ଗେ ଡାକ୍ତର ସିହ୍ନା ମଧ୍ୟ ତାଙ୍କ କାର୍‌ରେ ପହଞ୍ଚିଗଲେ । ଡାକ୍ତର ସିହ୍ନାଙ୍କୁ ଏସ: ପି. ଟେଲିଫୋନରେ ଅସଲ କଥା କହି ନ ଥିଲେ । କେବଳ ଅତିଶୀଘ୍ର ଆସିବା ପାଇଁ ଅନୁରୋଧ କରିଥିଲେ । ଏସ୍: ପି:ଙ୍କ ଠାରୁ ପ୍ରକୃତ ଘଟଣା ଶୁଣି ସେ ସ୍ତମ୍ଭିତ ହୋଇଗଲେ । ନିର୍ବାକ ହୋଇ ବହୁକ୍ଷଣ ପର୍ଯ୍ୟନ୍ତ ବସି ରହିଲେ । ତା' ପରେ ଧୀରେ ଧୀରେ ଅନୁଚ୍ଚ କଣ୍ଠରେ କହିଲେ—ହାରଟିର ପ୍ରତି ହୀରା ଖଣ୍ଡ ମୁଁ ପରୀକ୍ଷା କରି ଦେଖିଛି । ସବୁଗୁଡ଼ିକ ଅତି ଉତ୍‌କୃଷ୍ଟ ଓ ଦୁର୍ଲ୍ଲଭ ହୀରା । ପାଞ୍ଚଲକ୍ଷ ଟଙ୍କାରୁ ମଧ୍ୟ ଅଧିକ ମୂଲ୍ୟ ହେବ ।

କିଛିକ୍ଷଣ ପରେ ଆଇ. ଜି: ସାହେବ ଆସି ପହଞ୍ଚିଲେ । ଦୀର୍ଘ ଦେହ ପ୍ରୌଢ଼ ବ୍ୟକ୍ତି । ସାଧୁତା ଓ ନ୍ୟାୟପରାୟଣତାର ଯେପରି ଜୀବନ୍ତ ପ୍ରତୀକ । ଗମ୍ଭୀର ଓ ଜ୍ଞାନୋଜ୍ଜ୍ୱଳ ମୁଖ ମଣ୍ଡଳ । ତାଙ୍କ ସଙ୍ଗରେ ଆସିଲେ ଗୋଇନ୍ଦା ବିଭାଗର କର୍ତ୍ତା ମିଶ୍ର ସାହେବ । ଜିଲ୍ଲା କଲେକ୍ଟର ମି: ସୁନ୍ଦରନ୍ ଓ ଆଉ ଦୁଇଜଣ ଗୋଇନ୍ଦା ବିଭାଗ ଇନ୍‌ସ୍‌ପେକ୍ଟର । ଖଣ୍ଡିଏ ଚୌକିରେ କିଛିକ୍ଷଣ ପର୍ଯ୍ୟନ୍ତ ନୀରବରେ ବସିରହି ଆଇ. ଜି. ଗମ୍ଭୀର କଣ୍ଠରେ ଏସ୍. ପି.ଙ୍କୁ ଚାହିଁ କହିଲେ— ମି: ଦାସ ଗୋଟିଏ ଅତି ଅପ୍ରୀତିକର କର୍ତ୍ତବ୍ୟ ସାଧନ କରିବା ପାଇଁ ମୁଁ ଏଠାକୁ ଆସିଛି । କେବଳ ଅପ୍ରୀତିକର ନୁହେଁ—ରାଜ୍ୟର ସମଗ୍ର ପୁଲିସ ବିଭାଗ ପ୍ରତି ଏହା ଅତି ଲଜ୍ଜ୍ୟା ଓ ଅସମ୍ମାନ ଜନକ ।

କିଛିକ୍ଷଣ ନୀରବ ରହି ଆଇ: ଜି. ପୁଣି କହିଲେ—ଏଇ ଉପ୍ୟୁପରି ହତ୍ୟାକାଣ୍ଡ ଓ ଚୋରି ଗୁଡ଼ିକର ତଦନ୍ତ ଭାର ଆପଣଙ୍କ ଉପରେ ନ୍ୟସ୍ତଥିଲା । କିନ୍ତୁ ମୁଁ କେତେକ ବିଶ୍ୱାସଯୋଗ୍ୟ ରିପୋର୍ଟ ପାଇଛି ଯେ ଆପଣ ନିଜେ ଏସବୁ କାଣ୍ଡର କର୍ଣ୍ଣଧାର ହେବା

ଅସମ୍ଭବ ନୁହେଁ । ଧୂର୍ଜଟୀ ଶର୍ମା ଗୋଟାଏ ସାଂଘାତିକ ଡକାୟତ । ଏ କଥା ଆପଣ ଭଲଭାବରେ ଜାଣନ୍ତି । କାରଣ ଆପଣଙ୍କର ନିଜ ରିପୋର୍ଟରୁ ମୁଁ ଏକଥା ଜାଣି ପାରୁଛି । ସେହି ଡକାୟତର ଘର ଭିତରେ ଅଳକା ଖୁନ୍ ହେଲା । ପୁଣି ତା'ର ଘର ଭିତରେ ମାଟିତଳୁ ପୁଲିସ କୁକୁର ସାହାଯ୍ୟରେ ସାଯୁରବାବୁର ଅପହୃତ ହୀରା ମାଳଟି ମିଳିଲା । ଅଥଚ ଘଟଣା ସ୍ଥଳରେ ଆପଣ ନିଜେ ଥାଇ ସୁଦ୍ଧା ସେ ଡକାୟତ — ଯେ କି ଏ ମାମଲାର ମୁଖ୍ୟ ଆସାମି ବୋଲି ସନ୍ଦେହ କରିବାର ଯଥେଷ୍ଟ କାରଣ ଅଛି, ସେ ଅଦୃଶ୍ୟ ହୋଇ ଯାଇ ପାରିଲା ! !

—କିନ୍ତୁ ସାର୍......

ଏସ୍. ପି. କ'ଣ କହିବାକୁ ଯାଉଥିଲେ । କିନ୍ତୁ ହାତ ଇଙ୍ଗିତରେ ତାଙ୍କୁ ନୀରବ ହେବାକୁ ନିର୍ଦ୍ଦେଶ ଦେଇ ଆଇ. ଜି. କହିଲେ—ନିଜ ପାଖରେ ନ ରଖି ପୁଲିସ ମାଲଖାନାରେ ସେ ବହୁମୂଲ୍ୟ ହୀରା ମାଳଟି ରଖିଦେବା ପାଇଁ ମୁଁ ଆପଣଙ୍କୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ ଆପଣ ରାତିରେ ତାହା ନିଜ ପାଖରେ ରଖିଲେ ଓ ସକାଳେ ସେ ହୀରା ମାଳ ପରିବର୍ତ୍ତରେ ମୋ ନିକଟକୁ ଗୋଟିଏ ମୂଲ୍ୟହୀନ କାଚ ମାଳ ପଠାଇ ଦେଲେ ! ! କେବଳ ମୋତେ ନୁହେଁ—ସମଗ୍ର ଭାରତ ବର୍ଷର ପୁଲିସ ବିଭାଗକୁ ଆପଣ ହାସ୍ୟାସ୍ପଦ କରାଇଲେ । ଏହି ସବୁ ଘଟଣାବଳୀ ବିଚାର କରି ମୁଁ ଆଦେଶ ଦେଉଛି ଯେ, ଏ ମାମଲା ଗୁଡ଼ିକର ତଦନ୍ତ ଭାର ଏହି ମୁହୂର୍ତ୍ତରୁ ମି: ମିଶ୍ର ଗ୍ରହଣ କରିବେ । ଆପଣଙ୍କୁ ଏ ଦାୟିତ୍ୱ ଦେବା ଆଉ ନିରାପଦ ନୁହେଁ ।

ଆଇ· ଜି. ନୀରବ ହେଲେ । ପ୍ରଚଣ୍ଡ ଲଜ୍ଜା ଓ ଅପମାନରେ ଏସ· ପି:ଙ୍କ ଆଖି ଦୁଇଟି ଅଶ୍ରୁ ସଜଳ ହୋଇ ଉଠିଲା । ସେ କୌଣସି କଥା କହି ପାରିଲେ ନାହିଁ । ଏହି ସମୟରେ ଆଇ· ଜି· ଙ୍କ କାନ ନିକଟରେ ମୁହଁ ଲଗାଇ ମିଶ୍ର ସାହେବ କହିଲେ । ଆଇ· ଜି. କେତେଥର ମୁଣ୍ଡ ଝୁଙ୍ଗାଇଲେ । ତା' ପରେ ଗମ୍ଭୀର କଣ୍ଠରେ ପୁଣି କହିଲେ—ବଡ଼ ଦୁଃଖର ସହିତ ଆଜି ଗୋଟିଏ କଥା ଜଣାଇବାକୁ ମୁଁ ବାଧ୍ୟ ହେଉଛି ମି: ଦାସ । ଆପଣଙ୍କର ଘରଟି ଖାନତଲ୍ଲାସ କରିବା ପ୍ରୟୋଜନ ହେଉଛି । ଅବଶ୍ୟ ବାହାରର କୌଣସି ସାକ୍ଷୀ ବାକି ଘଟଣାଟିକୁ ବହୁଳ ଭାବରେ ବିଜ୍ଞାପିତ ନ କରି କଲେକ୍ଟର ମି! ସୁନ୍ଦରନ୍ ନିଜେ ଉପସ୍ଥିତ ରହି ତାହା କରିବେ । ମି. ମିଶ୍ର ଖାନତଲ୍ଲାସ କରିବେ ।

ତା' ପରେ ମିଶ୍ର ସାହେବଙ୍କୁ ସେହିଁ ଆଦେଶ ଦେଲେ· ଆପଣ ମାନେ ମି. ଦାସଙ୍କୁ ସଙ୍ଗରେ ନେଇ କାମ ଆରମ୍ଭ କରନ୍ତୁ ମି· ମିଶ୍ର । ମି: ସୁନ୍ଦରନ୍ ଆପଣ ମଧ୍ୟ ଦୟାକରି ଯା'ନ୍ତୁ । ଖାନତଲ୍ଲାସର ଫଳାଫଳ ଦେଖି ମୁଁ ଏ ସ୍ଥାନ ଛାଡ଼ିବ ।

ଘର ତଲାସିର ସବୁ ଆଇନଗତ ନିୟମ ପାଳନ ପରେ ଅଫିସର ମାନେ ଘରଭିତରେ ପଶିଲେ । ଯନ୍ତ୍ର ଚାଳିତ ପରି ଏସ୍. ପି: ମଧ୍ୟ ସେମାନଙ୍କ ସଙ୍ଗରେ ଗଲେ । ମିଶ୍ର ସାହେବଙ୍କୁ ସାହାଯ୍ୟ କରିବା ପାଇଁ ତାଙ୍କର ଗୋଇନ୍ଦା ଇନ୍‌ସ୍‌ପେକ୍ଟର ଦୁଇଜଣ ମଧ୍ୟ ଭିତରକୁ ଗଲେ । ଅଫିସ ଘରଭିତରେ କେବଳ ଆଇ. ଜି· ଭବାନୀବାବୁ ଓ ଡକ୍ଟର ସିହ୍ନା ବସି ରହିଲେ ।

ବର୍ଷଣୋନ୍ମୁଖ ମେଘ ପରି ଆଇ. ଜି: ଙ୍କ ମୁଖ ଗମ୍ଭୀର । ମୁହଁରେ ପାଇପ୍ ଲଗାଇ ସେ ନୀରବରେ ବସି ରହିଲେ । ଏଇ

ମହାତ୍ମାମୀ ଓ କର୍ତ୍ତବ୍ୟନିଷ୍ଠ ପ୍ରୌଢ଼ଙ୍କୁ ଭବାନୀ ବାବୁ ଭଲଭାବରେ ଜାଣନ୍ତି । ଅନ୍ତର ତାଙ୍କର ଅତି କୋମଳ ହେଲେ ମଧ୍ୟ କର୍ତ୍ତବ୍ୟ ସାଧନ ପାଇଁ ସେ ବଜ୍ରଠାରୁ ମଧ୍ୟ କଠୋର ହୋଇ ପାରନ୍ତି । ଏସ୍. ପି: ମି· ଦାସଙ୍କୁ ସେ ଅତିଶୟ ସ୍ନେହ ଏବଂ ବିଶ୍ୱାସ କରୁଥିଲେ । ଭବାନୀବାବୁ ଭଲଭାବରେ ଜାଣନ୍ତି ଯେ ଏସ୍. ପି. ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ଅତି ବିଭତ୍ସ ଗୋଟିଏ ଷଡ଼ଯନ୍ତ୍ରର ସେ ବର୍ତ୍ତମାନ ଶୀକାର ହୋଇଛନ୍ତି । ତାଙ୍କ ଘରେ ଯେ ହୀରା ମାଳଟି ନାହିଁ ଏ କଥା ଅଇ· ଜି. ଅବିଳମ୍ବେ ବୁଝି ପାରିବେ । ମି· ଦାସଙ୍କ ପ୍ରତି ତାଙ୍କର ସ୍ନେହ ଓ ବିଶ୍ୱାସ ପୁଣି ଫେରି ଆସିବ ।

ଏସ୍. ପି: ଙ୍କର ବିଶାଳ ସରକାରୀ ଭବନଟି ସର୍ଚ୍ଚ କରିବା ପାଇଁ ବହୁକ୍ଷଣ କଟିଗଲା । ଅବଶେଷରେ କାହିଁକି କେଜାଣି ଘର ଭିତରେ କଳରବ ଶୁଣାଗଲା । ଅଳ୍ପକ୍ଷଣ ପରେ ଆନନ୍ଦ କଳରବ କରୁକରୁ ମିଶ୍ର ସାହେବ ଦୌଡ଼ି ଆସିଲେ । —ମିଳିଛି, ମିଳିଛି ସାର ! କିନ୍ତୁ ସାପୁରବାଲୁର ହୀରମାଳ ନୁହେଁ । ସେଠ ଗୋପିଚାନ୍ଦଲଲର ଚୋରି ହୋଇଥିବା ଦୁଇଖଣ୍ଡ ମୂଲ୍ୟବାନ ହୀରା । ମି: ଦାସଙ୍କର ପୋଷାକ ଆଲମାରୀ ଭିତରେ ଲୁଚି ହୋଇଥିଲା ।

ଦୁଇ ଖଣ୍ଡି ଉଜ୍ଜ୍ୱଳ ହୀରା ଆଇ. ଜି:ଙ୍କ ଟେବୁଲ ଉପରେ ମିଶ୍ର ସାହେବ ରଖିଦେଲେ । ଭବାନୀ ବାବୁ ଓ ଡକ୍ଟର ସିହ୍ନା ମଧ୍ୟ ହୀରା ଦୁଇ ଖଣ୍ଡି ଦେଖିଲେ । ସେମାନଙ୍କର ମୁଖ ମଣ୍ଡଳ ଗମ୍ଭୀର ହୋଇ ଉଠିଲା । ମି. ଦାସଙ୍କୁ ସଙ୍ଗରେ ନେଇ କଲେକ୍ଟର ଓ ଅନ୍ୟମାନେ ଘରଭିତରୁ ବାହାରକୁ ଆସିଲେ । ମି: ଦାସ ଯେପରି ସମ୍ପୂର୍ଣ୍ଣ କିଂକର୍ତ୍ତବ୍ୟବିମୂଢ଼ ହେଲେ ପରି ବଜ୍ରାହତ । ତାଙ୍କର ମନ ଓ ଚିନ୍ତାଶକ୍ତି ଯେପରି ସମ୍ପୂର୍ଣ୍ଣ ରୂପେ ପଙ୍ଗୁ ହୋଇ ଯାଇଛି ।

ଆଇ: ଜି. ବହୁକ୍ଷଣ ପର୍ଯ୍ୟନ୍ତ ମୀରବରେ ପାଇପ୍‌ଟା କାମୁଡ଼ି ବସି ରହିଲେ । ତା' ପରେ ଧୀର ଅଥଚ ଦୃଢ଼ କଣ୍ଠରେ କହିଲେ—ଘଟଣାଟି ଏପରି ଗତି ନେବ ବୋଲି ମୁଁ ଆଦୌ ଚିନ୍ତାକରି ନଥିଲି । ସେ ଯାହା ହେଉ ଆଇନ ତାର ନିଜ ଗତିରେ ଚାଲିବ । ମି· ଦାସ ବର୍ତ୍ତମାନ ଆପଣଙ୍କୁ ଗିରଫ କରିବାର ପ୍ରୟୋଜନ ହେଉଛି । ଏଇ ହୀରା ଦୁଇଖଣ୍ଡି ଚୋରି ସହିତ ଶେଠ୍ ପୋପଟ ଲାଲଙ୍କୁ ହତ୍ୟା କରିବା ଘଟଣାଟି ମଧ୍ୟ ଜଡ଼ିତ । ଅନ୍ୟ କେହି ଆସାମି ହେଲେ ତାକୁ ଏପରି କ୍ଷେତ୍ରରେ ଜାମିନ ଦେବା ଅସଙ୍ଗତ ହୁଅନ୍ତା; କିନ୍ତୁ ଆପଣଙ୍କ କଥା ମୁଁ ସ୍ୱତନ୍ତ୍ର ଭାବରେ ବିଚାର କରିଛି । ଆପଣଙ୍କୁ ବର୍ତ୍ତମାନ ଗିରଫ କରାହେବ । ଆପଣ ଉପଯୁକ୍ତ ଜାମିନ୍‌ଦାର ଆଣିଲେ ଜାମିନ ମଞ୍ଜୁର କରାହେବ ।

ଡକ୍ଟର ସିହ୍ନା ଏ ପର୍ଯ୍ୟନ୍ତ ପଦେହେଲେ କଥା କହି ନଥିଲେ । ହଠାତ୍ ଚୌକିରୁ ଉଠିପଡ଼ି ସେ କହିଲେ—ସାର୍ ମୁଁ ଜଣେ ବୈଜ୍ଞାନିକ । ପୁଲିସର ତଦନ୍ତ ପ୍ରଣାଳୀ ମୁଁ ହୁଏତ ଭଲକରି ଜାଣେ ନାହିଁ । କିନ୍ତୁ କାହିଁକି କେଜାଣି ମୋର ଦୃଢ଼ ବିଶ୍ୱାସ ହୋଇଛି ଯେ ମି: ଦାସ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ଗୋଟିଏ ଅତି କୁତ୍ସିତ ଷଡ଼ଯନ୍ତ୍ରର ସେ ଶୀକାର ହୋଇଛନ୍ତି । ମୁଁ ତାଙ୍କର ଜାମିନଦାର ହେବାକୁ ପ୍ରସ୍ତୁତ ଅଛି । ଯଦି ମି· ମିଶ୍ରଙ୍କର ଆପତ୍ତି ନ ଥାଏ ତ' ସେ ଜାମିନ ନାମା ପ୍ରସ୍ତୁତ କରନ୍ତୁ । ମୁଁ ଦସ୍ତଖତ କରିବି ।

ଅଦ୍ଭୁତ ଏକ କୃତଜ୍ଞ ଚାହାଣୀରେ ଡକ୍ଟର ସିହ୍ନାଙ୍କ ମୁହଁକୁ ଏସ୍:ପି. ଚାହିଁଲେ । ତା' ପରେ ଭବାନୀ ବାବୁଙ୍କ ଆଡ଼େ ଚାହିଁ ଆଇ: ଜି. ପୁଣି କହିଲେ—ଆପଣଙ୍କର ବୁଦ୍ଧି ଓ ଶକ୍ତି ଉପରେ କେବଳ ମୋ'ର ନୁହେଁ ସର୍କାରଙ୍କର ମଧ୍ୟ ପୂର୍ଣ୍ଣ ବିଶ୍ୱାସ

ରହିଛି । ଆପଣ ଏ ମାମଲା ଗୁଡ଼ିକ ତଦନ୍ତ କରୁଛନ୍ତି । ଅବଶ୍ୟ ମି. ଦାସ ଥିଲେ ସେ ତଦନ୍ତର ଭାରପ୍ରାପ୍ତ ନିର୍ଦ୍ଦେଶକ ମାତ୍ର । ଆଜିଠାରୁ ମି: ମିଶ୍ର ସେ ନିର୍ଦ୍ଦେଶ ଦେବେ । କିନ୍ତୁ ଅସଲ ତଦନ୍ତର ଭାର ଆପଣଙ୍କ ଉପରେ ରହିବ ।

ଏହିଠାରେ ମିଶ୍ର ସାହେବ କ'ଣ ଯେପରି ଆପତ୍ତି କରିବାକୁ ଯାଉଥିଲେ । କିନ୍ତୁ ଆଇ: ଜି. ହସ୍ତ ଇଙ୍ଗିତରେ ତାଙ୍କୁ ନୀରବ ହେବାକୁ ନିର୍ଦ୍ଦେଶ ଦେଇ କହି ଚାଲିଲେ—ମୋର ଦୃଢ଼ ବିଶ୍ୱାସ ଯେ ପୂର୍ବଥର ପରି ଏଥର ମଧ୍ୟ ଏ ଗଭୀର ରହସ୍ୟ ଭେଦ କରିବାକୁ ଆପଣ ସମର୍ଥ ହେବେ। ଆପଣ ସାଧାରଣତଃ ଯାହା ଚାହାନ୍ତି ତାହାହିଁ ହେବ । ତଦନ୍ତରେ ଆପଣଙ୍କର ସମ୍ପୂର୍ଣ୍ଣ ସ୍ୱାଧୀନତା ରହିବ । ପ୍ରୟୋଜନ ହେଲେ ରାଜ୍ୟର ସମଗ୍ର ପୁଲିସ ବାହିନୀ ଆପଣଙ୍କ ପଛରେ ରହିବ । ସୁଲତାନ ଓ ସାୟୁବବାନ୍ ମୋ' ଅନୁରୋଧରେ ଆଉ ସାତଦିନ ଏଠାରେ ରହିବେ । ମୋର ବିଶ୍ୱାସ ଅପହୃତ ହୀରା ମାଳଟି ଏଇ ସମୟ ଭିତରେ ଉଦ୍ଧାର କରିବାକୁ ଆପଣ ସମର୍ଥ ହେବେ ।

ଗଭୀର ଚିନ୍ତାକୁଳ ଚିତ୍ତରେ ଭବାନୀ ବାବୁ ଫେରିଲେ । ଆଉ ବେଶୀ ବିଳମ୍ବ କରିବା ଉଚିତ ନୁହେଁ । ଆଇ. ଜି: ସାହେବ ତାଙ୍କୁ ମାତ୍ର ସାତଦିନ ସମୟ ଦେଇଛନ୍ତି । ଏହି ଅଳ୍ପ ସମୟ ଭିତରେ ତାଙ୍କୁ ଜାଲ ଟାଣିବାକୁ ହେବ । କେବଳ ସାୟୁବବାନ୍‌ ହୀରାମାଳ ନୁହେଁ, ସବୁ ଅପହୃତ ହୀରା ଓ ଜହରତ ଉଦ୍ଧାର କରିବାକୁ ହେବ । ସମୟ ଅତି ଅଳ୍ପ ।

ବହୁ ସ୍ଥାନରେ ନାନା ତଦନ୍ତ ଶେଷ କରି ଅବଶେଷରେ ସେ ଇନ୍‌ସୁରେନ୍‌ସ୍ କମ୍ପାନୀର ଏରିଆ ସୁପରଭାଇଜର ମି. ରାମମୂର୍ତ୍ତିଙ୍କ

ନିକଟରେ ପହଞ୍ଚିଲେ । ଭବାନୀ ବାବୁଙ୍କୁ ଅତିଶୟ ସମ୍ମାନ ଦେଖାଇ ରାମମୂର୍ତ୍ତି କହିଲେ—କୁହନ୍ତୁ ସାର୍, ମୁଁ ଆପଣଙ୍କର କ'ଣ କରିପାରେ !

ଭବାନୀ ବାବୁ କହିଲେ—ମୁଁ ଅଳକା ଦେବୀଙ୍କର ଡେଥ୍ ସାର୍ଟିଫିକେଟ୍‌ଟି ଆପଣଙ୍କୁ ଦେବା ପାଇଁ ଆସିଛି । କିନ୍ତୁ ମୋର ଗୋଟିଏ ଅନୁରୋଧ ଅଛି ।

—କୁହନ୍ତୁ ସାର୍, ମୁଁ ନିଶ୍ଚୟ ପାଳନ କରିବି ।

ସାମାନ୍ୟ ହସି ଭବାନୀ ବାବୁ କହିଲେ—ଆପଣ ଆଜିଠାରୁ ଦୁଇଦିନ ପରେ ଟଙ୍କାଟା ଲେଡ଼ି ଡାକ୍ତର ସଂଘମିତ୍ରାଙ୍କୁ ଦେବେ । ଆଉ ସବୁ ଗୁଡ଼ିକ ଶହେ ଟଙ୍କିଆ ନୋଟ ଦେଇ ସେ ନୋଟ ଗୁଡ଼ିକର ନମ୍ବର ମୋତେ ଦେବେ । ସବୁଠାରୁ ବଡ଼ କଥା ହେଉଛି ଏ ସବୁ କଥା ଅତିଶୟ ଗୋପନ ରଖିବେ ।

ମି. ରାମମୂର୍ତ୍ତି କହିଲେ—ଆପଣଙ୍କ ଆଦେଶ ମୁଁ ଅବଶ୍ୟ ପାଳନ କରିବି ସାର୍ । କିନ୍ତୁ ଟିକିଏ ଅସୁବିଧା ହେଉଛି ନୋଟ ଗୁଡ଼ିକର ନମ୍ବର ରଖିବାରେ । ଏ ସବୁ ଟଙ୍କା ଆମେ ନଗଦ ନ ଦେଇ ଚେକ ଆକାରରେ ଦେଉ । କିନ୍ତୁ ଆପଣ ଯେତେବେଳେ କହୁଛନ୍ତି, ମୁଁ ଏ କ୍ଷେତ୍ରରେ ପାର୍ଟିଙ୍କୁ ନଗଦ ଟଙ୍କା ଦେବି ଓ ଆପଣଙ୍କ ନିକଟକୁ ନମ୍ବର ଗୁଡ଼ିକ ପଠାଇ ଦେବି ।

ମିଃ ମୂର୍ତ୍ତିଙ୍କୁ ଧନ୍ୟବାଦ ଜଣାଇ ଭବାନୀ ବାବୁ ବିଦାୟ ନେଲେ । ସହରର ବହୁ ସ୍ଥାନରେ ବହୁ ତଦନ୍ତ ଶେଷକରି ଅପରାହ୍ନ ବେଳକୁ ସେ ଘରକୁ ଫେରିଲେ । ୟୁସୁଫ ତାଙ୍କ ପାଇଁ

ଘର ଭିତରେ ଏକା ଅପେକ୍ଷା କରୁଥିଲା । ଭବାନୀ ବାବୁଙ୍କୁ ଦେଖି ଚୌକିରୁ ଉଠିପଡ଼ି ଖୁସି ହୋଇ କହିଲା—ପାଇଛୁ ସାର୍, ମିଶ୍ର ସାହେବଙ୍କର ଅଙ୍ଗୁଳିଚିହ୍ନ ଯୋଗାଡ଼ କରି ପାରିଛୁ । ଗୋଟିଏ କାଚଗିଲାସରେ ସାମାନ୍ୟ ତେଲ ମଖାଇ ତାଙ୍କୁ ପିଇବା ପାଇଁ ପାଣି ଦିଆହେଲା । କିଛି ସନ୍ଦେହ ନ କରି ସେ ଗିଲାସଟା ଧରି ପାଣି ପିଇଲେ । ଗିଲାସ ଉପରେ ପରିଷ୍କାର ଭାବରେ ହାତ ପାପୁଲିର ଚିହ୍ନ ରହି ଯାଇଛି ।

ଗିଲାସଟି ୟୁସୁଫ ହାତରୁ ନେଇ ଭବାନୀ ବାବୁ ପରୀକ୍ଷା କଲେ । ତା' ପରେ ଖୁସି ହୋଇ କହିଲେ—ହଁ, ଖୁବ ଭଲ ଚିହ୍ନ ଉଠିଛି । ତୁମେ ବର୍ତ୍ତମାନ ଯାଇ ପାର ୟୁସୁଫ । ମୁଁ ଯାହା କରିବାକୁ କହିଛି କରିବ । ଆଜ ଜି. ପି. ଓ ର ପୋଷ୍ଟ ମାଷ୍ଟରଙ୍କ ସହିତ ବରାବର ସଂଯୋଗ ରକ୍ଷା କରିବ । ମୋର ବିଶ୍ୱାସ ଆଜି ବା କାଲି ଭିତରେ ପାର୍ଶେଲଟା ପୋଷ୍ଟ ଅଫିସକୁ ଆସିବ । ମକବୁଲ ଠାରୁ ମୁଁ ଜାଣି ପାରିଛି ଯେ ପାର୍ଶେଲ ଗୁଡ଼ିକ ବମ୍ବେକୁ ପଠାହେଉଛି । କିନ୍ତୁ କେଉଁ ଠିକଣାରେ ପଠା ହେଉଛି ତା' ସେ କହି ପାରୁନାହିଁ ।

ୟୁସୁଫ ବିଦାୟ ନେଲା । ଭବାନୀ ବାବୁ ତଳ ମହଲାକୁ ଯାଇ ଯେଉଁ କୋଠରୀ ଭିତରେ ମକବୁଲ ବନ୍ଦୀ ହୋଇ ରହିଛି ସେଇ ଘରର ତାଲା ଖୋଲି ପଶିଲେ । ଅତି ଗୋପନରେ ଏଇ ଘର ଭିତର ମକବୁଲକୁ ସେ ଲୁଚାଇ ରଖିଛନ୍ତି । କେବଳ ତାଙ୍କର ସହକାରୀ ୟୁସୁଫ୍ ଓ ଜଣେ ଠାଧାରୀ ଛଡ଼ା ଅନ୍ୟ କେହି ତାହା ଜାଣନ୍ତି ନାହିଁ । ମକବୁଲକୁ ବହୁଭାବରେ ସେ ପୁଣି ପ୍ରଶ୍ନ କଲେ । ତା'ର ସେଇ ଏକା କଥା । ସେମାନଙ୍କର ନେତାଙ୍କୁ ସେମାନେ

କେବେ ହେଲେ ଦେଖି ନାହାନ୍ତି । ସେ ଯାହା କାମ କରନ୍ତି ସେଥିପାଇଁ ଟଙ୍କା ଆକାରରେ ପାରିଶ୍ରମିକ ପାଇନ୍ତି । ସବୁ ମାଲ ମାଲିକ ନେଇ ଯାଉଛନ୍ତି । ଖାନ ନଗରର ଗୋଟିଏ ଭଙ୍ଗା ଘର ଭିତରେ ପୂର୍ବ ନିର୍ଦ୍ଧାରିତ ମତେ ଆମେମାନେ ରାତିରେ ଏକତ୍ରିତ ହେଉ । ସେହିଠାରେ ଆମେ ମାଲିକଙ୍କ ଠାରୁ ଆଦେଶ ପାଉ । ସେ ଘରେ ଗୋଟାଏ ମାଇକ୍ରୋଫୋନ ଖଞ୍ଜା ହୋଇଛି । ମାଲିକ କେଉଁଠାରୁ କଥା କହନ୍ତି କେଜାଣି, ଆମେ ତାଙ୍କ କଥା ସେହି ମାଇକ୍ରୋଫୋନରେ ଶୁଣୁ ।

ମକବୁଲକୁ ଏକା ରଖି ଭବାନୀ ବାବୁ ବାହାରିଲେ । ତା' ପରେ ବହୁକ୍ଷଣ ପର୍ଯ୍ୟନ୍ତ ନିଜର ଲେବୋରେଟରୀରେ କ'ଣ ସବୁ ପରୀକ୍ଷା କଲେ । ଅବଶେଷରେ ନିଜର ଅଫିସ କୋଠରୀକୁ ଫେରି ଆସି ବହୁତ ରାତି ପର୍ଯ୍ୟନ୍ତ କ'ଣ ସବୁ ଲେଖିବାକୁ ଲାଗିଲେ । ଏହି ମାମଲାରେ ମିଳିଥିବା ସବୁ ଘଟଣାବଳୀ ସେ ଭଲଭାବରେ ସଜାଇ ଲିପିବଦ୍ଧ କଲେ ।

ରାତି ଗମ୍ଭୀର ହେଲା । ରାଜପଥ ନୀରବ ହେଲା । ଭବାନୀବାବୁ ଲେଖା ଶେଷକରି ଘଡ଼ିକୁ ଚାହିଁ ଦେଖିଲେ ରାତି ଦୁଇଟା ବାଜିଲାଣି । ଏହି ସମୟରେ ବାହାର କବାଟରେ ଗୋଟିଏ ବିଶେଷ ଶବ୍ଦ ହେଲା । ଭବାନୀ ବାବୁ ବୁଝିଲେ—ଜଟିଆ ଆସିଛି । ଗଭୀର ରାତିରେ ଜଟିଆ ଆସିବ ବୋଲି ସେ ଜାଣିଥିଲେ । ଚଉକିରୁ ଉଠି ଯାଇ ଦୁଆର ଫିଟାଇ ଦେଲେ ।

ହସ ହସ ମୁହଁରେ ଜଟିଆ ଘରେ ପଶିଲା । କଳା ଓ ପେଶୀ ବହୁଳ ଦେହଟା ତା'ର ତେଲ ବୋଳା ହୋଇ ଚକ୍ ଚକ୍

ଦେଖା ଯାଉଛି । ଚୋରି କରିବାକୁ କାହା ଘରେ ପଶିବାକୁ ହେଲେ ସେ ସର୍ବାଙ୍ଗରେ ତେଲ ବୋଳି ହୋଇ ଯାଏ ତା' ହେଲେ, କେହି ଧରି ପକାଇଲେ ସେ ଅନାୟାସରେ ଖସି ଯାଇ ପାରିବ । କଳାଦେହକୁ ସାନ ଖଣ୍ଡିଏ କଳା ପ୍ୟାଣ୍ଟ । ଅନ୍ଧକାରରେ ଲୁଚି ରହିବାର ଅତିସୁନ୍ଦର ପୋଷାକ । ଜଟିଆ ହସ ହସ ମୁହଁରେ କହିଲା—ସେ ଗ୍ରହଣ ଖଣ୍ଡୀ ଡାକ୍ତରାଣୀ ଘରୁ ସବୁ କାଗଜ ପତ୍ର ଉଠାଇ ଆଣିଛି ହଜୁର । ଏହାକହି ଗୋଟିଏ ସାନ ପୁଟୁଳି ସେ ଭବାନୀ ବାବୁଙ୍କ ଟେବୁଲ ଉପରେ ରଖିଲା ।

—ଆଉ କୌଣସି ଗୋଲମାଲ ହୋଇ ନାହିଁ ! —କାଗଜ ପୁଡ଼ିଆଟି ଖୋଲୁ ଖୋଲୁ ଭବାନୀ ବାବୁ ପଚାରିଲେ ।

ବେପରୱା ଟିକିଏ ହସ ହସି ଜଟିଆ କହିଲା—ବିଲକୁଲ ଚୁପ୍‌ଚାପ । ହଜୁରଙ୍କ କାମ ମୁଁ ଖଇରୁ କରିବ । ଗ୍ରହଣ ଖଣ୍ଡୀ ଡାକ୍ତରାଣୀ ଖଟ ଉପରେ ନାଘୋଡ଼ି ନିଦରେ ଶୋଇଥିଲା । ମୁଁ ପାଖରେ ଯାଇ ଛିଡ଼ା ହେଲି । ତା' ନାକ ପୁଡ଼ାରେ ଖଣ୍ଡିଏ କାଗଜ ପୁରାଇଦେଲି । ଛିଙ୍କି ଦେଇ ନିଦ ଭାଙ୍ଗିଗଲା । ତା' ପରେ ମୁଁ ତା' ସାମନାରେ ଲୁଗା ଉଠାଇ ଛିଡ଼ା ହୋଇଛି ଦେଖି ତା' ମୁହଁଟା ଯେମିତି ହୋଇଗଲା, ଆପଣ ତା, ଦେଖିଥିଲେ ହସି ହସି ପରିସ୍ରା କରି ପକାଇ ଥାଆନ୍ତେ ବଡ଼ବାବୁ ! ମୁଁ ତା' ମୁହଁ ଭିତରେ ଲୁଗା ପୁରାଇ ଭଲକରି ବାନ୍ଧି ଦେଲି । ଡାକ୍ତରାଣୀକୁ ତା' ଖଟ ସଙ୍ଗେ ବାନ୍ଧି ରଖି ଅସିଛି । ତା' ଘରେ ଟ୍ରଙ୍କ ବାକ୍ସ ଭାଙ୍ଗି ସବୁ କାଗଜ ଗୋଟିଏ ପୁଡ଼ିଆରେ ଧରି ଆସିଲି । ଘରେ ଆଉ କିଛି ଧନରତ୍ନ ନାହିଁ । ଖାଲି ଶହେଟି ଟଙ୍କା ଥିଲା । ମୋ ଫିସ ବାବଦକୁ ତାହା ନେଇ ଆସିଲି । ଆପଣଙ୍କଠୁ ଆଉ ନେବ ନାହିଁ ।

କାଗଜ ଗୁଡ଼ିକ ଭବାନୀ ବାବୁ ପରୀକ୍ଷା କରି ଦେଖିଲେ । ତାଙ୍କର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ସେ ଯାହା ଆଶା କରୁଥିଲେ ତାହା ପାଇଛନ୍ତି । କାଗଜ ଗୁଡ଼ିକ ଭିତରେ ଅନେକ ଗୁଡ଼ିଏ ଚିଠି ରହିଛି । ସୁନ୍ଦର ନେଳୀ ରଙ୍ଗର କାଗଜରେ କେତେକ ପ୍ରେମ ପତ୍ର । ଲେଖକର ନାମ ମଧ୍ୟ ରହିଛି । ଜଟିଆକୁ ବିଦାୟ ଦେଇ ଭବାନୀ ବାବୁ ଚିଠି ଗୁଡ଼ିକ ପଢ଼ିବାକୁ ଲାଗିଲେ । ଏଇ ରୂପସୀ ତରୁଣୀଟିକୁ ଏଇ ଭଣ୍ଡ ପ୍ରେମିକ ଅନାୟାସରେ କରାୟତ୍ତ କରି ପାରିଛି । କେତେ ଆଶା କେତେ ସ୍ୱପ୍ନ ଯେ ଏଇ ତରୁଣୀଟିର ବୁକୁ ଭିତରେ ଜଗାଇ ଦିଆ ହୋଇଛି ତା'ର ଅନ୍ତ ନାହିଁ । ଏଇ ଭଣ୍ଡ ପ୍ରେମିକ ନର୍ତ୍ତକୀ ଅଳକା ନନ୍ଦାକୁ ମଧ୍ୟ ଏହିପରି ଏକ ମୋହରେ ଅନ୍ଧ କରି ନିଜର ଏକ କ୍ରୀଡ଼ିତ ଅସ୍ତ୍ରରୂପେ ବ୍ୟବହାର କରୁଥିଲା । ଅଳକା ନାମରେ ବଡ଼ ଏକ ଜୀବନବୀମା କରାଇ ସଂଘମିତ୍ରାଙ୍କୁ ସେ ଅର୍ଥର ଉତ୍ତରାଧିକାରୀ କରାଇଥିଲା । ତୁଏବ ସଂଘମିତ୍ରାକୁ ଅଳକା ଆଦୌ ଚିହ୍ନେ ନାହିଁ । ଅବଶେଷରେ ସେହି ଅଳକା ହାତରେ ଅପୂର୍ବ କୌଶଳରେ ସେ ମାୟୁରବାନୁର ହୀରା ମାଳ ଓ ଚହଣି କଲା । କିନ୍ତୁ ତା' ପରେ ସେ ଅପୂର୍ବ ରତ୍ନହାରଟି ପ୍ରେମିକ ହାତରେ ସମର୍ପି ନ ଦେଇ ନିଜର ସମ୍ପତ୍ତି କରି ରଖିବାକୁ ଚାହିଁଲା । ସୁତରାଂ ସୁନ୍ଦରୀ ଅଳକାକୁ ମରିବାକୁ ହେଲା । ଯେଉଁଦିନ ଅଳକାକୁ ହତ୍ୟା କରିବ ବୋଲି ସେ ଭଣ୍ଡ ପ୍ରେମିକ ଠିକ କରୁଥିଲା, ଠିକ ସେଇଦିନ ସେ ସ୍ୱୟଂ ଯାଇ ଅଳକାର ପ୍ରିମିୟମ ଟଙ୍କା ଦାଖଲ କରି ରସିଦ ନେଇ ଆସିଲା । ଅଳକା ଏ କଥା ଜାଣିଲା ନାହିଁ । ତା' ପରେ ଅଳକାକୁ ନିର୍ମମ ଭାବରେ ହତ୍ୟା କରି ସାରିବା ପରେ ତା'ର ହାତବ୍ୟାଗ୍ ଖୋଲି ସେଥିରେ ରସିଦଟି ରଖି ଦେଇ ଆସିଲା । କିନ୍ତୁ ଦୁର୍ଭାଗ୍ୟ କ୍ରମେ ସେ କାଗଜ ଖଣ୍ଡିକରେ ତା' ଅଙ୍ଗୁଳି

ଚିହ୍ନଟି ରହିଗଲା । ତାହାହିଁ ହେଲା ରହସ୍ୟର ଏ ଘନ ଅନ୍ଧକାର ଭିତରେ ଭବାନୀ ବାବୁଙ୍କର ପ୍ରଥମ ଅତି ନିର୍ଭର ଯୋଗ୍ୟ ସୂତ୍ର ।

ନାଲି ଭେଲ୍‌ଭେଟ୍ ଫିତାରେ ଚିଠିଗୁଡ଼ିକ ଅତି ଯତ୍ନରେ ବାନ୍ଧି ରଖାହୋଇଛି । ତରୁଣୀ ସଙ୍ଘମିତ୍ରାର ଅତି ଗୋପନ ଧନ । ଏଇ ପୁଳିଆଟି ଭିତରେ ତାର ତାରୁଣ୍ୟର ସବୁ ସ୍ୱପ୍ନ ଲୁଚି ରହିଛି । ଝିଅଟିର ରୂପନାହିଁ । ସେଥିଯୋଗୁ ତାର ଅନ୍ତରର ଗୋପନ ଦ୍ୱାରରେ ଏପର୍ଯ୍ୟନ୍ତ କୌଣସି ଅତିଥି ହୁଏତ କରାଘାତ କରି ନଥିଲା । ସେଇ ଶୂନ୍ୟତାର ସୁବିଧା ନେଇ ଏଇ ପ୍ରତାରକଟା ତାର ଜୀବନ ଆକାଶରେ ଉଦୟ ହୋଇଛି । ପ୍ରଚଣ୍ଡ ବିଶ୍ୱାସରେ ଏଝିଅଟି ତାକୁ ନିଜର କରି ନେଇଛି । କିନ୍ତୁ ତାକୁ ମଧ୍ୟ ଅଳକା ପରି ମରିବାକୁ ହେବ । କାରଣ ଅଳକାର ଜୀବନବୀମାର ଦୁଇଲକ୍ଷ ଟଙ୍କା! ଏଇ ପିଶାଚଟା ନେବା ପାଇଁ ବ୍ୟଗ୍ର ରହିଛି ।

ଭବାନୀ ବାବୁ ସବୁ ଜାଣିପାରିଥିଲେ ମଧ୍ୟ ବର୍ତ୍ତମାନ ଏ ସଇତାନଟାକୁ ଗିରଫ କରୁ ନାହାନ୍ତି । ତାହାହେଲେ ଅପହୃତ ହୀରା ଗୁଡ଼ିକ ଉଦ୍ଧାର କରିବା ସମ୍ଭବ ହେବନାହିଁ । ଆହୁରି କେତେଗୁଡ଼ିଏ ସୂତ୍ର ପାଇଁ ତାଙ୍କୁ ଅପେକ୍ଷା କରି ରହିବାକୁ ହେବ ।

# ପାଞ୍ଚ

ତା’ ପରଦିନ ପ୍ରାୟ ନ’ଟା ବେଳକୁ ଭବାନୀବାବୁଙ୍କର ଟେଲିଫୋନ ବାଜି ଉଠିଲା । ରିସିଭରଟି ଧରିବା ପୂର୍ବରୁ ତାଙ୍କ ମୁହଁରେ ଟିକିଏ ହସ ଫୁଟି ଉଠିଲା । କିଏ ଟେଲିଫୋନ କରୁଛି ତା’ ସେ ଅନାୟାସରେ ଅନ୍ଦାଜ କରି ପାରିଲେ । ରିସିଭରଟି କାନରେ ଲଗାଇ ସେ ଜାଣି ପାରିଲେ ଯେ ତାଙ୍କର ଅନ୍ଦାଜ ଠିକ । ମିଶ୍ର ସାହେବ ଅତିଶୟ ଉତ୍ତେଜିତ ହୋଇ ଟେଲିଫୋନ କରୁଛନ୍ତି । ଭବାନୀବାବୁ, ଗତ ରାତିରେ ତେଲେଙ୍ଗା ବଜାରର ଲେଡ଼ି଼ଡାକ୍ତର ସଙ୍ଘମିତ୍ରା ଦାସଙ୍କ ଘରେ ବଡ଼ ଧରଣର ଗୋଟାଏ “ଡକାୟତି” ହୋଇଯାଇଛି । ବାସ୍ତବିକ ଏ ସହରରେ ବଡ଼ ଭୟ ବହ କାଣ୍ଡମାନ ଘଟି ଚାଲିଛି । କାହାରି ହେଲେ ଧନ ଜୀବ ନିରାପଦ ନୁହେଁ । ତାଙ୍କ ଘରେ ସେ ଏକା ବାସକରନ୍ତି । ଗତ ରାତିରେ କେତେକ ଦସ୍ୟୁ ସେ ଶୋଇଥିବା ଅବସ୍ଥାରେ ତାଙ୍କୁ ଆକ୍ରମଣ କରି ବାନ୍ଧି ପକାଇଲେ । ତା’ ପରେ ଟ୍ରଙ୍କ ବାକ୍‌ସ ସବୁ ଭାଙ୍ଗିଲେ । ଆପଣଙ୍କର ମନେ ଥିବ, ଯେ ଅଳକା ଦେବୀଙ୍କର ଜୀବନବୀମାର ଦୁଇ ଲକ୍ଷ ଟଙ୍କା ଡାକ୍ତର ସଙ୍ଘମିତ୍ରା ପାଇବାର କଥା । ଅଜ୍ଞାତ ଆତତାୟୀ ବୋଧହୁଏ ତାହା ଜାଣେ । ସେ ଟଙ୍କାଟା ପାଇସାରିଛନ୍ତି ବିଶ୍ୱାସ କରି ସେ ଆସିଥିଲା । କିନ୍ତୁ ହତାଶ ହୋଇଛି । ମାତ୍ର ଶହେ ବା ଦେଢ଼ଶହେ ଟଙ୍କା ତାଙ୍କ ବାକ୍‌ସରେ ଥିଲା । ସେତିକି ନେଇ ଯାଇଛି । ସେ ଯାହାହେଉ ଏହା ଯେ ଗୋଟିଏ ଅତି ବଡ଼ ଘଟଣା ଏଥିରେ ସନ୍ଦେହ ନାହିଁ । ମୁଁ ନିଜେ ସେଠାକୁ ଯାଇଥିଲି ।

ସ୍ଥାନୀୟ ପୁଲିସ ଆସି ତଦନ୍ତ କରୁଛନ୍ତି । ତଦନ୍ତରେ ସାହାଯ୍ୟ କରିବାପାଇଁ ମୁଁ ପୁଲିସ କୁକୁର ପଠାଇ ଦେଇଛି । ଡକ୍ଟର ସିହ୍ନାଙ୍କୁ ମଧ୍ୟ ସେଠାକୁ ଥରେ ଯିବାପାଇଁ ଅନୁରୋଧ କରିଛି । ଡାକ୍ତର ସଙ୍ଘମିତ୍ରା ଅତିଶୟ ନର୍ଭସ ହୋଇ ପଡ଼ିଛନ୍ତି । ସେ ଆପଣଙ୍କ ସଙ୍ଗେ ଥରେ ସାକ୍ଷାତ କରିବାକୁ ଚାହାଁନ୍ତି । ଆପଣଙ୍କ ଉପରେ ତାଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି । ଆପଣ କ'ଣ ଥରେ ସେଠାକୁ ଯାଇ ପାରିବେ ?

ସବୁ ଶୁଣିସାରି ଭବାନୀବାବୁ କହିଲେ —ବଡ଼ ଦୁର୍ଭାଗ୍ୟ ଜନକ କଥା, ଏଥିରେ ସନ୍ଦେହ ନାହିଁ । ହଁ, ମୁଁ ସେଠାକୁ ଯିବି । କିନ୍ତୁ ସାମାନ୍ୟ ବିଳମ୍ବ ହେବ । ହାତରେ ଟିକିଏ ଜରୁରୀ କାମଅଛି । ସେତକ ଶେଷକରି ମୁଁ ନିଶ୍ଚୟ ଯିବି ।

ଭବାନୀ ବାବୁଙ୍କ ହାତରେ ପ୍ରକୃତରେ କୌଣସି ଜରୁରୀ କାମ ନଥିଲା । ସେ ଜାଣିଶୁଣି ବିଳମ୍ବ କଲେ । ଦିନ ପ୍ରାୟ ବାରଟା ବେଳେ ସେ ଜିପରେ ଯାଇ ସେଠାରେ ପହଞ୍ଚିଲେ । ସେତେବେଳକୁ ଡକ୍ଟର ସିହ୍ନା କାମ ସାରି ଫେରିଯିବା ପାଇଁ ତାଙ୍କ କାର୍‌ରେ ବସିଥିଲେ । ଭବାନୀ ବାବୁଙ୍କୁ ଦେଖି ଗାଡ଼ିର ଷ୍ଟାର୍ଟ ବନ୍ଦ କରି ଓହ୍ଲାଇଲେ । —ମାତ୍ର କେତେକ ଟଙ୍କା ଛଡ଼ା ଆଉ କୌଣସି ଜିନିଷ ଚୋରି ହୋଇନାହିଁ । ମୋର କହିବା କଥା ଏଠାରେ ବିଶେଷ କିଛି ନାହିଁ । ଏହା ଏକ ଅତି ସାଧାରଣ ଚୋରି । ମିଃ ମିଶ୍ରଙ୍କର ବିଶେଷ ଅନୁରୋଧକ୍ରମେ ମୁଁ ଏଠାକୁ ଆସିଥିଲି । ତା ଛଡ଼ା ମୋର ଆଉ ଟିକିଏ ଆଗ୍ରହ ମଧ୍ୟ ଥିଲା । ମୁଁ ଶୁଣିଥିଲି ଯେ ଅଳକା ଦେବୀଙ୍କର ଜୀବନ ବୀମାର ଦୁଇଲକ୍ଷ ଟଙ୍କା ଏହି ଲେଡ଼ି ଡାକ୍ତର ପାଇବାର କଥା । ଏହି ଭାଗ୍ୟବତୀ ମହିଳାଙ୍କୁ ଥରେ

ଦେଖିବା ପାଇଁ ମୋର ବଡ଼ ଆଗ୍ରହ ହେଲା । ମୁଁ ଏବେ ଯାଉଛି ଭବାନୀ ବାବୁ । ଟିକିଏ ଜରୁରୀ କାମ ଅଛି ।

ସେତେବେଳକୁ ତଦନ୍ତକାରୀ ପୁଲିସ କର୍ମଚାରୀମାନେ ମଧ୍ୟ ଚାଲିଗଲେଣି । ବଡ଼ ସହରରେ ଏହା ଏକ ଅତି ମାମୁଲି ଘଟଣା । ଜଣେ ମାତ୍ର କନ୍‌ଷ୍ଟେବଲ ବାହାରେ ଛିଡ଼ା ହୋଇଛି । ଭବାନୀ-ବାବୁଙ୍କୁ ଅତିଶୟ ସମ୍ମାନର ସହିତ ସଂଘମିତ୍ରା ସ୍ୱାଗତ କଲା । ପୁରାତନ ଖଣ୍ଡିଏ ସାନ ଭଡ଼ାଘର, ମାତ୍ର ଦୁଇଟି କୋଠରୀ, ଏଇ ଘରେ ସଂଘମିତ୍ରା ଆଜକୁ ପ୍ରାୟ ଛ'ମାସ ହେଲା ଏକା ବାସ କରୁଛି । ପ୍ରାଇଭେଟ ପ୍ରାକ୍‌ଟିସ କରୁଛି । କିନ୍ତୁ ରୋଜଗାର ଯେ ଅଧିକ ନୁହେଁ,—ଏହା ଘରଟିର ଦୈନ୍ୟରୁ ଜଣାପଡୁଛି ।

ତେଇଶ ଚବିଶ ବର୍ଷର ଝିଅଟିଏ । ଶୀର୍ଣ୍ଣ ଅସ୍ଥିସାର ଦେହ, କଳା ରଙ୍ଗ । ଉପର ଓଠଟା କଟା । ସେଥିଯୋଗୁ କିଏ ତାକୁ ବ୍ରାହ୍ମଣ ଝିଅ ଡାକ୍ତରଣୀ ବୋଲି କହେ, ଶ୍ରୀହୀନ ଏଇ ଯୌବନର ଗୁରୁଭାର ବହନ କରି ସେ ଏ ଦୁନିଆରେ ବଞ୍ଚିରହିଛି । ଭବାନୀ-ବାବୁଙ୍କ ମନରେ କରୁଣା ହେଲା । ସଂଘମିତ୍ରା ଅତିଶୟ ଭଦ୍ର ଓ ନମ୍ର । ଭବାନୀବାବୁଙ୍କ ବ୍ୟକ୍ତିତ୍ୱର ପ୍ରଭାବରେ ତା' ମନରୁ ଗତ ରାତିର ବିଭୀଷିକାର ଛାଇ ଧୀରେ ଧୀରେ ମିଳାଇଗଲା, ଭବାନୀ-ବାବୁଙ୍କ ନିକଟରେ ବସି ସେ ବହୁ ପ୍ରଶ୍ନର ଉତ୍ତର ଦେଲା । କଥା ମଝିରେ ସଂଘମିତ୍ରା ପ୍ରଶ୍ନକଲା—ସାର୍‌, ଜ୍ୟୋତିଷର ଭବିଷ୍ୟତ ବାଣୀରେ କଣ ବିଶ୍ୱାସ କରିବା ଉଚିତ ?

ସାମାନ୍ୟ ଟିକିଏ ହସି ଭବାନୀବାବୁ କହିଲେ—ଆପଣମାନେ ଏ ବିଜ୍ଞାନ ଯୁଗର ମଣିଷ ହୁଏତ ଆପଣ ତାହା ବିଶ୍ୱାସ କରିବେ

ନାହିଁ । କିନ୍ତୁ ମୁଁ ବିଶ୍ୱାସ କରେ, କୋଟି କୋଟି ମାଇଲ ଦୂର ମହାକାଶ ଭିତରେ ରହି ଗ୍ରହମାନେ ଯେ ଆମମାନଙ୍କର ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି, ଏଥିରେ କୌଣସି ସନ୍ଦେହ ନାହିଁ । ମୁଁ ଏହାର ବହୁ ପ୍ରମାଣ ପାଇଛି । କିନ୍ତୁ ଆପଣ ଏକଥା ପଚାରୁଛନ୍ତି କାହିଁକି ?

ସଂଘମିତ୍ରା କହିଲା—ତେବେ ମୁଁ କ'ଣ କରିବି ସାର୍ ! ଆପଣ ଯଦି ବିଶ୍ୱାସ କରନ୍ତି ତେବେ ଜ୍ୟୋତିଷର ଭବିଷ୍ୟତ ବାଣୀ ନିଶ୍ଚୟ ସତ, ମୁଁ ତା'ହେଲେ କ'ଣ କରିବି ?

—କିନ୍ତୁ କ'ଣ ହୋଇଛି ମୋତେ ଖୋଲି କହନ୍ତୁ । ଜ୍ୟୋତିଷର ଭବିଷ୍ୟତ ବାଣୀ ସତ ହେଲେ ମଧ୍ୟ ସେ ସବୁ ଅନାଗତ । ଦୁର୍ଭାଗ୍ୟରୁ ରକ୍ଷା ପାଇବାର ମଧ୍ୟ ଉପାୟ ଅଛି । ସେଇ କାରଣରୁ ମଣିଷ ନିଜର ଭବିଷ୍ୟତ ଜାଣିବାକୁ ଚାହେଁ ।

କିଛିକ୍ଷଣ ନୀରବ ରହି ସଂଘମିତ୍ରା କହିଲା— ଗତକାଲି ସଞ୍ଜବେଳେ ହଠାତ୍ ଜଣେ ଜ୍ୟୋତିଷ ମୋ ଘରକୁ ଆସିଲେ । ବହୁକ୍ଷଣ ପର୍ଯ୍ୟନ୍ତ ମୋର କର ରେଖା ପରୀକ୍ଷା କରି କହିଲେ— ଅସ୍ତ୍ରାଘାତରେ ତୁମର ଅପମୃତ୍ୟୁ ସୁନିଶ୍ଚିତ । ତା'ଛଡ଼ା ଆହୁରି ଅନେକ କଥା ସେ କହିଲେ । ମୁଁ ସେତେବେଳେ ତାହା ବିଶ୍ୱାସ କରି ନଥିଲି । କିନ୍ତୁ ତାଙ୍କର ଭବିଷ୍ୟତ ବାଣୀ ଯେ ଏତେ ଶୀଘ୍ର ସଫଳ ହେବ, ତାହା ମଧ୍ୟ ମୁଁ ଜାଣି ନଥିଲି; ରାତିରେ ସେ ଉକାୟିତଟା ଖଣ୍ଡେ ଛୁରୀ ଉଞ୍ଚାଇ ମୋତେ ମାରି ଦେବାକୁ ବସିଥିଲା, ପୁଣି ହୁଏତ ସେ ଆସିବ । ଏଥର ସେ ନିଶ୍ଚୟ ମୋତେ ମାରିଦେବ, ମୁଁ କ'ଣ କରିବି ? ମୋତେ ଆପଣ ବଞ୍ଚାନ୍ତୁ !

ଭବାନୀବାବୁ ମନେ ମନେ ହସିଲେ । ତାଙ୍କର ନିର୍ଦ୍ଦେଶରେ ପଣ୍ଡିତ ଧୂର୍ଜଟୀ ଶର୍ମା ଗତ ସନ୍ଧ୍ୟାରେ ଏଠାରେ ଉଦୟ ହୋଇ ଉପରୋକ୍ତ ଭବିଷ୍ୟତ ବାଣୀଟି ଶୁଣାଇ ଏ ତରୁଣୀଟିକୁ ଉଦ୍‌ବେଗ କଣ୍ଟକିତ କରି ଧୀର ସ୍ଥିର ଚିତ୍ତ କମଳରେ ନିଜର ଗୁପ୍ତ ରହଣି ସ୍ଥାନକୁ ପୁଣି ଫେରି ଯାଇଛନ୍ତି । କିନ୍ତୁ ମୁହଁରେ ଅତିଶୟ ଗାମ୍ଭୀର୍ଯ୍ୟ ଫୁଟାଇ ସେ ସଂଘମିତ୍ରାର କଥାଟି କିଛିକ୍ଷଣ ଚିନ୍ତା କଲେ । ତାପରେ କହିଲେ—ଆପଣ ଭୟ କରନ୍ତୁ ନାହିଁ ସଂଘମିତ୍ରା ଦେବୀ । ସେ ସବୁ ବ୍ୟବସ୍ଥା ମୁଁ କରିବି । ଆପଣଙ୍କର ଏ ଘରଟି ଦିନରାତି ମୋ ଲୋକ ଜଗି ରହିବେ । କିନ୍ତୁ ମୁଁ ଆପଣଙ୍କୁ ଆଜି ଗୋଟିଏ ଉପଦେଶ ଦେବାକୁ ଚାହେଁ । କଥାଟି ଅବଶ୍ୟ ପାଳନ କରିବେ ଓ ଅତିଶୟ ଗୋପନ । ରଖି ପାରିବେ ତ ?

ଭବାନୀବାବୁଙ୍କ ବ୍ୟକ୍ତିତ୍ୱର ପ୍ରଭାବରେ ଓ କଥା କହିବାର ଭଙ୍ଗିରେ ସଂଘମିତ୍ରା ଯେପରି ସମ୍ପୂର୍ଣ୍ଣ ସମ୍ମୋହିତ ହୋଇଯାଇଛି । ଯନ୍ତ୍ର ଚାଳିତ ପରି ସେ ଉତ୍ତର ଦେଲା—ନିଶ୍ଚୟ ପାରିବି ସାର୍ ।

ତେବେ ଶୁଣନ୍ତୁ, ଘଟଣା ଚକ୍ରରେ ଖୁବ ଶୀଘ୍ର ଆପଣ ବିପୁଳ ଅର୍ଥ ଲାଭ କରିବାକୁ ଯାଉଛନ୍ତି । ସେ ଟଙ୍କା ଯେପରି ଆପଣ ଏ ଘରେ ନ ରଖନ୍ତି । ଆପଣଙ୍କର ଯଦି କେହି ଅତି ବିଶ୍ୱାସୀ ନିଜର ଲୋକ ଥାନ୍ତି, ସେ ଟଙ୍କା ତାଙ୍କ ନିକଟରେ ଗଚ୍ଛିତ ରଖିବେ । ସେ ନିଜ ପାଖରେ ହେଉ ବା ବ୍ୟାଙ୍କରେ ହେଉ—ସେ ଟଙ୍କା ଗଚ୍ଛିତ ରଖିବେ । ଏପରି କେହି ବିଶ୍ୱାସୀ ଅଛନ୍ତି ତ ?

ଭବାନୀ ବାବୁ ଲକ୍ଷ୍ୟକଲେ ତାଙ୍କର ଶେଷ ପ୍ରଶ୍ନଟି ଶୁଣି ସଂଘମିତ୍ରାର କଳା ମୁହଁଟିରେ ଏକ ସରମର ଅରୁଣ ଆଭା

—କିନ୍ତୁ ଆପଣ ଜାଣିଲେ କିପରି ? ଡକ୍ଟର ଆଇଜାକ ଚିତ୍କାର କରି ଉଠିଲେ ।

ଏଥର ଉଚ୍ଚ ଶବ୍ଦରେ ଭବାନୀ ବାବୁ ହସି ଉଠିଲେ । —ଆପଣ ଏତେଦୂର ଆଶ୍ଚର୍ଯ୍ୟ ହେଉଛନ୍ତି କାହିଁକି ? ଆପଣଙ୍କ ପୋର୍ଟ ଫୋଲିଓରେ ଆପଣଙ୍କର ନାମ ଓ ଠିକଣା ଲେଖାହୋଇଛି ବୋଲି କ'ଣ ଆପଣ ସମ୍ପୂର୍ଣ୍ଣ ରୂପେ ଭୁଲି ଯାଇଛନ୍ତି ।

ଡକ୍ଟର ଆଇଜାକ ଏଥର ଲଜ୍ଜିତ ହେଲେ । କହିଲେ— ଆପଣଙ୍କର ଦୃଷ୍ଟିଶକ୍ତି ତ ଅତି ତୀକ୍ଷ୍ଣ ! ମୁଁ ଆପଣଙ୍କ କଥା ଶୁଣି ଏକାବେଳେକେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲି । ଆପଣଙ୍କ ବିଷୟରେ ମୁଁ ଡକ୍ଟର ସିହ୍ନାଙ୍କ ଠାରୁ ବହୁତ କଥା ଶୁଣିଛି ସତ ! ତା'ଛଡ଼ା ବହୁ ପତ୍ର ପତ୍ରିକାରେ ମଧ୍ୟ ଆପଣଙ୍କ ଗୁଣାବଳୀ ମୁଁ ପଢ଼ିଛି । ଲୋକେ କହନ୍ତି—ଆପଣ ଆଖି ବନ୍ଦକରି ସବୁ ଜାଣି ପାରନ୍ତି । କୌଣସି ଅଚିହ୍ନା ଆଗନ୍ତୁକ ବିଷୟରେ ସବୁ କହି ଦେଇ ପାରନ୍ତି । ମୋ ବିଷୟରେ ସେହିପରି କିଛି କହନ୍ତୁ ନା ସାର୍ !

ସାମାନ୍ୟ ହସି ଭବାନୀ ବାବୁ କହିଲେ—ମୋ ବିଷୟରେ କିଏ ଅତିଶୟ ବଢ଼ାଇ ଆପଣଙ୍କ ନିକଟରେ କହିଛି ଡକ୍ଟର ଆଇଜାକ୍ । ସେପରି ଅଦ୍ଭୁତ ଦୈବୀ ଶକ୍ତି ମୋର ଆଦୌ ନାହିଁ । ଅବଶ୍ୟ ଅବଜାରଭେସନ୍ ଉପରେ ନିର୍ଭର କରି ଆମେମାନେ କିଛି କିଛି ଜାଣିପାରୁ । ଧରନ୍ତୁ, କୌଣସି ରୋଗୀକୁ ଦେଖିବା ମାତ୍ରେ ଆପଣ ଜଣେ ଅଭିଜ୍ଞ ଚିକିତ୍ସକ ହିସାବରେ ଯେପରି କହିଦେଇ ପାରିବେ ଯେ ଏକୁ ଏନେମିଆ ହୋଇଛି—ବା ଏକୁ ଜଣ୍ଡିସ୍ ହୋଇଛି, ସେହିପରି କେତେଗୁଡ଼ିଏ ପଦାର୍ଥ ବା ଘଟଣା

ଉପରେ ନିର୍ଭର କରି ଆମେମାନେ କେତେକ କଥା ଜାଣିପାରୁ । ଧରନ୍ତୁ, ମୁଁ ଆପଣଙ୍କୁ ଦେଖି କହିପାରେ ଯେ ଆପଣ ପୋଷ୍ଟ ଅଫିସକୁ ଯାଇଥିଲେ । ସେଠାରେ କେତେଖଣ୍ଡି ଟେଲିଗ୍ରାମ କରିଛନ୍ତି ।

—କିନ୍ତୁ ଆପଣ ଏହା ଜାଣିଲେ କିପରି ? ଡକ୍ଟର ଆଇଜାକ୍ ଚିତ୍କାର କରି ଉଠିଲେ ।

ଗୋଟିଏ କୌଣିକ ମୁଦ୍ରାରେ ହସ୍ତ ଉତ୍ତୋଳନ କରି ତାଙ୍କୁ ନୀରବ ହେବାପାଇଁ ଭବାନୀ ବାବୁ ଇଙ୍ଗିତ କଲେ । ତା' ପରେ ପୁଣି କହିଲେ—ମୁଁ ଆହୁରି ଜାଣି ପାରୁଛି ଯେ ଆପଣଙ୍କ ପୋର୍ଟଫୋଲିଓ ଭିତରେ ଗୋଟିଏ ସାନ ରିଭଲ୍‌ଭର ଅଛି । ଅବଶ୍ୟ ତାର ଲାଇସେନ୍‌ସ ଅଛି କି ନାହିଁ ମୁଁ ଜାଣି ପାରୁନାହିଁ । ଲାଇସେନ୍‌ସ ନିଶ୍ଚୟ ଥିବ । କିନ୍ତୁ ଆଉ ଗୋଟିଏ କଥା ମୁଁ ଦେଖି ପାରୁଛି । ସଡ଼କ ଉପରେ ଡକ୍ଟର ସିହ୍ନାଙ୍କ ଗାଡ଼ି ଭିତରେ ଆପଣଙ୍କ ବାନ୍ଧବୀ ଏକା ବସି ରହି ବିରକ୍ତ ହୋଇ ଗଲେଣି । ଦୟାକରି ତାଙ୍କୁ ମଧ୍ୟ ଭିତରକୁ ଡାକି ଆଣନ୍ତୁ ।

ଡକ୍ଟର ଆଇଜାକ୍ ଏଥର ଆହୁରି ଆଶ୍ଚର୍ଯ୍ୟ ହେଲେ । —ଆପଣ କିପରି ଏହା ଜାଣି ପାରିଲେ, ଆପଣଙ୍କୁ କହିବାକୁ ହେବ ସାର୍ ! ସଡ଼କଟି ଏଠାକୁ ଦେଖାଯାଉ ନାହିଁ ! !

ଭବାନୀ ବାବୁ ସାମାନ୍ୟ ହସି କହିଲେ— ଦେଖନ୍ତୁ ଡକ୍ଟର ଆଇଜାକ୍, ମୋ ସଙ୍ଗେ ଦେଖା କରିବାକୁ ଆପଣଙ୍କ ପରି ବନ୍ଧୁ ସର୍ବଦା ଆସନ୍ତି, ତାହା ନୁହେଁ । ଅତି ଧୀଷଣ ପ୍ରକୃତିର

ଅପରାଧୀମାନେ ମଧ୍ୟ କେବେ କେବେ ଏଠାରେ ଉଦୟ ହୁଅନ୍ତି । ମୋର ଏ ମୁଣ୍ଡଟି ଉପରେ ସେମାନଙ୍କର ବଡ଼ ଲୋଭ । ସେପରି ମହାପୁରୁଷ ଆସି ଯଦି ବାହାରେ ଅପେକ୍ଷା କରି ରହିଥାନ୍ତି, ତେବେ ତାଙ୍କର ଉପଯୁକ୍ତ ଅଭ୍ୟର୍ଥନା ପାଇଁ ଏଠାରେ କିଞ୍ଚିତ ପ୍ରସ୍ତୁତିର ପ୍ରୟୋଜନ । ସୁତରାଂ ଏ ଘରରୁ ଆରମ୍ଭ କରି ଘରର ବିଭିନ୍ନ ସ୍ଥାନରେ କେତେଗୁଡ଼ିଏ ଦର୍ପଣ ଲଗାଇ ରଖି ବାହାର ବସ୍ତୁକୁ ମୁଁ ଘର ଭିତରୁ ଦେଖିବାକୁ ପାଏ । କିନ୍ତୁ ଆପଣ ଆଉ ବିଳମ୍ବ କରନ୍ତୁ ନାହିଁ । ଭଦ୍ରମହିଳାଙ୍କୁ ଭିତରକୁ ନେଇ ଆସନ୍ତୁ ।

ଡକ୍ଟର ଆଇଜାକ୍ ବାହାରକୁ ଚାଲିଗଲେ ଏବଂ ଅଳ୍ପ ସମୟ ପରେ ଗୋଟିଏ ସୁନ୍ଦରୀ ତରୁଣୀ ସହିତ ଘର ଭିତରେ ପ୍ରବେଶ କଲେ । ରୂପର ଜ୍ୟୋତିରେ ଘରଟା ଯେପରି ଝଲକି ଉଠିଲା । ଭବାନୀ ବାବୁ ଚୌକିରୁ ଉଠି ପଡ଼ି ତାଙ୍କୁ ଅଭ୍ୟର୍ଥନା କଲେ । ଡକ୍ଟର ଆଇଜାକ୍ ପରିଚୟ କରାଇ ଦେଲେ—ମୋ'ର ସ୍ତ୍ରୀ ଶ୍ରୀମତୀ ପ୍ରେମୀ । ପ୍ରେମୀ, ମି: ମହାପାତ୍ର ଜଣେ ଅତି ଅଦ୍ଭୁତକର୍ମା ରହସ୍ୟଭେଦୀ । ସାରା ଭାରତବର୍ଷରେ ତାଙ୍କର ସୁନାମ ଅଛି ।

ଭୁବନ ମୋହିନୀ ହସ ହସି ତରୁଣୀ କହିଲା— ମୁଁ ମଧ୍ୟ ତାଙ୍କ ବିଷୟରେ ଅନେକ ଗଳ୍ପ ଶୁଣିଛି । ସାମ୍ବଲପୁରର ହୀରାମାଳ ଚୋରି ମାମଲା ସେ ତଦନ୍ତ କରୁଛନ୍ତି । ମୁଁ ସମ୍ବାଦ ପତ୍ରରେ ପଢ଼ିଛି । ସେ ବିଷୟରେ କିଛି କହନ୍ତୁ ନା ମି: ମହାପାତ୍ର । ମୁଁ ସେସବୁ ଗଳ୍ପ ଶୁଣିବାକୁ ଖୁବ୍ ଭଲପାଏ । ଗୋଛୁ ଗୋଛୁ ଡିଟେକ୍‌ଟିଭ ବହି ମୁଁ କିଣି ପଢ଼େ ।

ସାମାନ୍ୟ ହସି ଭବାନୀ ବାବୁ କହିଲେ—ବହିରେ ଆପଣ-ମାନେ ଯାହା ପଢ଼ନ୍ତି, ପ୍ରକୃତ ଘଟଣା ସେପରି ଘଟେନାହିଁ । ପୁଣି କେବେ କେବେ ପ୍ରକୃତ ଘଟଣା ଯେପରି ଘଟିଥାଏ କୌଣସି ଔପନ୍ୟାସିକର କଳ୍ପନାରେ ମଧ୍ୟ ସେପରି ଅଦ୍ଭୁତ ଘଟଣା ସ୍ଥାନ ପାଇପାରେ ନାହିଁ । ବାସ୍ତବ କ୍ଷେତ୍ରରେ ବହୁ ସମୟରେ ତଦନ୍ତ-କାରୀର ସବୁ ଚେଷ୍ଟା ବିଫଳ ହୁଏ । ଏ ହୀରା ଚୋରି ମାମଲାଗୁଡ଼ିକ ମଧ୍ୟ ଠିକ୍ ସେହିପରି । ଡକ୍ଟର ସିହ୍ନା ମଧ୍ୟ ଏ ସବୁ ତଦନ୍ତ ସହିତ ସଂପୃକ୍ତ । ଆମେମାନେ ଏଥିରେ ପାଦ ଦେଲେ ଆଗେଇ ପାରୁନାହୁଁ । ଆପଣଙ୍କ ମୁଦିରେ ସେ ହୀରାଖଣ୍ଡ କ'ଣ କ୍ୟାଟ୍‌ସ ଆଇ !

ଅନ୍ୟ କଥା କହୁ କହୁ ତାଙ୍କର ହଠାତ୍ ଏପରି ପ୍ରଶ୍ନ ଶୁଣି ଶ୍ରୀମତୀ ଫ୍ଲେମିଙ୍ଗ କୌଣସି ଉତ୍ତର ଦେଇପାରିଲେ ନାହିଁ । ଡକ୍ଟର ସିହ୍ନା ଉତ୍ତର ଦେଲେ—ନା ନା, "କ୍ୟାଟ୍‌ସଆଇ" ଠାରୁ ମଧ୍ୟ ସେ ହୀରାଟି ଅଧିକ ମୂଲ୍ୟବାନ । ତା'ର ନାମ "ଗ୍ରୀନ୍‌ଷ୍ଟାର ।"

ରଘୁନାଥ ଚାହା ଦେଇଗଲା । ଚାହା ଖାଉ ଖାଉ ଭବାନୀ ବାବୁ ପଚାରିଲେ—ଏ ସହରରେ କେଉଁଠାରେ ଆପଣମାନେ ଉଠିଛନ୍ତି ? କୌଣସି ହୋଟେଲରେ ନିଶ୍ଚୟ !

—ହଁ ସାର୍, ଡକ୍ଟର ଆଉଜାକ୍ ଉତ୍ତର ଦେଲେ—"ହୋଟେଲ ପାରାଡ଼ାଇଜ୍"ରେ ଆମେମାନେ ରହିଛୁ । ଏ ସହରକୁ ମୁଁ ପୂର୍ବେ ଆସିଛି; କିନ୍ତୁ ମୋର ସ୍ତ୍ରୀ ଫ୍ଲେମିଙ୍ଗ ପ୍ରଥମଥର ପାଇଁ ଆସିଛନ୍ତି; କିନ୍ତୁ ଆପଣତ କହିଲେ ନାହିଁ—ମୁଁ କେତୋଟି ଟେଲିଗ୍ରାମ କରିଛୁ ବୋଲି ଆପଣ ଜାଣିଲେ କିପରି !

ଭବାନୀ ବାବୁ ହସି ହସି କହିଲେ—ଅତି ସହଜରେ ଡକ୍ଟର ଆଇଜାକ୍ । ଆପଣଙ୍କ ଗୁପ୍ତ ପକେଟର ପଡ଼ିଲା କନା ତଳୁ ଟେଲିଗ୍ରାମର ରସିଦଗୁଡ଼ିକ ପରିଷ୍କାର ଦେଖାଯାଉଛି ।

ଡକ୍ଟର ସିହ୍ନା ଏତେବେଳ ପର୍ଯ୍ୟନ୍ତ ନୀରବରେ ବସି ସବୁ ଶୁଣୁଥିଲେ । ଏତେବେଳ ପରେ ସେ କହିଲେ—ଲେଡ଼ି ଡାକ୍ତରର ଖୁନୀର କୌଣସି ସନ୍ଧାନ ପାଇଲେ କି ଭବାନୀ ବାବୁ ।

—ନା ଡକ୍ଟର ସିହ୍ନା କିଛି ସନ୍ଧାନ ପାଇଲି ନାହିଁ । ଡକ୍ଟର ଫଗମିସାଙ୍କୁ କ'ଣ ପୂର୍ବେ ଆପଣ କେବେହେଲେ ଦେଖି ନ ଥିଲେ ?

—ନା ଭବାନୀ ବାବୁ ! ମୁଁ ଓଡ଼ିଆ ପୁଅ ହେଲେ ମଧ୍ୟ ଚିରକାଳ ବାହାରେ ରହି କଟାଇଲି । ଏ ସହରର ଖୁବ୍ କମ ଲୋକଙ୍କୁ ମୁଁ ଚିହ୍ନେ । ମିଃ ମିଶ୍ରଙ୍କର ଅନୁରୋଧରେ ମୁଁ ସେଠାକୁ ଯାଇଥିଲି ।

ଧନ୍ୟବାଦ ଜଣାଇ ଓ ଆଉ କେବେ ପୁଣି ଆସିବେ କହି ସମସ୍ତେ ବିଦାୟ ନେଲେ । ଭବାନୀ ବାବୁ ପୁଣି ଗଭୀର ଧ୍ୟାନମଗ୍ନ ହୋଇ ନିଜ ଚୌକି ଉପରେ ବସି ରହିଲେ ।

ଟେବୁଲ ଉପରର ଟେଲିଫୋନ୍‌ଟା ହଠାତ୍ ବାଜି ଉଠିଲା । ଭବାନୀ ବାବୁ ରିସିଭର୍ କାନରେ ଲଗାଇଲେ । ଭୁବନେଶ୍ବର ଏରୋଡ୍ରମରୁ ୟୁସୁଫ୍ କଥା କହୁଛି । ସାର୍, ଏୟାର ମେଲରେ ଆଜି ଗୋଟିଏ ପାର୍ଶେଲ ବମ୍ବେର ସେଇ ଠିକଣାକୁ ଯାଉଛି । ଠିକଣା ଲେଖାଅଛି, "ସୁନ୍ଦରଭାଇ ଦେଶାଇ, ମାଲବାର ହିଲ୍‌ସ, ବମ୍ବେ-୨୭ ।" ପ୍ରେରକ ହେଉଛନ୍ତି, "ସେକ୍ରେଟେରି, କଂଗ୍ରେସ

ଅଫିସ, କଟକ । ଆପଣ ଯଦି ଆଦେଶ ଦିଅନ୍ତୁ, ତେବେ ପାର୍ଶେଲଟି ଅଟକାଇବି । ଗତ ନ'ଟାର ଫ୍ଲାଇଟ୍‌ରେ ତାହା ବୁକ୍ ହୋଇଛି ।

—ବମ୍ବେକୁ ଆଜି କେତେବେଳେ ଫ୍ଲାଇଟ୍ ଅଛି ? ଭବାନୀ ବାବୁ ପ୍ରଶ୍ନ କଲେ ।

—କାଲି ସକାଳ ନ'ଟାରେ ଗୋଟାଏ ଡାଇରେକ୍ଟ ଫ୍ଲାଇଟ୍ ଅଛି ସାର୍ ।

କିଛି ସମୟ କ'ଣ ଚିନ୍ତା କରି ଭବାନୀ ବାବୁ କହିଲେ — ପାର୍ଶଲଟି ଛାଡ଼ି ଦିଅ । ଆଉ କାଲି ସକାଳର ଫ୍ଲାଇଟ୍‌ରେ ମୋ ପାଇଁ ଗୋଟିଏ ସିଟ୍ ରିଜର୍ଭ କରି ଦିଅ । "ସର୍ଦ୍ଦାର ଗୁରୁନାମ ସିଂ, ଇଞ୍ଜିନିୟର" ଏଇ ଠିକଣାରେ ରିଜର୍ଭ କରିବ । ସବୁ କାମ ଶେଷ କରି ତୁମେ ଆସି ମୋ ସହିତ ଦେଖା କର ।

ତା'ପରେ ଭବାନୀ ବାବୁ ସାଙ୍କେତିକ ଭାଷାରେ ବମ୍ବେ ପୁଲିସ କମିଶନରଙ୍କ ନିକଟକୁ ପଠାଇବାପାଇଁ ଗୋଟିଏ ଦୀର୍ଘ ବେତାର ବାର୍ତ୍ତା ପ୍ରସ୍ତୁତ କଲେ । ବାର୍ତ୍ତାଟିକୁ "ଖାସ ମେସେଜ" ଭାବରେ ତୁରନ୍ତ ପଠାଇ ଦେବାପାଇଁ ଟେଲିଫୋନ୍ ଯୋଗେ ବେତାର ଷ୍ଟେସନକୁ ଅନୁରୋଧ କରି ସେ ଥରେ ଆଇ. ଜି. ଙ୍କ ସଙ୍ଗେ ଦେଖା କରିବାପାଇଁ ବାହାରିଲେ ।

# ଛଅ

ନ'ଟା ବାଜିବାକୁ ଦଶ ମିନିଟ୍ ପୂର୍ବରୁ ବମ୍ବେ ଫ୍ଲାଇଟ୍‌ର ପାସେଞ୍ଜରମାନଙ୍କର ନାମ ମାଇକ୍‌ରେ ଘୋଷଣା କରାହେଲା । ପ୍ଲେନ ଭିତରେ ନିଜ ନିଜର ଆସନ ଗ୍ରହଣ କରିବାପାଇଁ ଅନୁରୋଧ କରାହେଲା । ସର୍ଦ୍ଦାର ଗୁରୁନାମ ସିଂ କେଉଁଠାକୁ କ'ଣ ଟେଲିଫୋନ୍ କରିବାକୁ ବ୍ୟସ୍ତଥିଲେ । ମାଇକ୍‌ରେ "ଲିଫ୍ଟିଂ"ର ଘୋଷଣା ଶୁଣି ଭିତରକୁ ଯାଇ ନିଜର ଆସନ ଗ୍ରହଣ କଲେ । ଏୟାର ହୋଷ୍ଟେସ ଶିଷ୍ଟାଚରିତ ଗତିରେ ଆସି ମୁଣ୍ଡ ନୁଆଇଁ ଗୁରୁନାମ ସିଂଙ୍କୁ ଅଭିବାଦନ ଜଣାଇଁ ସ୍ମିତ ମୁଖରେ କହିଲା—ଆପଣ ଦେହ ଓ ମନରେ ସମ୍ପୂର୍ଣ୍ଣ ସୁସ୍ଥ ତ ସର୍ଦ୍ଦାରଜୀ ?

ଧନ୍ୟବାଦ ଜଣାଇ ଗୁରୁନାମ ସିଂ ଜଣାଇଲେ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଯଥା ସମୟରେ ଘଣ୍ଟା ବାଜିଲା । ଘୋର ଗର୍ଜନ କରି ପ୍ରାଗ୍‌ଐତିହାସିକ ଯୁଗର ଗୋଟାଏ ଅତିକାୟ ପକ୍ଷୀପରି ପ୍ଲେନ୍‌ଟା ବାୟୁଲୋକ ଭେଦ କରି ମହାଶୂନ୍ୟକୁ ଉଠିଗଲା ।

ଗମ୍ଭୀର ଧ୍ୟାନମଗ୍ନ ଗୁରୁନାମ ସିଂ ବସିରହିଲେ । ତାଙ୍କ ସାମନାରେ ବହୁ ଜରୁରୀ କାମ ରହିଛି । ଅତି ସୁଚାରୁ ଭାବରେ ସବୁଗୁଡ଼ିକ ସମ୍ପନ୍ନ କରିବାକୁ ପଡ଼ିବ । ସାମାନ୍ୟ ଟିକିଏ ଅବହେଳା ବା ଭୁଲ୍ ରହିଗଲେ ସବୁ ପଣ୍ଡ ହୋଇଯିବ । ଆଗାମୀ କାଲି କାର୍ଯ୍ୟକ୍ରମର ନକ୍ସା ସେ ମନେ ମନେ ଆଙ୍କିବାକୁ ଲାଗିଲେ । ମହାଶୂନ୍ୟରେ ଯାନ୍ତ୍ରିକ ବିମାନଟା ତୀବ୍ରଗତିରେ ନିଜ ପଥରେ ଆଗେଇ ଚାଲିଲା । ବହୁକ୍ଷଣ ଏହିପରି କଟିଗଲା । ହଠାତ୍

ପାଇଲଟ୍‌ଙ୍କ କୋଠରୀ ଭିତରୁ ଗୋଟିଏ ଘୋଷଣା ଭାସିଆସିଲା— ଭଦ୍ର ମହୋଦୟଗଣ, ବମ୍ବେ ଓ ଆଖପାଖ ଅଞ୍ଚଳରେ ବର୍ତ୍ତମାନ ପ୍ରବଳ ବର୍ଷା ହେଉଛି । ଏରୋଡ୍ରମ୍‌ର ରନ୍‌ୱେଗୁଡ଼ିକ ବର୍ତ୍ତମାନ ନିରାପଦ କି ନୁହେଁ, ତାହା ପରୀକ୍ଷାକରି ଜଣାଇବାପାଇଁ ମୁଁ ବେତାର ବାର୍ତ୍ତା ପଠାଇଛି । ଏଇ ସବୁ କାରଣରୁ ବମ୍ବେରେ ଅବତରଣ କରିବା ହୁଏତ ସାମାନ୍ୟ ବିଳମ୍ବ ହେବ । ମୁଁ ଆଶା-କରେ ଯେ ଏ ଅସୁବିଧା ଯୋଗୁ ଆପଣମାନେ କ୍ଷମା କରିବେ ।

ଉଇଣ୍ଡସ୍କ୍ରିନ ଭିତରୁ ଗୁରୁନାମ ସିଂହ ତଳକୁ ଚାହିଁଲେ । ପଶ୍ଚିମ ଘାଟ ପର୍ବତମାଳା ଉପରେ ପ୍ଲେନ୍‌ଟି ଉଡ଼ିଯାଉଛି । ଘୋର କୃଷ୍ଣବର୍ଣ୍ଣର ମେଘମାଳା ପର୍ବତଚୂଡ଼ାକୁ ସମ୍ପୂର୍ଣ୍ଣରୂପେ ଗ୍ରାସିବସିଛି । ନିଆଁର ତଲୁଆର ପରି ବିଜୁଳି ଚମକୁଛି । ଏକ ଅପରୂପ ଭୟାବହ ଦୃଶ୍ୟ । ମେଘ ଲୋକର ବହୁ ଊର୍ଦ୍ଧ୍ୱରେ ପ୍ଲେନ୍‌ଟା ଉଡ଼ୁଛି ।

ପର୍ଘାର ଗୁରୁନାମ ସିଂହ ନିକଟ ଆସନରେ ଜଣେ ମଧ୍ୟ ବୟସ୍କା ପଞ୍ଜାବୀ ମହିଳା ବସିଥିଲେ । ସେ ମଧ୍ୟ ଏ ଭୟାବହ ଦୃଶ୍ୟଟି ଦେଖୁଥିଲେ । ହଠାତ୍ ଭୟ ବିହ୍ୱଳ କଣ୍ଠରେ ଗୁରୁନାମ ସିଂଙ୍କୁ ପଚାରିଲେ—ଆମମାନଙ୍କର କୌଣସି ଅନିଷ୍ଟ ହେବନାହିଁ ତ ?

ନିକଟରେ ଏୟାର ହୋଷ୍ଟେସ ଛିଡ଼ା ହୋଇଥିଲା । ମହିଳା ଯାତ୍ରୀଟି ଏପରି ଭୟ ପାଇଛନ୍ତି ଜାଣିପାରି ଏୟାର ହୋଷ୍ଟେସ୍ ତାଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ— ନା, ନା, ଏଇଟା ଗୋଟାଏ ଅତି ସାମାନ୍ୟ ଘଟଣା । ଏଥିରେ କୌଣସି ଦୁର୍ଘଟଣା ଘଟିବାର

# ଛଅ

ନ'ଟା ବାଜିବାକୁ ଦଶ ମିନିଟ୍ ପୂର୍ବରୁ ବମ୍ବେ ଫ୍ଲାଇଟ୍‌ର ପାସେଞ୍ଜରମାନଙ୍କର ନାମ ମାଇକ୍‌ରେ ଘୋଷଣା କରାହେଲା । ପ୍ଲେନ ଭିତରେ ନିଜ ନିଜର ଆସନ ଗ୍ରହଣ କରିବାପାଇଁ ଅନୁରୋଧ କରାହେଲା । ସର୍ଦ୍ଦାର ଗୁର୍‌ନାମ ସିଂ କେଉଁଠାକୁ କ'ଣ ଟେଲିଫୋନ୍ କରିବାକୁ ବ୍ୟସ୍ତଥିଲେ । ମାଇକ୍‌ରେ "ଲିଫ୍‌ଟିଂ"ର ଘୋଷଣା ଶୁଣି ଭିତରକୁ ଯାଇ ନିଜର ଆସନ ଗ୍ରହଣ କଲେ । ଏୟାର ହୋଷ୍ଟେସ ଚପଳଚରିତ ଗତିରେ ଆସି ମୁଣ୍ଡ ନୁଆଇଁ ଗୁର୍‌ନାମ ସିଂଙ୍କୁ ଅଭିବାଦନ ଜଣାଇଁ ସ୍ମିତ ମୁଖରେ କହିଲା—ଆପଣ ଦେହ ଓ ମନରେ ସମ୍ପୂର୍ଣ୍ଣ ସୁସ୍ଥ ତ ସର୍ଦ୍ଦାରଜୀ ?

ଧନ୍ୟବାଦ ଜଣାଇ ଗୁରୁନାମ ସିଂ ଜଣାଇଲେ ଯେ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଯଥା ସମୟରେ ଘଣ୍ଟା ବାଜିଲା । ଘୋର ଗର୍ଜନ କରି ପ୍ରାଗ୍‌ଐତିହାସିକ ଯୁଗର ଗୋଟାଏ ଅତିକାୟ ପକ୍ଷୀପରି ପ୍ଲେନ୍‌ଟା ବାୟୁଲୋକ ଭେଦ କରି ମହାଶୂନ୍ୟକୁ ଉଠିଗଲା ।

ଚକ୍ଷୁର ଧ୍ୟାନମଗ୍ନ ଗୁର୍‌ନାମ ସିଂ ବସିରହିଲେ । ତାଙ୍କ ସାମନାରେ ବହୁ ଜରୁରୀ କାମ ରହିଛି । ଅତି ସୁଷ୍ଠୁ ଭାବରେ ସବୁଗୁଡ଼ିକ ସମ୍ପନ୍ନ କରିବାକୁ ପଡ଼ିବ । ସାମାନ୍ୟ ଟିକିଏ ଅବହେଳା ବା ଭୁଲ୍ ରହିଗଲେ ସବୁ ପଣ୍ଡ ହୋଇଯିବ । ଆଗାମୀ କାଲି କାର୍ଯ୍ୟକ୍ରମର ନକ୍‌ସା ସେ ମନେ ମନେ ଆଙ୍କିବାକୁ ଲାଗିଲେ । ମହାଶୂନ୍ୟରେ ଯାନ୍ତ୍ରିକ ବିମାନଟା କ୍ଷିପ୍ରଗତିରେ ନିଜ ପଥରେ ଆଗେଇ ଚାଲିଲା । ବହୁକ୍ଷଣ ଏହିପରି କଟିଗଲା । ହଠାତ୍

ପାଇଲଟ୍‌ଙ୍କ କୋଠରୀ ଭିତରୁ ଗୋଟିଏ ଘୋଷଣା ଭାସିଆସିଲା— ଭଦ୍ର ମହୋଦୟଗଣ, ବମ୍ବେ ଓ ଆଖପାଖ ଅଞ୍ଚଳରେ ବର୍ତ୍ତମାନ ପ୍ରବଳ ବର୍ଷା ହେଉଛି । ଏରୋଡ୍ରମ୍‌ର ରନ୍‌ଓ୍ୱେଗୁଡ଼ିକ ବର୍ତ୍ତମାନ ନିରାପଦ କି ନୁହେଁ, ତାହା ପରୀକ୍ଷାକରି ଜଣାଇବାପାଇଁ ମୁଁ ବେତାର ବାର୍ତ୍ତା ପଠାଇଛି । ଏହି ସବୁ କାରଣରୁ ବମ୍ବେରେ ଅବତରଣ କରିବା ହୁଏତ ସାମାନ୍ୟ ବିଳମ୍ବ ହେବ । ମୁଁ ଆଶା-କରେ ଯେ ଏ ଅସୁବିଧା ଯୋଗୁ ଆପଣମାନେ କ୍ଷମା କରିବେ ।

ଉଇଣ୍ଡସ୍କ୍ରିନ ଭିତରୁ ଗୁର୍‌ନାମ ସିଂହ ତଳକୁ ଚାହିଁଲେ । ପଶ୍ଚିମ ଘାଟ ପର୍ବତମାଳା ଉପରେ ପ୍ଲେନ୍‌ଟି ଉଡ଼ିଯାଉଛି । ଘୋର କୃଷ୍ଣବର୍ଣ୍ଣର ମେଘମାଳା ପର୍ବତଚୂଡ଼ାକୁ ସମ୍ପୂର୍ଣ୍ଣରୂପେ ଚାପିବସିଛି । ନିଆଁର ତଲୁଆର ପରି ବିଜୁଳି ଚମକୁଛି । ଏକ ଅପରୂପ ଭୟାବହ ଦୃଶ୍ୟ । ମେଘ ଲୋକର ବହୁ ଊର୍ଦ୍ଧ୍ୱରେ ପ୍ଲେନ୍‌ଟା ଉଡ଼ୁଛି ।

ସର୍ଦ୍ଦାର ଗୁର୍‌ନାମ ସିଂହ ନିକଟ ଆସନରେ ଜଣେ ମଧ୍ୟ ବୟସ୍କା ପଞ୍ଜାବୀ ମହିଳା ବସିଥିଲେ । ସେ ମଧ୍ୟ ଏ ଭୟାବହ ଦୃଶ୍ୟଟି ଦେଖୁଥିଲେ । ହଠାତ୍ ଭୟ ବିହ୍ୱଳ କଣ୍ଠରେ ଗୁର୍‌ନାମ ସିଂଙ୍କୁ ପଚାରିଲେ— ଆମମାନଙ୍କର କୌଣସି ଅନିଷ୍ଟ ହେବନାହିଁ ତ ?

ନିକଟରେ ଏୟାର ହୋଷ୍ଟେସ ଛିଡ଼ା ହୋଇଥିଲା । ମହିଳା ଯାତ୍ରୀଟି ଏପରି ଭୟ ପାଇଛନ୍ତି ଜାଣିପାରି ଏୟାର ହୋଷ୍ଟେସ୍ ତାଙ୍କୁ ସାନ୍ତ୍ୱନା ଦେବାକୁ ଲାଗିଲେ— ନା, ନା, ଏଇଟା ଗୋଟାଏ ଅତି ସାମାନ୍ୟ ଘଟଣା । ଏଥିରେ କୌଣସି ଦୁର୍ଘଟଣା ଘଟିବାର ଆଦୌ ଆଶଙ୍କା ନାହିଁ । ଆପଣ ସମ୍ପୂର୍ଣ୍ଣ ନିର୍ଭୟରେ ବସନ୍ତୁ ।

ନିର୍ଦ୍ଧାରିତ ସମୟଠାରୁ ଘଣ୍ଟାଏ ପରେ ପ୍ଲେନ୍‌ଟି ବମ୍ବେ ବିମାନ ବନ୍ଦରରେ ଅବତରଣ କଲା । ସୁଶିକ୍ଷିତ ପାଇଲଟ୍ ନିରାପଦରେ ବିମାନଟିକୁ ଘୋର ବର୍ଷା ପବନ ଭିତରେ ଓହ୍ଲାଇ ଆଣିଲେ । ଯାତ୍ରୀମାନଙ୍କ ସହିତ ସର୍ଦ୍ଦାର ଗୁର୍‌ନାମ ସିଂ ମଧ୍ୟ ଓହ୍ଲାଇଲେ । ଝଡ଼ବର୍ଷା ଯୋଗୁ ବିମାନ ବନ୍ଦରଟି ଜନହୀନ । ବାହାରେ କେତେ ଗୁଡ଼ିଏ ଟ୍ୟାକ୍‌ସି ଧାଡ଼ିବାନ୍ଧି ଛିଡ଼ା ହୋଇଛି । ଗୁର୍‌ନାମ ସିଂ ଚାରି ଆଡ଼କୁ ଚାହିଁ ଯେପରି ଖୋଜିଲେ । ତା'ପରେ ବ୍ୟାଗ୍‌ଟି ହାତରେ ଝୁଲାଇ ଟ୍ୟାକ୍‌ସି ଷ୍ଟାଣ୍ଡ ଆଡ଼େ ଆଗେଇଲେ । ହଠାତ୍ ଗୋଟିଏ ମୂଲିଆ ଶ୍ରେଣୀର ଲୋକ ଗୁର୍‌ନାମ ସିଂଙ୍କ ସାମନାକୁ ଆସି କହିଲା— ପୋର୍ଟର ପ୍ରୟୋଜନ ହେବ କି ସର୍ଦ୍ଦାର ଜୀ ? ଏହା କହି ନିଜର ବାମ ଗାଲଟିକୁ କେତେଥର କୁଣ୍ଡାଇ ହେଲା । ଏ ସଙ୍କେତ ଗୁର୍‌ନାମ ସିଂ ବୁଝିପାରିଲେ ଓ ସେ ମଧ୍ୟ ସେହିପରି କଲେ । ଏହା ଦେଖି ଅଗନ୍ତୁକ ପୋର୍ଟରଟି ଖୁସି ହେବାପରି ଜଣାଗଲା । ନିମ୍ନ କଣ୍ଠରେ କହିଲା—ମୁଁ ଡିଟେକ୍‌ଟିଭ ସର୍ଜେଣ୍ଟ ହରି ପ୍ରକାଶ । ଆମର ଡେପୁଟି କମିସନର ବେନେଟ ସାହେବ ଆପଣଙ୍କୁ ବିମାନ ଘାଟିରୁ ସିଧା ତାଙ୍କ ଘରକୁ ନେଇଯିବାପାଇଁ ପଠାଇଛନ୍ତି । ଆପଣ ସେହିଠାରେ ରହିବେ ।

ଗୁର୍‌ନାମ ସିଂ ସର୍ଜେଣ୍ଟ ସହିତ କରମର୍ଦ୍ଦନ କଲେ— ଧନ୍ୟବାଦ୍ ମି: ହରିପ୍ରକାଶ । ବେନେଟ ସାହେବ କୁଶଳରେ ଅଛନ୍ତି ?

– ହଁ ସାର୍, ସେ ଖୁବ୍ ଭଲରେ ଅଛନ୍ତି ? ଆପଣଙ୍କପାଇଁ ସେ ଅପେକ୍ଷା କରି ବସିଛନ୍ତି ।

ସର୍ଦ୍ଦାର ଗୁର୍‌ନାମ ସିଂଙ୍କୁ ଦେଖି ବେନେଟ୍‌ ସାହେବ ଅତିଶୟ ଆନନ୍ଦିତ ହେଲେ । ସାମାନ୍ୟ ହସି କହିଲେ—ଛଦ୍ମବେଶଟି ଅତି ନିର୍ଭୁଲ ହୋଇଛି ଭବାନୀ ବାବୁ । ଆପଣ ଏହି ଛଦ୍ମବେଶରେ ଏଠାରେ କାମ କରିବେ ନା ସ୍ୱରୂପକୁ ଫେରି ଆସିବେ ।

ସାମାନ୍ୟ ହସି ଭବାନୀ ବାବୁ କହିଲେ—ନା, ମିଃ ବେନେଟ୍‌ । ମୁଁ ଏଠାରେ ମଧ୍ୟ ଛଦ୍ମବେଶରେ ରହିବାକୁ ଚାହେଁ । ଆମମାନଙ୍କର ପ୍ରକୃତ "ସୋ ଡାଉନ୍‌" ପୂର୍ବରୁ ଏ ସହରର କେତେକ ବିଭିନ୍ନ ସ୍ଥାନକୁ ଯାଇ କେତେକ ବନ୍ଦୋବସ୍ତ କରିବାକୁ ହେବ । ଆପଣ ତ ଜାଣନ୍ତି ଏଠାକାର "ପାତାଳ ପୁରୀ" ମହଲରେ ମୁଁ ଅତିଶୟ ପରିଚିତ । ନିରାପତ୍ତା ଦୃଷ୍ଟିରୁ ମୋର ବର୍ତ୍ତମାନ ଚିହ୍ନା ପଡ଼ିବା ଉଚିତ ନୁହେଁ ।

ମଧ୍ୟାହ୍ନ ଭୋଜନ ପରେ ଭବାନୀ ବାବୁ ଓ ବେନେଟ୍‌ ସାହେବ ଅତି ଗୋପନରେ ଆଲୋଚନା କରିବାକୁ ଲାଗିଲେ । ପୂର୍ବରୁ କେତେକ ସମ୍ବାଦ ସାଙ୍କେତିକ ଭାଷାରେ ବେତାର ଯୋଗେ ଭବାନୀବାବୁଙ୍କ ଠାରୁ ବେନେଟ୍‌ ସାହେବ ପାଇଥିଲେ । ମିଃ ବେନେଟ୍‌ ଜଣେ ଅତି ବହୁଦର୍ଶୀ ଓ ବିଚକ୍ଷଣ ପୁଲିସ କର୍ମଚାରୀ । ଭବାନୀ ବାବୁଙ୍କର ଜଣେ ଅନ୍ତରଙ୍ଗ ବନ୍ଧୁ । ଦୁଇଜଣଯାକ ମିଶି ପୂର୍ବେ କେତେ ଦୁର୍ଭେଦ୍ୟ ରହସ୍ୟରେ ସମାଧାନ କରିଛନ୍ତି । କେତେ ବିପଦର ସମ୍ମୁଖୀନ ହୋଇଛନ୍ତି । ଭବାନୀବାବୁଙ୍କ ଠାରୁ ବେତାର ବାର୍ତ୍ତା ପାଇ ବେନେଟ୍‌ ପ୍ରସ୍ତୁତି କରି ରଖିଛନ୍ତି । ବମ୍ବେ ଗୋଇନ୍ଦା ବିଭାଗର ବିରାଟ ଯନ୍ତ୍ରଟିକୁ ସେ ଏଥିପାଇଁ ନିୟୋଜିତ କରିଛନ୍ତି । ବେନେଟ୍‌ କହିଲେ—ଏଇ ସୁ[illegible]ଇ ଦେଖାଇ ଜଣେ ଅତି

ସାଙ୍ଘାତିକ ଶ୍ରେଣୀର ବ୍ୟବସାୟୀ । ଲୋକଟା ଯେପରି ନିର୍ମମ ଓ ଭୟାନକ – ସେହିପରି ଧୂର୍ତ୍ତ । ବର୍ତ୍ତମାନ ସେ ଜଣେ ବଡ଼ ନେତା ହୋଇ ପଡ଼ିଛି । ଏଥର ବମ୍ବେ କରପୋରେସନର ସେ ମେୟର ହେବାର ସମ୍ଭାବନା ରହିଛି । କିନ୍ତୁ ଆମେମାନେ ଜାଣୁ ଯେ ଏଇ ଜନ-ନେତୃତ୍ୱର ଆବରଣ ତଳେ ସେ ଗୋଟିଏ ପ୍ରକାଣ୍ଡ ସଇତାନ । ତା' ନାଁରେ କେତେଗୁଡ଼ିଏ ମାମଲା ଥିଲା । କିନ୍ତୁ ରାଜନୈତିକ ପ୍ରଭାବ ପକାଇ ସେ ସବୁ ମାମଲାଗୁଡ଼ିକୁ ସେ ପ୍ରତ୍ୟାହାର କରାଇ ନେଇ ପାରିଛି । ସହରର ସବୁ ଆଡ଼େ ମୋର ଅତି ବିଶ୍ୱାସୀ ଅନୁଚରମାନେ ସଜାଗ ଅଛନ୍ତି । ସୁନ୍ଦରଭାଇ ବିମାନ ବନ୍ଦରର ପାର୍ଶେଲ ଅଫିସରୁ ପାର୍ଶେଲଟି ଡେଲିଭର ନେବା ମାତ୍ରେ ଆମେ ଜାଣି ପାରିବା । କିନ୍ତୁ ସଞ୍ଜ ପୂର୍ବରୁ ବୋଧହୁଏ ତାର ସମ୍ଭାବନା ନାହିଁ । ସେତେବେଳ ପର୍ଯ୍ୟନ୍ତ ଆମକୁ ଅପେକ୍ଷା କରି ରହିବାକୁ ହେବ ।

ଭବାନୀ ବାବୁ କହିଲେ—ହୁଁ ଆଉ ଗୋଟିଏ କଥା । ଆପଣଙ୍କୁ ଗୋଟିଏ ଚିତ୍ର ଦେଖାଇବା ପାଇଁ ଆଣିଛି । ଭଲକରି ଦେଖି କହନ୍ତୁ, ତା ବିଷୟରେ ଆପଣ କ'ଣ ଜାଣନ୍ତି ।

ଏହାକହି ନିଜ ବ୍ୟାଗ ଭିତରୁ ଖଣ୍ଡିଏ ପୁରୁଣା "ଇଲଷ୍ଟ୍ରେଟେଡ଼ ୱଇକ୍‌ଲି" କାଢ଼ିଲେ । ତା' ପରେ ଗୋଟିଏ ବିଶେଷ ପୃଷ୍ଠା ଓଲଟାଇ ମି: ବେନେଟ୍‌ଙ୍କ ସାମନାରେ ଟେବୁଲ୍ ଉପରେ ପକାଇ ଦେଲେ ।

ଅଳ୍ପକ୍ଷଣ ପର୍ଯ୍ୟନ୍ତ ରଙ୍ଗିନ୍ ଛବିଟିକୁ ଦେଖି ବେନେଟ୍ ସାହେବ ସାମାନ୍ୟ ହସି କହିଲେ—୧୯୬୭ ମସିହାର "ମିସ

ଇଣ୍ଡିଆ"କୁ ଆଜି କିଏ ନ ଚିହ୍ନେ କହନ୍ତୁ । ତା'ର ପ୍ରକୃତ ନାମ ହେଉଛି ଭେରୋନିକା ସାମୁଏଲ । ସେ କେରଳର ଗୋଟିଏ ଆଙ୍ଗ୍ଲୋ ଇଣ୍ଡିଆନ ପାଦ୍ରୀର କନ୍ୟା । ଇଣ୍ଡିଆନ ଏୟାର ଓ୍ୱେଜ୍‌ରେ ଏୟାର ହୋଷ୍ଟେସ ଥିଲା । ଜଣେ ଅତି ଉଚ୍ଚ କୋଟୀର ନର୍ତ୍ତକୀ ଭାବରେ ସେ ସାରା ପୃଥିବୀ ବୁଲିଥିଲା । କିନ୍ତୁ ବର୍ତ୍ତମାନ "ଇଣ୍ଟରପୋଲ" ତାକୁ ଅତି ବ୍ୟାକୁଳ ଭାବରେ ଖୋଜି ବୁଲୁଛନ୍ତି । ହଂକଂ ବିମାନ ବନ୍ଦରରେ ଜଣେ ଉଚ୍ଚପଦସ୍ଥ କଷ୍ଟମ ଅଫିସରଙ୍କୁ ସେ ରିଭଲଭର ଗୁଳିରେ ହତ୍ୟାକରି ଖଣ୍ଡିଏ ହେଲିକପ୍ଟରରେ ପଳାଇ ଗଲା । ତା ବିଷୟରେ ଆଜି ସବୁକଥା ମୁଁ କଷ୍ଟମ ବିଭାଗରୁ ବୁଝି ଆପଣଙ୍କୁ କହିପାରେ ।

ତା' ପରେ ଭବାନୀ ବାବୁ ସେଇ "ସର୍ଦ୍ଦାର ଜୀ"ର ଛଦ୍ମବେଶରେ ବମ୍ବେର ବହୁ ସ୍ଥାନକୁ ଗଲେ । ବହୁ ତଦନ୍ତ ଶେଷକରି ସେ ସଞ୍ଜାବେଳକୁ ବେନେଟ ସାହେବଙ୍କ ଘରକୁ ଫେରି ଆସିଲେ ।

ବର୍ଷା ଆହୁରି ବେଗରେ ପଡୁଛି । ପବନ ଆହୁରି ତୀବ୍ର ହୋଇଛି । ଏଇ ସଞ୍ଜାବେଳୁ ରାଜପଥ ଜନଶୂନ୍ୟ ହୋଇ ଆସିଲାଣି । ଭବାନୀବାବୁ ପହଞ୍ଚିବା ସଙ୍ଗେ ସଙ୍ଗେ ଗୋଟାଏ ବଡ଼ ଗାଡ଼ିରେ ଦଳେ ସଶସ୍ତ୍ର ପୁଲିସ ଆସି ସେଠାରେ ପହଞ୍ଚିଲେ । ଭବାନୀବାବୁ ଘର ଭିତରକୁ ପଶି ଦେଖିଲେ ଯେ ବେନେଟ୍ ସାହେବ ଟେଲିଫୋନ ଧରି କାହା ସହିତ କଥାବାର୍ତ୍ତା ହେଉଛନ୍ତି । ଆହୁରି ଦୁଇଜଣ ବ୍ୟକ୍ତି ବସିଛନ୍ତି । ସେମାନେ ଯେ ସାଦା ପୋଷାକ ଧାରୀ ପୁଲିସ କର୍ମଚାରୀ ଏକଥା ଭବାନୀ ବାବୁ ଅନାୟାସରେ ବୁଝି ପାରିଲେ ।

ଟେଲିଫୋନ ରଖିଦେଇ ବେନେଟ କହିଲେ—ମାତ୍ର କେତେକ ମିନଟ ପୂର୍ବେ ସୁନ୍ଦରଭାଇ ଦେଶାଇ ନିଜେ ଯାଇ ବିମାନ ବନ୍ଦରରୁ ପ୍ୟାକେଟଟି ଖଲାଶ କରିଛନ୍ତି । ମୋର ଲୋକ-ମାନେ ପଛେ ପଛେ ରହିଛନ୍ତି । ସେ ଯଦି ସିଧା ଘରକୁ ନ ଫେରି ଅନ୍ୟ କୌଣସି ସ୍ଥାନକୁ ଯାଇ ପ୍ୟାକେଟଟି ହସ୍ତାନ୍ତର କରିବାକୁ ଚେଷ୍ଟା କରନ୍ତି, ତେବେ ସେମାନେ ତାଙ୍କୁ ସଙ୍ଗେ ସଙ୍ଗେ ଗିରଫ କରି ପ୍ୟାକେଟ୍‌ଟି ଜବତ କରିବେ । ନଚେତ, ସୁନ୍ଦରଭାଇ ଘରକୁ ଫେରିବା ମାତ୍ରେ ମୋର ଲୋକମାନେ ଘର ଘେରାଉ କରି ରଖିବେ ଓ ସଙ୍ଗେ ସଙ୍ଗେ ମୋତେ ଟେଲିଫୋନ କରି ଜଣାଇବେ । ଏ ପଟେ ଆମେ ପ୍ରସ୍ତୁତ ରହିଛୁ । ଘର ତଲାସିର ପରଓ୍ୱାନା ମଧ୍ୟ ମୁଁ ଆଣି ରଖିଛି । ସଙ୍ଗେ ସଙ୍ଗେ ସମସ୍ତେ ବାହାରିଯିବୁ । ଆପଣ ପ୍ରସ୍ତୁତ ଅଛନ୍ତି ?

—ହଁ, ମୁଁ ପ୍ରସ୍ତୁତ ଅଛି । ଭବାନୀ ବାବୁ କହିଲେ ।

କିଛିକ୍ଷଣ ପରେ ଟେଲିଫୋନ ପୁଣି ବାଜି ଉଠିଲା । ବେନେଟ୍ ରିସିଭର କାନରେ କିଛିକ୍ଷଣ ଶୁଣିଲେ । ତା' ପରେ କହିଲେ—ଠିକ୍ । ତୁମେମାନେ ଘର ଘେରାଉ କରି ରଖ । ଆମେମାନେ ଯାଉଛୁ ।

ତା ପରେ ଭବାନୀ ବାବୁଙ୍କୁ ଚାହିଁ କହିଲେ—ଉଠନ୍ତୁ ଭବାନୀ ବାବୁ । ସବୁ ପ୍ରସ୍ତୁତ । ସୁନ୍ଦରଭାଇ ପ୍ୟାକେଟଟି ନେଇ ଘରକୁ ଫେରିଛି ।

ବେଆଇନୀ ଗତିରେ କେତୋଟି ପୁଲିସ ଗାଡ଼ି ଧାଇଁଲା । ପ୍ରବଳ ବର୍ଷା ପଡୁଛି । ରାଜପଥ ଜନଶୂନ୍ୟ । ବେନେଟ ସାହେବ

ଗୋଟିଏ ଅତି ଚାଣୁଆ ପୁଲିସ ବାହିନୀ ନେଇଛନ୍ତି । ସୁନ୍ଦରଭାଇ ଯେ ଗୋଟାଏ ଅତି ଦୁର୍ଦ୍ଧର୍ଷ ଓ ଦୁଃସାହସୀ ବ୍ୟକ୍ତି ଏ କଥା ସେ ଭଲଭାବରେ ଅବଗତ ଅଛନ୍ତି ।

ଏ ବର୍ଷା ସଞ୍ଜରେ ମେରାଇନ୍ ଡ୍ରାଇଭଟା ସମ୍ପୂର୍ଣ୍ଣ ଜନଶୂନ୍ୟ । ପୁଲିସ ଜନଭଙ୍ଗୀକୁ କେହି ଲକ୍ଷ୍ୟକଲେ ନାହିଁ । ସୁଦୀର୍ଘ ମେରାଇନ୍ ଡ୍ରାଇଭ ଅତିକ୍ରମ କରି ପୁଲିସ ଗାଡ଼ିଗୁଡ଼ିକ ଆସି ମାଲବାର ହିଲସରେ ପହଞ୍ଚିଲା । ବିଶାଳ ରାଜଭବନ ପଛ ପଟେ ଗୋଟିଏ ନିଘଞ୍ଚ ଝାଉଁବଣ । ସେହିଠାରେ ଗାଡ଼ି ଗୁଡ଼ିକ ରଖି ପୋଲିସ ଦଳ ଓହ୍ଲାଇଲେ । ଅନ୍ଧକାର ଭିତରୁ ଗୋଟିଏ ଛାୟା ମୂର୍ତ୍ତି ବାହାରି ଆସିଲା । ଜଣେ ସାଦା ପୋଷାକ-ଧାରୀ ପୁଲିସ କର୍ମଚାରୀ । କେନେଟ ସାହେବଙ୍କ ନିକଟକୁ ଆସି ନିମ୍ନ କଣ୍ଠରେ ଜଣାଇଲା—ସବୁ ଠିକ ଅଛି ସାର୍ । ସମୁଦ୍ର କୂଳରେ ଥିବା ସେଇ ଘରଟି ହେଉଛି ସୁନ୍ଦରଭାଇଙ୍କର । ସେ ବର୍ତ୍ତମାନ ଘର ଭିତରେ ଅଛି ।

ଅନ୍ଧକାର ଭିତରେ ପୁଲିସ ଦଳ ଆଗେଇ ଚାଲିଲେ । ସ୍ଥାନଟି ସମ୍ପୂର୍ଣ୍ଣ ନିର୍ଜନ । କେହି ପଡ଼ିଶା ନାହାଁନ୍ତି । କେନେଟ ସାହେବ ପ୍ରଥମେ ଘରଟି ଘେରାଉ କରି ପକାଇଲେ । ତା' ପରେ ଭବାନୀବାବୁଙ୍କ ସହିତ ଘରର ପ୍ରଧାନ ଫାଟକ ନିକଟରେ ପହଞ୍ଚିଲେ । ଫାଟକଟି ଭିତରୁ ତାଲାବନ୍ଦ ରହିଛି । ଭବାନୀବାବୁ ଓ କେନେଟ୍ ସାହେବ ଲୁହା ଫାଟକଟି ଡେଇଁ ଘରଭିତରେ ପଶିଲେ ।

ତା'ପରେ କ'ଣ କରିବେ ବୋଲି ଭାବୁଛନ୍ତି, ଏଇ ସମୟରେ ହଠାତ୍ ଦୁଆର ଖୋଲିଗଲା । ଜଣେ ଲୋକ ବୋଧହୁଏ ବାହାରକୁ

ଯାଉଥିଲା । ଦୁଆର ସାମନାରେ ବେନେଟ୍ ସାହେବ ଓ ଭବାନୀ ବାବୁଙ୍କୁ ଦେଖି ଥମକି ଛିଡ଼ା ହୋଇଗଲା । ବେନେଟ୍ ସାହେବ ଲୋକଟିକୁ ଚହ୍ନିପାରିଲେ । ସେ ସୁନ୍ଦରଭାଇ ବୋଲି । ବେନେଟ୍ ସାହେବ ନିଜର ପରିଚୟ ଦେଇ ବିନା ଭୂମିକାରେ ଜଣାଇଲେ ଯେ ସେମାନେ ଘରଟି ଖାନତଲାସ କରିବାକୁ ଚାହାଁନ୍ତି । ସେମାନଙ୍କ ନିକଟରେ ଯଥାବିଧି ପରଓ୍ୱାନା ଅଛି ।

ସୁନ୍ଦରଭାଇ କିଛିକ୍ଷଣ ପର୍ଯ୍ୟନ୍ତ ନୀରବରେ ଛିଡ଼ା ହୋଇ ରହିଲା । ତା'ପରେ କହିଲା—ଆସନ୍ତୁ । ମୋ ସଙ୍ଗେ ଭିତରକୁ ଆସନ୍ତୁ ।

ବିଶାଳ ଘର । ସୁନ୍ଦରଭାଇର ପଛେ ପଛେ କୋଠରୀ ପରେ କୋଠରୀ ପାରିହୋଇ ସେମାନେ ଭିତରକୁ ଚାଲିଲେ । ଅବଶେଷରେ ଗୋଟିଏ ସାନ କୋଠରୀ ଭିତରେ ତିନିଜଣ ଯାକ ପଶିଲେ । ସୁନ୍ଦର ଭାଇ ସୁଇଚ ଚିପି ଆଲୁଅ ଜଳାଇ ଦେଲା । ଘର ଭିତରେ କେତେଖଣ୍ଡି ଚୌକି ପଡ଼ିଛି । ବେନେଟ ସାହେବ ଓ ଭବାନୀ ବାବୁଙ୍କୁ ବସିବାକୁ ଇଙ୍ଗିତକରି ସୁନ୍ଦରଭାଇ ନିଜେ ଖଣ୍ଡିଏ ଚୌକିରେ ବସିଲା । ତା'ପରେ ସାମାନ୍ୟ ହସି କହିଲା- ଦେଖନ୍ତୁ, ଆଇନ ଆପଣମାନଙ୍କୁ ଯେତେ କ୍ଷମତା ଦେଇଥିଲେ ମଧ୍ୟ ଆପଣମାନେ ସାମାନ୍ୟ ଚାକିରିଆ । ମୋ ସହିତ ଶତ୍ରୁତା କରିବା ଆପଣମାନଙ୍କ ପକ୍ଷରେ ଆଦୌ ନିରାପଦ ନୁହେଁ । ଅପର ପକ୍ଷରେ ମୋ ସହିତ ସଦ୍‌ଭାବ ରଖିଲେ ଆପଣମାନେ ସବୁ ଭାବରେ ଲାଭବାନ ହେବେ । ସର୍କାରୀ କ୍ଷେତ୍ରରେ ପଦୋନ୍ନତି ହେବ । ଆଉ ଆର୍ଥିକ କ୍ଷେତ୍ରରେ ମଧ୍ୟ ପ୍ରଚୁର ଲାଭବାନ ହେବେ ।

ଏବେ କହନ୍ତୁ କେତେ ହେଲେ ଚଳିବ । ପନ୍ଦର ହଜାର ! କୋଡ଼ିଏ ହଜାର ! କେତେ, କହନ୍ତୁ ।

ଏଥର ଭବାନୀବାବୁ କଥା କହିଲେ । —ଆପଣ ଅକାରଣ ସମୟ ନଷ୍ଟ କରୁଛନ୍ତି ସୁନ୍ଦରଭାଇ ବାବୁ । ଟଙ୍କା ବଳରେ ଆଇନକୁ ଆପଣ କଦାପି କିଣି ନେଇ ପାରିବେ ନାହିଁ । ଆପଣଙ୍କର ସେପରି ଚେଷ୍ଟା ସମ୍ପୂର୍ଣ୍ଣ ବୃଥା । ଆମେମାନେ ନିଶ୍ଚୟ ଆପଣଙ୍କ ଘର ଖାନତଲ୍ଲାସ କରିବୁ ।

ଏଥର ସୁନ୍ଦରଭାଇ ଉଚ୍ଚ ଶବ୍ଦରେ ହସି ଉଠିଲେ ।— ସର୍ଦ୍ଦାର ଜୀ, ଆପଣଙ୍କ ଜାତି କେବଳ ଲଢ଼େଇ କରି ଶିଖିଛନ୍ତି । ରୋଜଗାର କରି ସୁଖରେ ଜୀବନ କଟାଇବାକୁ ଜାଣି ନାହାନ୍ତି । ଆଚ୍ଛା, ଆପଣ ପୁଣି ଗୋଟାଏ ଲିଲାଣ୍ଡ ଟ୍ରକ୍‌ର ଦାମ ପାଇବେ । ପୁଣି ପଚିଶ ହଜାର ! ଆଉ ବେନେଟ ସାହେବ, ଆପଣଙ୍କ କଥା କହନ୍ତୁ ।

ବେନେଟ୍ ସାହେବ ଅତିଶୟ ବିରକ୍ତ ହୋଇ କହିଲେ— ଆପଣଙ୍କ ସଙ୍ଗେ ଏସବୁ କଥାବାର୍ତ୍ତା କରିବାକୁ ଆମେ ଆସିନାହୁଁ । ଉଠନ୍ତୁ, ଆମେ ଘର ଖାନତଲ୍ଲାସ କରିବୁ । ଏହାକହି ବେନେଟ ଉଠି ଛିଡ଼ା ହେଲେ ।

ସୁନ୍ଦରଭାଇ ମଧ୍ୟ ଉଠି ଠିଆ ହେଲା । କିଛିକ୍ଷଣ ପର୍ଯ୍ୟନ୍ତ ବେନେଟଙ୍କୁ ଜଟମଟ କରି ଚାହିଁ ରହିଲା । ତା' ଆଖିରେ ଯେପରି ମୃତ୍ୟୁ ନାଚି ଉଠିଲା । ହଠାତ ସୁନ୍ଦରଭାଇ ଇଲେକ୍‌ଟ୍ରିକ ସୁଇଚ୍‌ଟା ବୁଲାଇ ଦେଲା । ଆଲୁଅ ଲିଭିଗଲା । ବେନେଟ ଚିତ୍କାର କରି ଉଠିଲେ । କିନ୍ତୁ ଭବାନୀବାବୁ ମୁହୂର୍ତ୍ତକ ମଧ୍ୟରେ

ଡ଼ିଆଁ ମାରି କୋଠରୀ ବାହାରକୁ ଚାଲିଗଲେ । ତାଙ୍କ ସାମନାରେ ସୁନ୍ଦରଭାଇ । ହଠାତ୍ ତାଙ୍କୁ ସେ କୁଣ୍ଢାଇ ପକାଇଲେ । ବେନେଟ ଘରଭିତରେ ଚିତ୍କାର କରୁଛନ୍ତି । କବାଟକୁ ପଦାଘାତ କରୁଛନ୍ତି । ଭବାନୀ ବାବୁ ବୁଝି ପାରିଲେ ଯେ କୌଣସି ଗୁପ୍ତ କୌଶଳର ପ୍ରକ୍ରିୟାରେ କବାଟଟା ବନ୍ଦ ହୋଇ ଯାଉଛି । ବେନେଟ ବନ୍ଦୀ ହୋଇଛନ୍ତି ।

ଲୋକଟା ଯେ ଏତେ କ୍ଷିପ୍ର ଓ ବଳବାନ ସେ କଥା ଭବାନୀ ବାବୁ କଳ୍ପନା କରି ପାରି ନ ଥିଲେ । ବହୁକ୍ଷଣ ଧରି ସେଠାରେ ଲଢ଼େଇ ଚାଲିଲା । ଭବାନୀବାବୁ ସର୍ବାଙ୍ଗରେ କ୍ଷତ ବିକ୍ଷତ ହେବାକୁ ଲାଗିଲେ । ଏହି ସମୟରେ ପୁଞ୍ଜିଭୂତ ଅନ୍ଧକାର ପରି ଆଉଦୁଇଟି ମୂର୍ତ୍ତି ଭିତରୁ ପଟୁ ଆସି ସେଠାରେ ପହଞ୍ଚିଲେ । ହଠାତ୍ ଭବାନୀ ବାବୁଙ୍କ ମୁଣ୍ଡରେ ଗୋଟିଏ ଆଘାତ ବାଜିଲା । ଭୀଷଣ ଆଘାତ । ତାଙ୍କର ସର୍ବାଙ୍ଗ ଅବଶ ହୋଇଗଲା । ଧୀରେ ଧୀରେ ତାଙ୍କର ଚୈତନ୍ୟ ଲୋପ ପାଇ ଆସିଲା । ସେଇ ଅର୍ଦ୍ଧ ଚେତନ ଅବସ୍ଥାରେ ତାଙ୍କର ମନେ ହେଲା କେତେଗୁଡ଼ାଏ ପୁଲିସ ହୁଇସିଲ ବାଜି ଉଠିଲା । ଟର୍ଚ୍ଚମାନ ଜଳି ଉଠିଲା । ବହୁ ଲୋକ ଯେପରି ସେଠାକୁ ଧାଇଁ ଆସିଲେ । ତା'ପରେ ତାଙ୍କର ଚୈତନ୍ୟ ସମ୍ପୂର୍ଣ୍ଣ ରୂପେ ଲୋପ ପାଇଲା ।

କେତେକାଳ ସେ ଏହିପରି ଚୈତନ୍ୟହୀନ ଅବସ୍ଥାରେ ଥିଲେ କେଜାଣି ଯେତେବେଳେ ତାଙ୍କର ଜ୍ଞାନ ଫେରି ଆସିଲା, ସେତେବେଳେ ସେ ଦେଖିଲେ ଯେ ସେ ଗୋଟିଏ କୋମଳ ବିଛଣାରେ ଶୋଇଛନ୍ତି । ମୂର୍ତ୍ତିମନ୍ତ ସେବା ପରି ଗୋଟିଏ ନାରୀ ତାଙ୍କର ସୁଶ୍ରୂଷା କରୁଛି । କିଛିକ୍ଷଣ ପରେ ଭବାନୀ ବାବୁ

ତାକୁ ଚହ୍ନି ପାରିଲେ । ମିସେସ୍ ବେନେଟ । ଧୀରେ ଧୀରେ ତାଙ୍କର ସବୁ ସ୍ମୃତି ଫେରି ଆସିଲା । ପଚାରିଲେ—ମିଃ ବେନେଟ କିପରି ଅଛନ୍ତି । ତାଙ୍କର କୌଣସି କ୍ଷତି ହୋଇ ନାହିଁତ !

ମଧୁର ହସ ହସି ଶ୍ରୀମତୀ ବେନେଟ କହିଲେ—ନା, ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । କିନ୍ତୁ ଆପଣଙ୍କର ଜଖମଟି ସାଂଘାତିକ ହୋଇଥିଲା । ଈଶ୍ୱରଙ୍କୁ ଧନ୍ୟବାଦ ଯେ ଆପଣ ଆରୋଗ୍ୟ ହୋଇ ଉଠିଛନ୍ତି ।

କିଛିକ୍ଷଣ ପରେ ବେନେଟ ସାହେବ ସେ ଘରେ ପ୍ରବେଶ କଲେ । ହସ ହସ ମୁହଁରେ କହିଲେ—ଆପଣ ମୋର ଧନ୍ୟବାଦ ଗ୍ରହଣ କରନ୍ତୁ ଭବାନୀ ବାବୁ । ଆପଣ ସଙ୍ଗେ ସଙ୍ଗେ ବାହାରକୁ ଏପରି କ୍ଷିପ୍ର ଗତିରେ ଡେଇଁ ପଡ଼ି ସଇତାନଟାକୁ ଆକ୍ରମଣ କରି ନ ଥିଲେ ଆମେ ଦୁଇଜଣଯାକ ସେ କୋଠରୀରେ ବନ୍ଦୀ ହୋଇଥାନ୍ତେ । ତା' ପରେ ଅତି ଉଚ୍ଚ ଶକ୍ତିର ବିଜୁଳି ପ୍ରବାହରେ ଦୁଇଜଣଯାକ ଜଳି ହୋଇ ମରିଥାନ୍ତେ । ସେହିପରି ବନ୍ଦୋବସ୍ତ ସଇତାନଟା ଶେଷରେ କରି ରଖିଛି । କିନ୍ତୁ ବାହାରକୁ ଯାଇ ଇଲେକଟ୍ରିକ୍ ସୁଇଚ୍‌ଟା ଚିପି ଦେବାର ଅବକାଶ ସେ ପାଇଲା ନାହିଁ । ତା' ପୂର୍ବରୁ ଆପଣ ତାକୁ ଆକ୍ରମଣ କଲେ ।

—କିନ୍ତୁ ସେ ପ୍ୟାକେଟଟି ଉଦ୍ଧାର ହୋଇ ପାରିଲା ନାହିଁ ! ସୁନ୍ଦରଭାଇ ଗିରଫ ହେଲା ନାହିଁ ।

ଖୁସି ହୋଇ ବେନେଟ୍ ସାହେବ କହିଲେ—ନା, ନା, ଆପଣଙ୍କର ଦୁର୍ଭାବନାର କୌଣସି କାରଣ ନାହିଁ । ପ୍ୟାକେଟ୍‌ଟି

ମିଳିଛି । କେବଳ ସାପୁରିବାଟୁର ହୀରା ହାର ନୁହେଁ, ଆହୁରି କେତେକ ଅତି ମୂଲ୍ୟବାନ ହୀରା ମଧ୍ୟ ସେଥିରେ ଥିଲା । ତା' ଛଡ଼ା ସୁନ୍ଦରଭାଇ ଘରୁ ପ୍ରାୟ ଏକହଜାର ତୋଳା ଚୋରା ସୁନା, ବହୁ ଚୋରା ହୀରା ଏବଂ ବହୁତ କାଗଜପତ୍ର ଜବତ୍ ହୋଇଛି । କିନ୍ତୁ ସୁନ୍ଦରଭାଇକୁ ପୁଲିସ ଗିରଫ କରି ପାରିନାହିଁ ।

—ଏଁ, ସେ କ'ଣ ପଳାଇଗଲା !! ଭବାନୀ ବାବୁ ପଚାରିଲେ ।

—ହଁ, ସେ ପଳାଇଗଲା । ଯେଉଁ ସ୍ଥାନରୁ ପୁଲିସ ବା କୌଣସି ପାର୍ଥିବ ଶକ୍ତି ତାକୁ ଫେରାଇ ଆଣି ପାରିବ ନାହିଁ । ଘୋର ଅନ୍ଧାର ଭିତରେ ଉଭୟ ପକ୍ଷରୁ ଗୁଳି ଚାଲିଲା । ସହରର କେତେକ ଅତି ଦୁର୍ଦ୍ଧର୍ଷ ଗୁଣ୍ଡା ସୁନ୍ଦରଭାଇର ଆଶ୍ରୟରେ ଥିଲେ । ଦୁଇଜଣ ପୁଲିସ କର୍ମଚାରୀ ପ୍ରାଣ ହରାଇଛନ୍ତି । ଆଉ ସୁନ୍ଦରଭାଇ ନିଜେ ଓ ତା'ର ଆଉ ଦୁଇଜଣ ଗୁଣ୍ଡା ପୁଲିସ ଗୁଳିରେ ପ୍ରାଣ ହରାଇଛନ୍ତି ।

# ସାତ

ଆଇ. ଜି. ସେନାପତି ସାହେବ ଅତିଶୟ ବିବ୍ରତ ହୋଇ ଉଠିଛନ୍ତି । ଘରୋଇ ମନ୍ତ୍ରୀ ଘନ ଘନ ଟେଲିଫୋନ କରୁଛନ୍ତି । ଭବାନୀବାବୁଙ୍କ ପ୍ରତିଶ୍ରୁତି ଉପରେ ନିର୍ଭର କରି ସେ ଘରୋଇ ମନ୍ତ୍ରୀଙ୍କୁ ଜବାବ ଦେଇଥିଲେ ଯେ ସାପୁରବାଲାର ଅପହୃତ ହୀରା ନେକ୍‌ଲେସ୍ ସେ ଏକ ସପ୍ତାହ ମଧ୍ୟରେ ନିଶ୍ଚୟ ଉଦ୍ଧାର କରିଦେବେ । ସେଇ ପ୍ରତିଶ୍ରୁତି ଉପରେ ବିଶ୍ୱାସ କରି ସୁଲତାନ ତାଙ୍କର ରହଣିକାଳ ଆଉ ଏକ ସପ୍ତାହ ବଢ଼ାଇ ଦେଇଥିଲେ । ଆସନ୍ତା କାଲି ଏକ ସପ୍ତାହ ପୂରି ଯାଉଛି । ଆସନ୍ତା କାଲି ଅପରାହ୍ଣରେ ସେ ତାଙ୍କର ସ୍ୱତନ୍ତ୍ର ବିମାନ ଯୋଗେ ଭାରତବର୍ଷ ତ୍ୟାଗ କରିବେ । ଅଥଚ ଆଜିପର୍ଯ୍ୟନ୍ତ ଭବାନୀ ବାବୁଙ୍କଠୁ କୌଣସି ସମ୍ବାଦ ନାହିଁ । ଏତେବଡ଼ ଜଣେ ବିଦେଶୀ ଭି. ଆଇ. ପି. ଏ ଦେଶ ପ୍ରତି କି ଧାରଣା ନେଇ ଫେରିଯିବେ । ଦିଲ୍ଲୀର ଘରୋଇ ବିଭାଗ ଓ ରାଜ୍ୟ ସରକାରଙ୍କ ନିକଟରେ ଆଇ. ଜି. ବା କି କୈଫିୟତ ଦେବେ !

ଭବାନୀ ବାବୁଙ୍କର ବମ୍ବେ ଯାତ୍ରା କଥା କେବଳ ଆଇ. ଜି. ଙ୍କ ଛଡ଼ା ଆଉ କେହି ଜାଣନ୍ତି ନାହିଁ । ତାଙ୍କର ଅନୁରୋଧକ୍ରମେ ଏହା ସମ୍ପୂର୍ଣ୍ଣ ଗୁପ୍ତ ରହିଛି । ଭବାନୀ ବାବୁଙ୍କର ତୀକ୍ଷ୍ଣ ବୁଦ୍ଧି ଓ କର୍ମକ୍ଷମତା ଉପରେ ଆଇ. ଜି. ଙ୍କର ଗଭୀର ବିଶ୍ୱାସ ରହିଛି । ଏ ତଦନ୍ତର ପୂର୍ଣ୍ଣ ସ୍ୱାଧୀନତା ସେ ତାଙ୍କୁ ଦେଇଛନ୍ତି । ବମ୍ବେର ସେ କେଉଁ ସ୍ଥାନକୁ ଯିବେ ବା କ'ଣ

କରିବେ—ସେ କଥା ସେ ଜାଣିବାକୁ ଚାହିଁ ନାହାନ୍ତି । ତାଙ୍କର ଆଦେଶରେ ମି: ମିଶ୍ର ବର୍ତ୍ତମାନ ଏ ମାମଲାଗୁଡ଼ିକର ଦାୟିତ୍ୱରେ ରହିଛନ୍ତି । ଭବାନୀ ବାବୁଙ୍କ ଅନୁପସ୍ଥିତି ବିଷୟରେ ମି: ମିଶ୍ର ତାଙ୍କ ନିକଟରେ ଏକାଧିକବାର ଅଭିଯୋଗ କଲେଣି । କିନ୍ତୁ ଭବାନୀ ବାବୁ କେଉଁଠାକୁ ଯାଇଛନ୍ତି, ସେ କଥା ସେ ମି: ମିଶ୍ରଙ୍କୁ କହି ନାହାନ୍ତି ।

ଭବାନୀ ବାବୁଙ୍କ ପ୍ରତିଶ୍ରୁତି ଉପରେ ନିର୍ଭର କରି ଆଇ. ଜି. ଯେ ଏତେବଡ଼ ଗୋଟାଏ ଜବାବ ଦେଇଥିଲେ ଏ କଥା ମି: ମିଶ୍ର ଜାଣନ୍ତି । କିନ୍ତୁ ଭବାନୀ ବାବୁ କିଛି କରି ପାରିଲେ ନାହିଁ । ଆଇ· ଜି.ଙ୍କୁ ହାସ୍ୟାସ୍ପଦ କଲେ । ଏ କଥା ଉଠାଇ କେତେଥର ମି: ମିଶ୍ର ଭବାନୀ ବାବୁଙ୍କ ଉପରେ ବିରକ୍ତି ପ୍ରକାଶ କରିଛନ୍ତି । ଆଜି ସକାଳେ ସେଇକଥା ଉଠାଇ ମି: ମିଶ୍ର କହିଲେ—ଆପଣ ମୋତେ କ୍ଷମା କରିବେ ସାର୍, ଭବାନୀ ମହାପାତ୍ରଙ୍କୁ ଆପଣ ଯେପରି ଅଦ୍ଭୁତ କର୍ମୀ ବ୍ୟକ୍ତି ବୋଲି ଧରି ନେଇଛନ୍ତି, ସେ ସେପରି ଆଦୌ ନୁହନ୍ତି । ତାଙ୍କର ନିଆଁଗିଳା କଥା ଉପରେ ନିର୍ଭର କରି ଆପଣ ଏତେବଡ଼ ଗୋଟାଏ ପ୍ରତିଶ୍ରୁତି ଦେବା ଉଚିତ ନ ଥିଲା ।

ଆଇ· ଜି. କିଛି ଉତ୍ତର ଦେଇ ନାହାନ୍ତି । ଭବାନୀ ବାବୁଙ୍କର ବିରାଟ କର୍ମକ୍ଷମତା ଉପରେ ସେ ତିଳେମାତ୍ର ବିଶ୍ୱାସ ହରାଇ ନାହାନ୍ତି । କିନ୍ତୁ ସବୁ ଚିନ୍ତାକରି ବର୍ତ୍ତମାନ କହିଁକି ସେ ଅନ୍ତରରୁ ଚିନ୍ତିତ ଓ ବିବ୍ରତ ହୋଇ ଉଠିଛନ୍ତି ।

ରାତି ସାଢ଼େ ଆଠଟା ହେଲାଣି ! ତାଙ୍କର "ଡିନର୍"ର ସମୟ ହୋଇଗଲାଣି । କିନ୍ତୁ ତାଙ୍କର ଖାଇବାକୁ ଆଦୌ ଇଚ୍ଛା

ହେଉ ନାହିଁ । ଠିକ୍ ସେତିକିବେଳେ ଜଣେ ଅର୍ଡ଼ଲି ଘର ଭିତରେ ପଶି ଖଣ୍ଡିଏ କାଗଜ ତାଙ୍କ ହାତକୁ ବଢ଼ାଇ ଦେଲା ।– କ'ଣ ଜରୁରି କାଗଜ ବୋଲି କହିଲେ, ହଜୁର ।

ଆଇ. ଜି. କାଗଜ ଖଣ୍ଡିକ ଉପରେ ଆଖି ବୁଲାଇଲେ । ସାଙ୍କେତିକ ଭାଷାରେ ଗୋଟିଏ ଦୀର୍ଘ ବେତାର ବାର୍ତ୍ତା ବମ୍ବେରୁ ଆସିଛି । ଆଇ. ଜି. ଙ୍କର ମନ ଚଞ୍ଚଳ ହୋଇ ଉଠିଲା । ସେହିପରି ଏ ସାଙ୍କେତିକ ଭାଷା ବୁଝିବା ସମ୍ଭବ ନୁହେଁ । ଲୁହା ଆଲମାରି ଭିତରୁ ଆଇ. ଜି. ଖଣ୍ଡିଏ ଗୁପ୍ତ "କୋର୍ଡ଼" ବହି ବାହାର କଲେ ଓ ତା'ର ସାହାଯ୍ୟରେ ସେ ସାଙ୍କେତିକ ବେତାର ବାର୍ତ୍ତାଟିର ପାଠୋଦ୍ଧାର କରିବାକୁ ଲାଗିଲେ ।

ଦୀର୍ଘ ଏକଘଣ୍ଟା ପରେ ସେ ବାର୍ତ୍ତାଟିକୁ ଡ଼ିକୋଡ଼ (Decode) କରି ପାରିଲେ । ତାଙ୍କର ମୁଖମଣ୍ଡଳ ଉଜ୍ଜ୍ୱଳ ହୋଇ ଉଠିଲା । ଆନନ୍ଦରେ ସେ ଅଧୀର ହୋଇ ଉଠିଲେ । ଭବାନୀ ବାବୁ ବାର୍ତ୍ତା ପଠାଇଛନ୍ତି । ସେ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇଛନ୍ତି । କାଲି ସକାଳେ ସେ ଫେରି ଆସୁଛନ୍ତି । ଆସନ୍ତା କାଲି ସକାଳ ୬ଟା ବେଳେ ବମ୍ବେର ସାନ୍ତାକ୍ରୁଜ ବିମାନ ବନ୍ଦରରୁ ଗୋଟିଏ ଡ଼ାଇରେକ୍ଟ ଫ୍ଲାଇଟ୍ ଭୁବନେଶ୍ୱର ଆସିବ । ସେଇ ବିମାନରେ ସେ ଫେରି ଆସୁଛନ୍ତି । ଭୁବନେଶ୍ୱରରେ ସକାଳ ୯ଟା ବେଳେ ପହଞ୍ଚିବେ । ଆଉ ସେଇ ସ୍ଥାନରୁ ସାଙ୍ଗେ ସାଙ୍ଗେ କଟକ ଆସି ସେ ଆଇ. ଜି.ଙ୍କୁ ଦେଖା କରିବେ ।

ତା'ପରେ ଆହୁରି କେତେଗୁଡ଼ିଏ କାମ କରିବାକୁ ସେ ଅନୁରୋଧ କରିଛନ୍ତି । ସର୍ବଶେଷରେ ସେ ଅନୁରୋଧ ଜଣାଇଛନ୍ତି

ଯେ ଶେଷ ମୂହୂର୍ତ୍ତ ପର୍ଯ୍ୟନ୍ତ ଯେପରି ସବୁକଥା ଗୋପନ ରଖା ହୁଏ ।

ଆଇ. ଜି: ତାହାହିଁ କରିବେ । ଭବାମି ବାବୁଙ୍କର ସବୁ ଅନୁରୋଧ ସେ ରକ୍ଷା କରିବେ । ସଙ୍ଗେ ସଙ୍ଗେ ସେ ଘରୋଇ ମନ୍ତ୍ରୀଙ୍କୁ ଟେଲିଫୋନ କଲେ ।—କାଲି ଦିନ ଏଗାରଟା ବେଳେ ଦୟାକରି ଥରେ ମୋ' ଅଫିସର କନଫରେନ୍‌ସ ହଲ୍‌କୁ ଆସିବେ ସାର୍ । ସେହି ସମୟରେ ସାୟାରିବାନୁର ଅପହୃତ ହୀରାମାଳଟି ଆପଣ ନିଜହାତରେ ତାଙ୍କୁ ଫେରାଇ ଦେବେ । ସୁଲତାନଙ୍କୁ ଆଉ ତାଙ୍କ କନ୍ୟାଙ୍କୁ ଆସିବା ପାଇଁ ଆପଣ ଅନୁରୋଧ କରିବେ ! ଆଉ ଦୟାକରି ଏ ଘଟଣାଟିକୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଗୁପ୍ତ ରଖିବେ ।

ଘରୋଇ ମନ୍ତ୍ରୀ ଅତିଶୟ ଖୁସି ହୋଇ ଉଠିଲେ । —ଆପଣ ଏ ରାଜ୍ୟର ସମ୍ମାନ ରକ୍ଷାକଲେ ମି: ସେନାପତି । ମୁଁ ଯଥା ସମୟରେ ଯାଇ ପହଞ୍ଚିବି ଓ ଘଟଣାଟିକୁ ସମ୍ପୂର୍ଣ୍ଣ ଗୋପନ ରଖି ଅନ୍ୟ କେତେକଙ୍କୁ ମଧ୍ୟ ନେଇଯିବି । କେତେଜଣ ପ୍ରେସ ରିପୋର୍ଟରଙ୍କୁ ମଧ୍ୟ ନେଇଯିବି । ସୁଲତାନ ସାହେବଙ୍କ ବ୍ୟବସ୍ଥା ମଧ୍ୟ ମୁଁ କରିବି । ଧନ୍ୟବାଦ ।

ତା'ପରେ ଆଇ. ଜି. ଟେଲିଫୋନ ଯୋଗେ ମିଶ୍ର ସାହେବ ଓ ଅନ୍ୟାନ୍ୟ ବହୁ ଅଧସ୍ତନ ଅଫିସରଙ୍କୁ ଏ ସଭାରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଲେ । କାରଣ ସ୍ୱରୂପ ସେ କହିଲେ ଯେ ଏଇସବୁ ମାମଲା ଗୁଡ଼ିକର ଆଲୋଚନା ସେ

କରିବାକୁ କହିଲେ । ସସ୍‌ପେଣ୍ଡ ହୋଇଥିବା ପୂର୍ବତନ ଏସ୍. ପି. ଶ୍ରୀ ଦାସଙ୍କୁ ମଧ୍ୟ ସେ ଅନୁରୂପ ନିର୍ଦ୍ଦେଶ ଦେଲେ । ତା' ପରେ ହୃଷ୍ଟ ଚିତ୍ତରେ ସେ ରାତ୍ରି ଭୋଜନ ଶେଷକରି ଶୟନ କରିବାକୁ ଗଲେ ।

ତାପର ଦିନ ସକାଳ ୯'ଟା ବେଳେ ବ୍ରେକ୍‌ଫାଷ୍ଟ ଶେଷକରି ସମ୍ବାଦ ପତ୍ର ପଢ଼ୁଥିଲେ । ଠନ୍‌ଠନ୍ ହୋଇ କାନ୍ଥ ଘଡ଼ିରେ ୯'ଟା ବାଜିଲା । ଆଇ. ଜି. ସାହେବ ଗୃହିଁ ଦେଖିଲେ । ଭବାନୀବାବୁଙ୍କ ପ୍ଲେନ୍‌ଟି ଭୁବନେଶ୍ବର ବିମାନ ବନ୍ଦରରେ ଏଇ ସମୟରେ ପହଞ୍ଚିବାର କଥା । ବିମାନ ବନ୍ଦରରେ ପହଞ୍ଚି ସେ ଟେଲିଫୋନ କରିବେ ।

ଠିକ୍ ସେତିକି ବେଳେ ଟେଲିଫୋନଟା ବାଜି ଉଠିଲା । ଭବାନୀବାବୁ ଟେଲିଫୋନ କରିଛନ୍ତି ଭାବି ଆଇ. ଜି. ଖୁସି ହୋଇ ଉଠିଲେ । ରିସିଭରଟା କାନରେ ଲଗାଇ ଜାଣି ପାରିଲେ ଯେ ଭବାନୀବାବୁ ନୁହନ୍ତି— ମିଃ ମିଶ୍ର ଟେଲିଫୋନ କରୁଛନ୍ତି । ଅତ୍ୟନ୍ତ ଉତ୍ତେଜିତ କଣ୍ଠରେ ମିଶ୍ର ସାହେବ କହିଲେ—ମୁଁ ହୋଟେଲ "ପାରାଡ଼ାଇଜ"ରୁ କହୁଛି ସାର୍ । ମୁଁ ଦେଖୁଛି, ଆଇନ ଶୃଙ୍ଖଳା ଏ ସହରରୁ ସମ୍ପୂର୍ଣ୍ଣ ଲୋପ ହୋଇଗଲାଣି । ଗତ ରାତିରେ ଏ ହୋଟେଲରେ ଗୋଟାଏ ଅତି ଦୁଃସାହସିକ "ଋବରୀ" ହୋଇ ଯାଇଛି । ଦୁଇ ଜଣ ବିଶିଷ୍ଟ ବ୍ୟକ୍ତି—ଡକ୍ଟର ଆଇଜାକ ଏବଂ ତାଙ୍କର ସ୍ତ୍ରୀ ଏ ହୋଟେଲର ଗୋଟିଏ ସୁଟ୍‌ରେ ରହୁଥିଲେ । ଡକ୍ଟର ଅଇଜାକ୍ କହୁଛନ୍ତି ଯେ ଆପଣ ତାଙ୍କୁ ଚିହ୍ନନ୍ତି । ସେ ସସ୍ତ୍ରୀକ ଆପଣଙ୍କ ସଙ୍ଗେ ଥରେ ଦେଖା କରିବାକୁ ଯାଇଥିଲେ ।

—ହଁ ହଁ ଡକ୍ଟର ଆଇଜାକ ଥରେ ମୋ ସହିତ ଦେଖା କରିବାକୁ ଆସିଥିଲେ । ସେ ଦିଲ୍ଲୀର ଜଣେ ମେଡ଼ିକେଲ ରିପ୍ରେଜେଣ୍ଟେଟିଭ । ବସନ୍ତ ରୋଗର ଗୋଟାଏ ନୂଆ ପ୍ରିଭେନ୍‌ଟିଭ ତାଙ୍କ କମ୍ପାନି ଆବିଷ୍କାର କରିଛନ୍ତି । ସେଇ ଔଷଧଟିକୁ ଓଡ଼ିଶା ପୁଲିସ ଫୋର୍ସଙ୍କ ପାଇଁ କିଣିବା ପାଇଁ ମୋତେ ସେ ଅନୁରୋଧ କଲେ । ମୁଁ ତାଙ୍କୁ ଜଣାଇଲି ଯେ ମୁଁ ହେଲ୍‌ଥ ଡିରେକ୍ଟରଙ୍କ ସହିତ ଏ ବିଷୟରେ ଆଲୋଚନା କରି ତାଙ୍କୁ ଜଣାଇବି । କିନ୍ତୁ, ତାଙ୍କ ଘରେ ଚୋରମାନେ କ'ଣ ନେବାପାଇଁ ପଶିଥିଲେ । କିଛି ଚୋରି ହୋଇଛି କି ?

—ନା' ସାର୍‌, ଚୋରି କରିବାର ସୁବିଧା ହେଲାନାହିଁ । ଡକ୍ଟର ଆଇଜାକଙ୍କର ପାଟି ଶୁଣି ହୋଟେଲର ଲୋକମାନେ ଦୌଡ଼ି ଆସିଲେ । ଦୁଇଜଣଯାକ ଚୋର ଝରକା ବାଟେ ପଳାଇ ଗଲେ । ଡକ୍ଟର ଆଇଜାକ ଓ ତାଙ୍କର ପତ୍ନୀ ଶ୍ରୀମତୀ ଫ୍ଲୋରୀଙ୍କୁ ଦଉଡ଼ିରେ ବାନ୍ଧି ଦେଇ ଯାଇଥିଲେ । ଘର ଭିତରେ ଉଜ୍ଜ୍ୱଳ ବିଜୁଳି ଆଲୁଅ ଜଳୁଥିଲା । ଦୁଇଜଣ ଯାକ ଚୋରଙ୍କୁ ସେମାନେ ଖୁବ ଭଲଭାବରେ ଦେଖିଛନ୍ତି ଓ ସେମାନଙ୍କର ଚେହେରା ବର୍ଣ୍ଣନା କରୁଛନ୍ତି ।

ଆଇ. ଜି. କହିଲେ—ତା' ହେଲେତ ଚୋରମାନଙ୍କୁ ଧରିବା ଆପଣଙ୍କ ପକ୍ଷରେ ଖୁବ ସହଜ ହେବ ! ଆପଣ ଆଉ ଏପରି ବ୍ୟସ୍ତ ହେଉଛନ୍ତି କାହିଁକି ?

ମିଶ୍ର ସାହେବ କହିଲେ—ମୁଁ ଅନ୍ୟ କାରଣରେ ବ୍ୟସ୍ତ ହେଉଛି ସାର୍‌ । ଯେଉଁ ପୁରୁଣା ଡକାଏତ ଧୂର୍ଜଟୀ ଶର୍ମାଙ୍କୁ ସେଦିନ

ମି: ଦାସ ଗିରଫ ନ କରି ଛାଡ଼ି ଦେଲେ ସେଇ ଧୂର୍ଜଟୀ ସ୍ମଗ୍ଲର-ମାନଙ୍କର ନେତୃତ୍ୱ ନେଇଥିଲା । ତା' ଦେହରେ ସେଇ ଜ୍ୟୋତିଷ ପୋଷାକ ଥିଲା । ଡକ୍ଟର ଆଇଜାକ ଏବଂ ତାଙ୍କର ପତ୍ନୀ ନିର୍ଭୁଲ ଭାବରେ ତାର ବର୍ଣ୍ଣନା ଦେଇଛନ୍ତି । ସେମାନେ ଥରେ ଆପଣଙ୍କ ସଙ୍ଗେ ଦେଖା କରିବାକୁ ଚାହାନ୍ତି ।

ଆଇ. ଜି କହିଲେ—ଆଜି ଏଗାରଟା ବେଳେ ମୋ ଅଫିସର କନ୍‌ଫରେନ୍‌ସ ହଲକୁ ସେମାନଙ୍କୁ ନେଇ ଆସନ୍ତୁ । ସେଠାରେ ବହୁ ଅଭିଜ୍ଞ ପୁଲିସ ଅଫିସର ଥିବେ । ଡକାଏତଟାକୁ କିପରି ଶୀଘ୍ର ଗିରଫ କରିବାକୁ ହେବ ତା'ର ବ୍ୟବସ୍ଥା କରିବା । ଧୂର୍ଜଟୀ ଯେତେବେଳେ ଏଇ ସହରରେ ଅଛି, ତାକୁ ଗିରଫ କରିବା ଖୁବ କଷ୍ଟସାଧ୍ୟ ହେବ ନାହିଁ ।

ଆଇ: ଜି. ଟେଲିଫୋନ ଛାଡ଼ି ଦେଲେ । ତାଙ୍କ ଓଠରେ ଟିକିଏ ହସ ଫୁଟି ଉଠିଲା । ଭବାନୀବାବୁଙ୍କର ବ୍ୟବସ୍ଥା ଯେ କେତେ ବ୍ୟାପକ ଓ ସୁନିୟନ୍ତ୍ରିତ ତା' ସେ ବୁଝି ପାରିଲେ ।

× × ×

ଏଗାରଟା ବାଜିବାକୁ କିଛିକ୍ଷଣ ପୂର୍ବରୁ ଆଇ. ଜି.ଙ୍କର କନ୍‌ଫରେନ୍‌ସ ହଲକୁ ବିଭିନ୍ନ ନିମନ୍ତ୍ରିତ ବ୍ୟକ୍ତି ଆସିବାକୁ ଲାଗିଲେ । ପ୍ରେସ ରିପୋର୍ଟର ଓ ଫଟୋଗ୍ରାଫରମାନେ ଆସିଲେ । ଜିଲ୍ଲା ମାଜିଷ୍ଟ୍ରେଟ ଓ ବହୁ ଉଚ୍ଚ ପଦସ୍ଥ ରାଜକର୍ମଚାରୀ ଆସିଲେ । ଡକ୍ଟର ଆଇଜାକ ଓ ଶ୍ରୀମତୀ ଫ୍ଲେମୀଙ୍କୁ ସଙ୍ଗରେ ଧରି ମିଶ୍ର ସାହେବ ଆସିଲେ । ଗୋଇନ୍ଦା ବିଭାଗର ଡି. ଆଇ. ଜି. ଡକ୍ଟର

ଅନାଥବନ୍ଧୁ ସିହ୍ନା ଓ ପୂର୍ବତନ ଏସ୍. ପି. ମି: ଦାସ ଆସିଲେ । ଅନ୍ତ ଶେଷରେ ଆସିଲେ ପୃଥୁଳକାୟ ସୁଲତାନ ସାହେବ ଓ ତାଙ୍କର ରୂପସୀ କନ୍ୟା ସାୟୁରବାନୁ । ସେମାନଙ୍କ ସଙ୍ଗରେ କେବଳ ଘରୋଇ ମନ୍ତ୍ରୀ ମୁହମ୍ମଦ—ଆକ୍ତର ତିନଜଣ କାବିନେଟ ମନ୍ତ୍ରୀ ମଧ୍ୟ ଆସିଲେ । ସମସ୍ତଙ୍କୁ ଯଥୋଚିତ ଆସନରେ ବସାଇ ଆଇ. ଜି. ନିଜ ଚୌକିରେ ଯାଇ ବସିଲେ ।

କାନ୍ଥ ଘଡ଼ିରେ ଠନ୍ ଠନ୍ ହୋଇ ଏଗାରଟା ବାଜିବା ସଙ୍ଗେ ସଙ୍ଗେ ଘରର ପର୍ଦ୍ଦା ଟେଲି ଦୁଇଜଣ ବଳବାନ ଓ ଦୀର୍ଘ ଦେହ ବ୍ୟକ୍ତି ଘର ଭିତରେ ପ୍ରବେଶ କଲେ । ସମସ୍ତେ ଚାହିଁ ଦେଖିଲେ, ଗୋଟିଏ ଅସ୍ପଷ୍ଟ ଚାରର କଳରବ ଉଠିଲା । ଦୁଇଜଣଙ୍କ ଭିତରୁ ଜଣେ ହେଉଛନ୍ତି ଭବାନୀ ମହାପାତ୍ର । ଅନ୍ୟ ଜଣେ ଆଗନ୍ତୁକଙ୍କୁ କେହି ଚିହ୍ନି ପାରିଲେ ନାହିଁ । ଭବାନୀ ବାବୁଙ୍କ ମୁଣ୍ଡରେ ଗୋଟିଏ ବ୍ୟାଣ୍ଡେଜ ବନ୍ଧା ହୋଇଛି । କପାଳ ଦୁର୍ବଳ ଓ ରକ୍ତହୀନ ଦେଖା ଯାଉଛନ୍ତି । ମୁଣ୍ଡ ନୁଆଁଇ ସମଷ୍ଟିଗତ ଭାବରେ ସମସ୍ତଙ୍କୁ ଅଭିବାଦନ ଜଣାଇ ଭବାନୀ ବାବୁ ହାତରେ ଧରିଥିବା କେତେଗୁଡ଼ିଏ ପଦାର୍ଥ ଟେବୁଲ ଉପରେ ରଖିଲେ । ତା' ପରେ କହିଲେ—ବମ୍ବେ ଗୋଇନ୍ଦା ବିଭାଗର ସୁଯୋଗ୍ୟ ଡେପୁଟି କମିଶନର ମି: କେନେଟଙ୍କୁ ସର୍ବାଗ୍ରେ ଆପଣମାନଙ୍କ ସହିତ ପରିଚୟ କରାଇ ଦେଉଛି । ତାଙ୍କର ସାହାଯ୍ୟ ଲାଭ କରି ମୁଁ ବମ୍ବେରେ କୃତକାର୍ଯ୍ୟ ହୋଇପାରିଛି । ପୁଣି ତାଙ୍କର ମହିମାମୟୀ ପତ୍ନୀଙ୍କର ଯତ୍ନ ଓ ସେବା ଫଳରେ ମୁଁ ମୃତ୍ୟୁ ମୁଖରୁ ବଞ୍ଚିଲି ।

କିଛିକ୍ଷଣ ନୀରବ ରହି ଭବାନୀବାବୁ କହିଲେ—ଏ ରହସ୍ୟର ସମାଧାନ ହୋଇପାରିଛି । ମୁଁ ସେଇ କାହାଣୀ ଯଥାସମ୍ଭବ

ସଂକ୍ଷେପରେ ଆପଣମାନଙ୍କୁ ଶୁଣାଇବି । ଆଜି ଏଇ ସବୁ ଅପକର୍ମର ପ୍ରଧାନ ପୁରୋଧାଙ୍କୁ ଆପଣମାନଙ୍କୁ ଚିହ୍ନାଇ ଦେବି । କିନ୍ତୁ ତା' ପୂର୍ବରୁ ଶ୍ରୀମତୀ ସାପୁରବାନୁଙ୍କର ଅପହୃତ ହୀରାମାଳ ଆଇ. ଜି. ସାହେବଙ୍କ ହାତରେ ଦେଉଛନ୍ତି । ସେ ନିଜହାତରେ ସେ ବହୁମୂଲ୍ୟ ହାର ସୁଲତାନ ନନ୍ଦିନୀଙ୍କୁ ଫେରାଇ ଦେବେ ।

ଏହା କହି ଗୋଟିଏ ବାକ୍‌ସ ଭବାନୀବାବୁ ଆଇ. ଜି.ଙ୍କ ହାତକୁ ବଢ଼ାଇ ଦେଲେ । ଆଇ. ଜି. ବାକ୍‌ସଟିର ଢାଙ୍କୁଣି ଖୋଲିଦେଲେ । ଘରୋଇମନ୍ତ୍ରୀଙ୍କୁ ଦେଖାଇଲେ । ସମସ୍ତେ ଅତ୍ୟନ୍ତ ଖୁସି ହୋଇଉଠିଲେ ।

ସୁନ୍ଦରୀ ସାପୁରବାନୁ ଆଉ ନିଜକୁ ସମ୍ବରଣ କରିପାରିଲା ନାହିଁ । ନିଜର ଚୌକି ଛାଡ଼ି ହଠାତ୍ ଧାଇଁ ଆସିଲା । ହାରଟିକୁ ବାକ୍‌ସ ଭିତରୁ ଉଠାଇ ନେଇ ଖୁସିରେ କଳରବ କରି-ଉଠିଲା ।— ହଁ, ଏଇଟା ମୋ ହାର ।

ଏହା କହି ହାରଟିକୁ ବେକରେ ପିନ୍ଧିଦେଲା । ପ୍ରେସ ଫଟୋଗ୍ରାଫରମାନେ କେତେଖଣ୍ଡ ଫଟୋ ଉଠାଇନେଲେ । ହାରଟି ପିନ୍ଧି ସଗର୍ବଭଙ୍ଗୀରେ ସାପୁରବାନୁ ନିଜ ଆସନକୁ ଫେରିଯାଇ ପିତାଙ୍କ ନିକଟରେ ବସିଲା ।

ଭବାନୀବାବୁ ପୁଣି ଆରମ୍ଭ କଲେ — କେବଳ ଏଇ ବହୁମୂଲ୍ୟ ହାରଟି ନୁହେଁ । ଏଇ ମାମଲା ଗୁଡ଼ିକରେ ଅପହୃତ ହୋଇଥିବା ଆହୁରି ଅନେକ ହୀରା ଓ ଜହରତ ମୁଁ ଉଦ୍ଧାର କରି ଆଣିଛି । ସେଗୁଡ଼ିକ ମୋର ଏଇ ବ୍ୟାଗ୍‌ରେ ରହିଛି । ବାକି ସବୁ ଷ୍ଟେରମାଲ

ଆସନ୍ତା କେତେକ ମିନିଟ ଭିତରେ ଆପଣମାନେ ଏହିଠାରେ ଦେଖି ପାରିବେ । ଏହି ସ୍ଥାନରେ ଉପସ୍ଥିତ ଥିବା କେତେକ ଭଦ୍ରଲୋକଙ୍କ ନିକଟରେ ତାହା ଅଛି ।

ଯେଉଁ ମହା ସଇତାନ ଏହି ସବୁ ନରହତ୍ୟା ଓ ଲୁଣ୍ଠନ କରୁଥିଲା, ଈଶ୍ୱର ତାକୁ ଅତି ବଦାନ୍ୟଭାବରେ ଅତି ଉଚ୍ଚଶିକ୍ଷା, ବଡ଼ ଗୃହକର୍ତ୍ତା, କନ୍ଦର୍ପ ପରି କାନ୍ତି ଓ ଅତି ତୀକ୍ଷ୍ଣ ବୁଦ୍ଧି ବାଣ୍ଟି ଦେଇଥିଲେ । କିନ୍ତୁ କିପରି କେଜାଣି, ସଇତାନ ତା' ଅନ୍ତର ଭିତରେ ବାସ କରିବାକୁ ଲାଗିଲା । ସେ ହୋଇଉଠିଲା ଏକ ଅତି ଭୟାବହ ରକ୍ତଲୋଲୁପ ନରରାକ୍ଷସ । ନିଜର ସୁନ୍ଦର ରୂପର ଫାଶରେ ବନ୍ଦିକରି ସେ ବହୁ ତରୁଣୀର ସର୍ବନାଶ କରିଛି । ସୁନ୍ଦରୀ ନର୍ତ୍ତକୀ ଅଳକାନନ୍ଦା ସେଇ ଫାନ୍ଦରେ ଧରାଦେଲା । ସେ ସଇତାନଟାର ପ୍ରରୋଚନାରେ ଖୁବ୍ ଏକ ବଡ଼ ଅଙ୍କର ଜୀବନ ବୀମା କଲା । ଆଜି ସେ ବିପୁଳ ଅର୍ଥରୁ ନିଜର ଆତ୍ମୀୟ ସ୍ୱଜନଙ୍କୁ ବଞ୍ଚିତ କରି ସେଇ ସଇତାନର ଉପଦେଶରେ ଲେଡ଼ି ଡାକ୍ତର ସଂଘମିତ୍ରାକୁ ସେ ଅର୍ଥର ଉତ୍ତରାଧିକାରୀ କଲା । ଅଳକା ଜାଣିପାରିଲା ନାହିଁ ଯେ ପିଶାଚଟା ସଂଘମିତ୍ରାକୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ତା' ସହିତ ମଧ୍ୟ ପ୍ରେମର ଅଭିନୟ କରୁଥିଲା । କେତେ ଯେ ଛଳନାଭରା ପ୍ରେମପତ୍ର ଲେଖିଛି । ତା'ର ହିସାବ ନାହିଁ । ରୂପହୀନା ତରୁଣୀ ସଂଘମିତ୍ରା ଅତି ସରଳ ବିଶ୍ୱାସରେ ତାକୁ ସର୍ବସ୍ୱ ଦାନକରି କେତେ ରଙ୍ଗୀନ ସ୍ୱପ୍ନ ଦେଖୁଥିଲା । ଘଟଣା ଚକ୍ରରେ ସେସବୁ ପ୍ରେମପତ୍ର ମୋର ହସ୍ତଗତ ହୋଇଛି ।

ତେଣେ ନର୍ତ୍ତକୀ ଅଳକାନନ୍ଦାକୁ ନିଜର ଏକ ଅସ୍ତ୍ରରୂପେ ବ୍ୟବହାର କରି ତା'ର ଦ୍ୱାରା ସାପୁରବାନୁଙ୍କର ବହୁମୂଲ୍ୟ ହୀରାମାଳ

ଦ୍ୱେର କରାଇଲା । କିନ୍ତୁ ଅଳକା ସେ ଅପୂର୍ବମାଳଟି ହସ୍ତଗତ କରି ଆଜି ତାହା ସେ ରାକ୍ଷସକୁ ଫେରାଇଲା ନାହିଁ । ଅତଏବ ପିଶାଚଟା ଠିକ୍ କଲା ଯେ ଅଳକାକୁ ମାରିବାକୁ ହେବ । ଯେଉଁଦିନ ସେ ଅଳକାକୁ ହତ୍ୟା କରିବାର ଯୋଜନା କରିଥିଲା ସେଇ ଦିନ ଅପରାହ୍ଣରେ ସେ ନିଜେ ଯାଇ ଅଳକାର ଇନ୍‌ସୁରେନ୍‌ସ ପ୍ରିମିୟମ ଦେଇ ରସିଦ ଆଣିଲା । ଧୂର୍ଜଟିର ଭଙ୍ଗା ଘରେ ପଶି ସେ ଅଳକାକୁ ହତ୍ୟାକଲା ଏବଂ ତା ହାତ ବ୍ୟାଗରେ ଇନ୍‌ସୁରେନ୍‌ସ ରସିଦଟି ରଖିଦେଲା । କିନ୍ତୁ ଦୁର୍ଭାଗ୍ୟ କ୍ରମେ ସେ କାଗଜ ଖଣ୍ଡିକ ଦେହରେ ତାର ଗୋଟିଏ ଅଙ୍ଗୁଳି ଚିହ୍ନ ଲାଗିଯାଇଥିଲା । ତା'ର ଅକାଟ୍ୟ ପ୍ରମାଣ ମୋ ନିକଟରେ ଅଛି । ସେଦିନ ରାତିରେ ଅଳକାକୁ ସେ ହତ୍ୟାକଲା ସତ, କିନ୍ତୁ ତା' ନିକଟରୁ ହୀରାମାଳଟି ପାଇଲା ନାହିଁ । ତା' ପୂର୍ବରୁ ଅଳକା ସେ ମାଳାଟି ଗୋଟିଏ ଗାତ ଭିତରେ ପୂରାଇ ଦେଇଥିଲା । ପୁଲିସ କୁକୁର ସାରଲକ୍ ତାହା ଉଦ୍ଧାର କଲା ।

ଏତିକି ବେଳେ ମିଶ୍ର ସାହେବ ନିଜ ଚୌକିରୁ ଉଠି ଅନ୍ୟ ଖଣ୍ଡିଏ ଚୌକିରେ ଯାଇ ବସିଲେ । ସମସ୍ତେ ତାଙ୍କୁ ଚାହିଁଲେ । ଭବାନୀବାବୁ ଚିତ୍କାର କରି ଉଠିଲେ—ଧର ଧର ଆସାମୀକୁ ଧର !

ଅନ୍ୟ କେହି କିଛି କରିବା ପୂର୍ବରୁ ଭବାନୀବାବୁ ବିଜୁଳି ବେଗରେ ଧାଇଁଯାଇ ପୁଲିସ ବିଜ୍ଞାନଗାର ଅଧ୍ୟକ୍ଷ ଅନାଥବନ୍ଧୁ ଙ୍କୁ କୁଣ୍ଢାଇ ଧରିଲେ । ଡକ୍ଟର ସିହ୍ନାଙ୍କ ହାତରେ ଗୋଟିଏ ରିଭଲଭର । ଆଇ. ଜି.ଙ୍କ ଆଦେଶରେ ଦୁଇଜଣ ଇନ୍‌ସପେକ୍ଟର ଦୌଡ଼ିଯାଇ ଡକ୍ଟର ସିହ୍ନାଙ୍କ ହାତରେ ହାତକଡ଼ା ପିନ୍ଧାଇ ଦେଲେ ।

ଠିକ୍ ସେତିକିବେଳେ ଶ୍ରୀମତୀ ପ୍ରେମୀ ଛିଡ଼ାହୋଇ ତାଙ୍କ ହାତ ବ୍ୟାଗଟି ଖୋଲିବାକୁ ଯାଉଥିଲେ । ଭବାନୀବାବୁ ପ୍ରେମୀ ଓ ଡକ୍ଟର ଆଇଜାକଙ୍କ ଆଡ଼କୁ ରିଭଲଭର ଲକ୍ଷ୍ୟ କରି ଗମ୍ଭୀର କଣ୍ଠରେ ଆଦେଶ ଦେଲେ—ଦୁଇଜଣଯାକ ହାତ ଉପରକୁ ଟେକି ଛିଡ଼ାହୁଅ ।

ଶ୍ରୀମତୀ ଭେରୋନିକା ସାମୁଏଲ, ତୁମକୁ ମୁଁ ପ୍ରଥମ ଦର୍ଶନରେ ହିଁ ଚିହ୍ନି ପାରିଥିଲି । ଅବଶ୍ୟ ତୁମର ଗୁଣାବଳୀ ବିଷୟରେ ମିଃ ବେନେଟ୍ ଓ ବମ୍ବେର କଷ୍ଟମ ବିଭାଗ ମୋତେ ସବୁକଥା ଜଣାଇଲେ । ବେନେଟ୍ ସାହେବ ତୁମରିପାଇଁ ବମ୍ବେରୁ ଏତେବାଟ ଧାଇଁ ଆସିଛନ୍ତି ।

ତା'ପରେ ମିଃ ମିଶ୍ରଙ୍କୁ ଚାହିଁ କହିଲେ—ମିଃ ମିଶ୍ର, ଏଇ ସୁନ୍ଦରୀ ତରୁଣୀ—ଯେ କି ୧୯୬୭ ମସିହାରେ ମିସ୍‌ଇଣ୍ଡିଆ ଉପାଧି ପାଇଥିଲା, ତା' ହାତ ବ୍ୟାଗ୍ ଭିତରେ ଗୋଟିଏ ସାଙ୍ଘାତିକ ରିଭଲଭର ରଖିଛି ଏବଂ ତାର ଲକ୍ଷ୍ୟ ଅତି ଅବ୍ୟର୍ଥ । ଅବିଳମ୍ବେ ତାର ସଙ୍ଗୀ ହାତରେ ହାତକଡ଼ି ପିନ୍ଧାଇ ଦିଅନ୍ତୁ । ଆଉ ଡକ୍ଟର ଆଇଜାକର ପୋର୍ଟଫୋଲିଓ ଖୋଲି ଦେଖନ୍ତୁ । ଅପହୃତ ଜହରତର ଅବଶିଷ୍ଟଗୁଡ଼ିକ ପାଇବେ ।

ଏହି ସମୟରେ ଇଉସୁଫ୍ ସେଠାରେ ଆସି ପହଞ୍ଚିଲା । ତା ହାତରେ ଗୋଟିଏ ବଡ଼ ହାତ ବ୍ୟାଗ ।—ସାର୍ ଡକ୍ଟର ସିହ୍ନାଙ୍କ ଘର ତଲାସ କରି ଦୁଇଲକ୍ଷ ଟଙ୍କା ଜବତ କରିଛି । ସବୁଗୁଡ଼ିକ ଲେଡ଼ି ଡାକ୍ତର ସଂଘମିତ୍ରଙ୍କୁ ଇନ୍‌ସୁରେନ୍‌ସ କମ୍ପାନୀ ଦେଇଥିବା ନୋଟ ନମ୍ବର ମିଳିଯାଉଛି ।

ଆଇ. ଜି. ଏବେ ସବୁ ବୁଝିପାରିଲେ । ଏସ୍. ପି. ମି: ଦାସଙ୍କ ନିକଟକୁ ଆସି କହିଲେ—କ୍ଷମା କରନ୍ତୁ ମି. ଦାସ । ପ୍ରଚଣ୍ଡ ଗୋଟାଏ ପ୍ରତାରଣା ଉପରେ ବିଶ୍ବାସ କରି ମୁଁ ଆପଣଙ୍କ ପରି ସାଧୁ ଓ ସଚ୍ଚରିତ୍ର ବ୍ୟକ୍ତିଙ୍କୁ ଭୁଲ ବୁଝିଥିଲି ।

---

ଅନୁଗୋଳ

ତା ୧୫-୧୨-୧୯୬୯